# ଓଡ଼ିଆ-ଗୋଣ୍ଡି
# ଶବ୍ଦକୋଷ

ଜନଜାତି • ସଂସ୍କୃତି • ପ୍ରଗତି


**ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ନବରଙ୍ଗପୁର**

ଯୋଜନା ଓ ସଂଯୋଜନ ବିଭାଗ

ଓଡ଼ିଶା ସରକାର

# ଓଡ଼ିଆ - ଗୋଣ୍ଡି ଶବ୍ଦକୋଷ


**ସଂକଳନ :**

ଶ୍ରୀ ପିଲିସାଏ ଗଣ୍ଡ

ଶ୍ରୀ ମଣିରାମ ଗଣ୍ଡ

ଶ୍ରୀ ଭିଙ୍ଗୁରାମ ଗଣ୍ଡ



**ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ନବରଙ୍ଗପୁର**

ଯୋଜନା ଓ ସଂଯୋଜନ ବିଭାଗ

ଓଡ଼ିଶା ସରକାର

# ଓଡ଼ିଆ - ଗୋଣ୍ଡି ଶବ୍ଦକୋଷ


**ସଂକଳନ** : ଶ୍ରୀ ପିଲିସାଏ ଗଣ୍ଡ
ଶ୍ରୀ ମଣିରାମ ଗଣ୍ଡ
ଶ୍ରୀ ଭିଙ୍ଗୁରାମ ଗଣ୍ଡ



**ପ୍ରକାଶକ** : ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ନବରଙ୍ଗପୁର
ଯୋଜନା ଓ ସଂଯୋଜନ ବିଭାଗ,
ଓଡ଼ିଶା ସରକାର

**ପ୍ରଥମ ପ୍ରକାଶ** : ନଭେମ୍ବର, ୨୦୧୮

**ମୁଦ୍ରଣ** : ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର


# ODIA-GONDI - SABDAKOSH


**Compilation** : Sri Pilisai Gond
Sri Maniram Gond
Sri Bhinguram Gond



**Publisher** : Special Development Council, Nawarangpur
Planning & Convergence Department,
Government of Odisha

**First Edition** : November, 2018

**Printed at** : Odisha State Bureau of Textbook Preparation and Production,
Bhubaneswar

# ମୁଖବନ୍ଧ

ଓଡ଼ିଶାରେ ବସବାସ କରୁଥିବା ଜନଜାତି ମାନଙ୍କର ସଂସ୍କୃତି ଖୁବ୍ ପ୍ରାଚୀନ। ସେମାନଙ୍କ ଦୈନନ୍ଦିନ ଜୀବନଚର୍ଯ୍ୟା, ପୂଜା ପାର୍ବଣ, ଭାଷା, ଲୋକ ପରଂପରା ଅନ୍ୟମାନଙ୍କ ଠାରୁ ଖୁବ୍ ନିଆରା। ନିଜ ପରିବେଶ ଆଧାରିତ ଭାଷା-ସଂସ୍କୃତି-କଳା- ପାରଂପରିକ ଜ୍ଞାନ କୌଶଳ ସେମାନଙ୍କ ଜୀବନ ସହ ପ୍ରବାହମାନ । ମୁଖ୍ୟ ସ୍ରୋତ ଠାରୁ ଦୂରରେ ରହି ମଧ୍ୟ ଏମାନଙ୍କ ସଂଗ୍ରାମ ଓ ସ୍ୱାଭିମାନ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ। ବାହ୍ୟ ସଂସ୍କୃତିର ପ୍ରଭାବ ଓ ବୈଦ୍ୟୁତିକ ଯୋଗାଯୋଗ ବ୍ୟବସ୍ଥା କ୍ଷୀପ୍ରତର ହେବା ଦ୍ୱାରା ସଂପ୍ରତି ତାଙ୍କର ଭାଷା- ସଂସ୍କୃତିରେ ପରିବର୍ତ୍ତନ ପରିଲିକ୍ଷିତ ହେବାରେ ଲାଗିଛି। ଏହି ପରିବର୍ତ୍ତନରେ ତାଙ୍କ ପାରମ୍ପରିକ ସାମାଜିକ- ସାଂସ୍କୃତିକ ବ୍ୟବସ୍ଥା ଏକ ଘଡିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି । ଜନଜାତି ସମାଜ ନିଜ ସଂସ୍କୃତି ପରିସରରୁ ବାହାରି ମୁଖ୍ୟ ସ୍ରୋତ ସହ ସାମିଲ ହେବା ପ୍ରକ୍ରିୟାରେ ଭାଷା ହେଉଛି ଏକ ପ୍ରମୁଖ ମାଧ୍ୟମ। ଭାଷା ହେଉଛି ପରମ୍ପରା ଓ ପ୍ରଗତିର ଏକ ସଂଯୋଜକ ସେତୁ ବିକାଶକୁ ଯୋଡ଼ିବାର ମୁଖ୍ୟ ମାର୍ଗ । ନିଜ ଭାଷା ମାଧ୍ୟମରେ ବିକାଶର ଭାଷାକୁ ବୁଝି ପାରିଲେ ଜନଜାତିଙ୍କ ଉନ୍ନୟନର ମାର୍ଗ ପ୍ରଶସ୍ତ ହୋଇ ପାରିବ ।

ଉନ୍ନୟନ ବ୍ୟବସ୍ଥାର ଅନ୍ୟତମ ମୁଖ୍ୟ ଅଂଗ ହେଲା ଶିକ୍ଷା। ଶିକ୍ଷା ବ୍ୟବସ୍ଥାର ଆଦ୍ୟ ସୋପାନରେ ଶିଶୁ ସହ ପରିଚିତ ହେବା ଅର୍ଥ ତା ଭାଷା ସହ ପରିଚିତ ହେବା। ଶିଶୁ ତା ଆଦ୍ୟ ବୟସରେ ମା'ର ଭାଷା ସହ ପରିଚିତ ହୋଇଥାଏ। ତେଣୁ ଶିଶୁର ମାତୃଭାଷା ସହ ନିଜକୁ ସାମିଲ କରାଇ ତାକୁ ଶିକ୍ଷା ବ୍ୟବସ୍ଥା ସହ ଯୋଡିବାର ଆବଶ୍ୟକତା ରହିଥାଏ । ଶିଶୁ ତା' ଭାଷାରେ ତା ଜଗତକୁ, ପ୍ରକାରାନ୍ତରେ ତା ସଂସ୍କୃତି ସହ ପରିଚିତ ହୋଇଥାଏ । ଏଣୁ ଶିଶୁକୁ ଶିକ୍ଷାଦାନ କରିବା ମାଧ୍ୟମରେ ଶିକ୍ଷାର ମାର୍ଗ ପ୍ରଶସ୍ତ କରିବା ଅର୍ଥ ଜନଜାତି ଭାଷା ଓ ସଂସ୍କୃତିକୁ ଜାଣିବା ।

ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଭାଷାର ଆବଶ୍ୟକତାକୁ ଆଖି ଆଗରେ ରଖି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଜନଜାତି ଅଂଚଳର ପ୍ରମୁଖ ୨୧ଗୋଟି ଭାଷା ଉପରେ ଦ୍ୱିଭାଷୀ ଶବ୍ଦକୋଷ ପ୍ରଣୟନ କରିଛି। ଏହା ଏକ ପ୍ରାରମ୍ଭିକ ଉପକ୍ରମ। ଜନଜାତି ଭାଷା ଗୁଡ଼ିକର ଏକ ପୂର୍ଣ୍ଣାଙ୍ଗ ଶବ୍ଦକୋଷ ପ୍ରଣୟନର ଆବଶ୍ୟକତା ରହିଛି। ଏହା କଲେ ଜନଜାତି ସଂସ୍କୃତିର ସଂରକ୍ଷଣ ସମ୍ଭବ ହୋଇପାରିବ।

ଜନଜାତି ଭାଷା ଗୁଡ଼ିକର ଆଂଚଳିକ ଭେଦ ରହିଛି। କେଉଁଠି ବଂଶ ଆଧାରରେ ତ କେଉଁଠି ଭୌଗୋଳିକ ଆଧାରରେ ଏହି ଭେଦ ଜଣାପଡ଼େ । ଏହା ମୁଖ୍ୟତଃ ସ୍ୱନିମିକ । ତେବେ ବସ୍ତୁ ସଂସ୍କୃତିରେ କିଛି ଆଗତ ଶବ୍ଦ ମଧ୍ୟ ଭାଷାକୁ ସଂକ୍ରମିତ କରିଥିବାରୁ ପାର୍ଥକ୍ୟ ରହିବା ସ୍ୱଭାବିକ। ପ୍ରସଂଗକୁ ଜାଣିଲେ ଶବ୍ଦର ଅର୍ଥ ପାଇବାରେ କୌଣସି ଅସୁବିଧା ନ ଥାଏ। ତେବେ ବିଭିନ୍ନ ଅଂଚଳର ଭାଷାକୁ ସ୍ଥାନୀତ କରିବା ସୀମିତ ସମୟ ମଧ୍ୟରେ ସମ୍ଭବପର ହେଉ ନଥିବାରୁ ସଂକଳିତ ଶବ୍ଦକୋଷ ନବରଙ୍ଗପୁର ଜିଲ୍ଲାର ରାଇଘର ଅଂଚଳର ଭାଷାକୁ ଆଧାର କରି ପ୍ରସ୍ତୁତ କରାଯାଇଛି । ଗୋଣ୍ଡି ଭାଷା ନବରଙ୍ଗପୁର ଜିଲ୍ଲାରେ ସୀମିତ ରହିଥିଲେ ମଧ୍ୟ ପଡ଼ୋଶୀ ଛତିଶଗଡ଼ର ପ୍ରଭାବ ପ୍ରଭୂତ ରହିଛି । ଛତିଶଗଡ଼ର ସଂଖ୍ୟାଗରିଷ୍ଠ ଗୋଣ୍ଡ ଜନଜାତି ସଂପ୍ରତି ଛତିଶଗଡ଼ ଦ୍ୱାରା ସଂକ୍ରମିତ ଏବଂ ନବରଙ୍ଗପୁର ସହିତ ଏମାନଙ୍କ ସାମାଜିକ - ସାଂସ୍କୃତିକ - ଅର୍ଥନୈତିକ ସଂପୃକ୍ତି ଥିବାରୁ ଭାଷାରେ ମଧ୍ୟ ତାର ପ୍ରଭାବ ସ୍ପଷ୍ଟ ପରିଲିକ୍ଷିତ ।

ଆମେ ଆଶା କରୁଛୁ ପ୍ରସ୍ତୁତ **ଓଡ଼ିଆ - ଗୋଣ୍ଡି - ଶବ୍ଦକୋଷ**କୁ ପାଠକେ ଉଦାରତାର ସହ ଗ୍ରହଣ କରିବେ ଏବଂ ଉଦ୍ଦେଶ୍ୟ ସାଧନ ଦିଗରେ ଆମକୁ ସହଯୋଗ କରିବେ ବୋଲି ଆଶା ଓ ବିଶ୍ୱାସ ।

**ଶ୍ରୀ ମୋତିରାମ ନାଏକ**
**ଅଧ୍ୟକ୍ଷ**
**ସ୍ୱତନ୍ତ୍ର ଉନ୍ନୟନ ପରିଷଦ**
**ନବରଙ୍ଗପୁର**

# କୃଷିଯନ୍ତ୍ରପାତି (କୃଷି ଯନ୍ତ୍ରପାତି)

| | | |
|---|---|---|
| କଳ ଲଙ୍ଗଳ | : ଟାକ୍ଟର ଲାଙ୍ଗଲ୍ ଆନେ ହଲ୍ କଲେ ଦୁବଝାଡ଼ ମନ୍ ମରସି। | : ଟେକ୍ଟେର ତେ ହେଡ଼ପୁହତେକ୍ ଦୂବିଲାଟା ହାୟାଲ୍। |
| ଲଙ୍ଗଳ | : ଆମର ଲୋକ ମନ୍ ଦାରୁର ଲାଙ୍ଗଲ ସଂଗେ ହଲ କରବାୟ୍। | : ମାଓ୍ୱଡ଼୍ ମାନେୟ ଲୋଡ଼୍ ମାଡାତା ହେଡ଼୍ ପୁହ ଲାତଡ଼୍। |
| କୋଦାଳ | : କଡ଼କି ଆନେ ମାଟି ଖଡଲେ ମାଟି ନୁନ୍ଧୁ ଖଡ଼ି ଏଇସି। | : କୁଦାଡ଼ ତେ ତଡିୟ କାଡ଼ତେକ୍ ଆଚ୍ୟ ଖାଡ଼ି ଆୟାଲ୍। |
| କୁରାଢି | : ବଡ଼ ବଡ଼୍ ଦାରୁମନକେ ନୁକୁ ପଡ଼ା କରି ଏଇସି। | : ହଜହ ହଜହ କାଟ୍ୟା କୁନ୍ ଆଚ୍ୟ ପହି କିଇ ଆୟାଲ୍। |
| ଖୁରୁପୀ | : ଖୁସୁନି ଆନେ ଗଚ ଗରବାଟେ ମାଟି ଉଷାସ୍ ଏଇସି। | : ଖୁସୁନିତେ ମାଡ଼ାତା ଉଣ୍ଡିଭଅଁର କଡ଼କି କିତେକ୍ ତଡିୟ ଉଷାସ୍ ଆୟାଲ୍। |
| ଦାଆ | : ଧାନ୍ କାଟ୍‌ବାକେ ଇଳା ଲଡ଼ା ଏଇସି। | : ଅଂଜିଁ କୟାନାତେ ହାଟାଡ଼୍ ଦରକାର। |
| ଫାଳ | : ଲାଙ୍ଗଲ୍ ଆନେ ଫାଲ ଲାଗଲେ ନୁକୁ କରି ହଲ କରି ଏଇସି। | : ନାଙ୍ଗେଲତେ ଲୋହା ତାସ୍‌ତେକ୍ ଆଛା କିସି ହେଡ଼୍ ପୁହି ଆୟାଡ଼୍। |
| ଜୁଆଳି | : ବାଗ୍ଗମନକେ ହଲ କରବାକେ ଜୁଆଡି ଲୋଡ଼ା ଅଇସି। | : କୁରାଁକୁନ୍ ହେଡ ପୁହଲା ଜୁଆଁଡ଼୍ ଲାଗାଲ୍। |
| ତେଣ୍ଡା | : ପାନି ତେଣ୍ଡାଆନେ ଉଠାଇ ନାଲକେ ଦେଲେ ପାନି ଗଚ୍‌ମନ୍ କେ ଆଇସି। | : ଏର୍ ଟେଣ୍ଡା ତେ ଟେଣ୍ଡି କିସିନାଲ ତେହିସି ପଦଲାନେ ଏରହନ୍ଦାଡ଼୍। |
| ହାତୁଡ଼ି | : ଖୁଟି ମାରବା କାଜେ ମୁଟୁଲା ଲୋଡ଼ା ଏଇସି। | : ଖୁଟି ହରଚିଲା ମୁଟ୍‌ଲା ଦରକାର ଆୟାଡ଼୍। |
| ନଡ଼ାକଟା ଯନ୍ତ୍ର: | କର୍ କାଟବା ମିଶିନ୍ ଆନେ କର୍ କାଟଲେ ଛତୁ ଚ୍ଷ କେ କାମ ଦେଇସି। | : ପିଡି ଆସ୍କାନା ମିଶିନ୍ ପିଡି ଆସ୍କତେକ୍ କୁହକ୍ ଚାଷତେ କାମ ହିଆଲ୍। |
| ଢେଙ୍କି | : ଧାନଢେକି ଆନେ ଧାନ୍ କୁଟବାର୍। | : ଅଞ୍ଜି ଢେକିତେ ଅଞ୍ଜି ଉସାନା ଆନ୍ଦ୍। |
| ବାହୁଙ୍ଗି | : ମନୁଷମନ୍ କାଉଡ଼ିକରି ପାନି ବଇବାୟ୍। | : ମାନେୟ ଲୋଡ଼ କାଉଡ଼ିତେ ଏର୍ କାଂଜାନୁଡ଼୍। |
| ଫାଉଡ଼ା | : ମାଇଜିମନ୍ ଗାମଲାତାନେ ବାଲିରାପି ଟାକଟର୍‌ଆନେ ପକାଇଲେନି। | : ଆସକ ଲ୍ରିଁ ରାପାକୁଦାଡ଼ ତେ ବାଲି ସକ୍‌ଲି କିଶି ଟେକ୍ଟେରତେ ଦଶ୍ଲୁତାଁ। |
| ମଇ | : ବିଅନ ବୁନବାର ପଚେ ପାଟାମାର ବାର୍। | : ୱିଜା ୱିତ୍‌ଲେପଜା କପଡ୍ ଜିଆନାଆନ୍ଧ୍ |
| କରତ | : ଶୁକୁଲା ଦାରୁର ଗଣ୍ଡି କେ କାଟ୍‌ବାକେ କରତ ଲୋଡ଼ା ଏଇସି। | : ଅତ୍‌ଲେମଡ଼ାତୁନ୍ ଅଡ୍‌କିଲା ଆରି ଦର୍‌କାର୍ ଆୟାଲ୍। |
| ସଣ୍ଡୁଆସୀ | : ସୁନା ବନାୟବା ଲୋକ ଲଗେ ଚିମଟା ରେଇସି | : ସୋନା ବାନାହ୍ କେଓ୍ୱାଲ ମାନେୟ ନିଗା ଚିମଟା ମନ୍ଦାଡ଼୍ । |
| କୃଷି | : ଆମର ଗାଁଅ ଆଗ ତାନ୍‌ଲେ ଚ୍ଷ ଏଲାନି। | : ମାଓ୍ୱା ୱାଡାତେତଲେୟତାହ୍ ଚାଷ୍ ଆତାଲ୍ । |
| ଅନୁର୍ବର | : ପଡ଼ିଆ ଜମିଆନେ ଭାଲିଆ, ମାଣ୍ଡିଆ, ଚ୍ଷ ଏଇସି। | : ପଡ୍ୟାନେଲିତେ କାଜୁ, ଗରାଁ ଚ୍ଷ୍ ଆୟାଡ଼୍। |

| | | |
|---|---|---|
| ଉର୍ବର | ଖଡୁଆ ବେଡ଼ା ଆନେ ଧାନ ପାଚି ନୁକୁ ଏଇସି । | ଉସାସ୍ ୱେଡାତେ ଅଂଜିଁ ଫସଲ ଆଛା ଆୟାନୁଁ। |
| କୃଷକ | ରାମର ବୁଆ ଗଟ୍‌କ ଋଷି ଆୟ । | ରାମନା ବୁବାଲ୍ ଅରଡ୍ ଚାଷି ଆନ୍ଦୁଡ୍ । |
| ଜମି | ଜଗନ୍ନାଥର୍ ବେଡ଼ାକୁଡ଼ା ଜବର ଆଚେ । | ଜଗନ୍ନାଥନା ୱେଡ଼ାକାଡ଼ା ଆଚାୟମନ୍ତା । |
| ଉତ୍ପାଦନ | ରାମ ତାର ଖଡୁଆ ଜମିର ନି ଧାନ୍ ପାଋଇଲାନି । | ରାମନା ଉସାସ୍ ନେଲିତାଁ ଅଂଜି ପଣ୍ଡ୍‌ତୁଁ । |
| ନଦୀ | କଲାବ୍ ଗାଡ଼କେ ଡେମ୍ ବାନ୍ଦବାକେ ଅମର ଡେମ୍ ହେଲା ଆଚେ । | କାଲାବ ନଂଦୀତୁନ୍ ଡେମ୍ ଦୋହ୍ନାକେ ଯୁଗବଂଦି ଡେମ ଆତ୍ । |
| ନାଳ | ନାଲର ପାନି ନଦି ଆନେ ଗାଲାନି । | ନାଲତା ଏର୍ କଦ୍ରାତେ ହଂନ୍ତା । |
| ପୋଖରୀ | ବନ୍ଧେ ଜବର୍ ମାଚ୍ ଆଚେ । | ଡବ୍‌ରିତେ ଆଚାୟ୍ ମିନ୍‌କ୍ ମନ୍ତାଁ। |
| ଜଳ ସେଚନ | ଜମି ଆନେ ପାନି ମଡ଼ାଇଲେ । | ୱେଡାତେ ଏର୍ ମାଡାହ୍ କିଆନା ଆନ୍ଦ୍ । |
| ଋତୁ | ଆମର ଗାଅ ଦିନ୍ ଦେଖି ପରବ ଏଇସି । | ମାଓ୍ୱା ଓ୍ୱାଡାତେ ଦିନ୍ନାହୁଡ୍‌ସି ତିହାର୍ ଆୟାଡ୍ । |
| ବର୍ଷାଋତୁ | ବର୍ଷାଦିନେ ଧାନ୍ ଋଷ ଏଇସି । | ପିର୍‌ଦିନା ଅଂଜିଁ ଚାଷ୍ ଆୟାଡ୍ । |
| ବନ୍ୟା | ପାନି ଜବର୍ ମାରଲେ ସରି ନଦିତାନେ ପୁର୍ ଆଇସି । | ପିର ଆଚାୟ ଜିତେକ୍ ହରିଁ କଦ୍ରାନେଉଷା ଓ୍ୱାୟାଡ୍ । |
| ଖରା | ଖରା ଏଲେ ନଦିବନ୍ଧ, ନାଲର ପାନି ଶୁକି ଯାଇସି । | ଆଦି ଆତେକ୍ ଡବ୍‌ଡି ବାନ୍ଧାଁ ନାଳକ୍‌ନାଁ ଏହକ୍ ଆଟେ ମାୟାନୁଁ । |
| ଗରମ | ତପ୍‌ଲା ଭାତ କାକର ଦିନେ ଖାଇବାଟା ନୁକୁ । | କାସ୍‌ଲେ ଜଉଡି ପିନ୍ନି ଦିନ୍ନା ତିନ୍ଦାନା ଆଚାଆନ୍ଦ୍ । |
| ଉତ୍ତାପ | ଖରା ଦିନେ ବାଟମାନ ତପ୍‌ସି । | ଆଦିହୋକା ହରିଁ କାସାନୁଁ । |
| ସୂର୍ଯ୍ୟ କିରଣ | ଜଗତ୍ କେ ସୁରଜ୍ ଉଜଲ, ଦେକାଇଶି । | ସଂସାର୍‌ତେ ପୋଡଦ୍ ୱେଡ୍‌ଚି ତୋହାଡ୍ |
| ପାଣି | ନଲ କୁଆର ପାନି ନୁକୁ । | ନଳ କୂଆଁ ତା ଏର୍ ଆଛାଆନ୍ଦ୍ । |
| ପବନ | ତୁଲସି ଗଚର ପବନ ଗାଗଡ଼କେ ନୁକୁ । | ତୁଳସୀ ମଡାତାଁ ଓ୍ୱଡ଼ିୟ ମେନ୍ଦଲ୍ କା ଆଛା ଆନ୍ଦ୍ । |
| ଉତ୍ତାପ | ଖରା ଦିନେ ବାଟମାନ ତପ୍‌ସି । | ଆଦିହୋକା ହରିଁ କାସାନୁଁ । |
| ଆଲୋକ | ଉଜଲ ନା ରେଲେ ଜିଇ ନାଅଏ । | ୱେଡଛି ହିଲ ୱେକ୍ ପିସି ଆୟୋ । |
| ଅଙ୍କୁରୋଦଗମ | ଜମି ଆନେ ବିଅନ୍ ପକାଇଲେ ସରିଗାଜା ଏଇସି । | ନେଲିତେ ଓ୍ୱିଜା ଓ୍ୱିତ୍‌ତେକ୍ ବିଲ୍‌କୁଲ୍ ଗାଜା ଆୟାନୁଁ । |
| ବିହନ | ଏସୁ ସବୁଲୋକ ଜନା ବିଅନ୍ ରପଲା ଆଚତ୍ । | ଏସୁ ସବ୍‌ମାନେୟ ଜନ୍ଦ୍ରା ଓ୍ୱିଜା ଉରସ୍ ତୋଡ୍ । |
| ଖତ | ଜମିଆନେ ଖତ ପକାଇଲେ ସରି ପାଚି ନିକ ଏଇସି । | ନେଲିତେ ଖତ୍ ହିତେକ୍ ଫସଲ ଅଛା ଆୟାଡ୍ । |
| ଗୋଚର | ଗଚର ଜମିଆନେ ଗୋରୁ, ଛେଳି ଚରବାଏ । | ଗୋଚରୀ ନେଲିତେ କନ୍ଦାଁ, ମୁୟାଁ,ଏଟି ମୟାନୁଁ । |
| ରୁଆ | ଧାନ ପାଲାକେ ରପା କଲେ ପାଚି ନିମାନ ଏଇସି । | ଅଂଜିଁ ପଡ୍‌ହାତୁନ୍ ରୋପା କିତେକ୍ ଫସଲ ଆଛା ଆୟାଡ୍ । |
| ଖଳା | କଟାର ଥାନେ ଧାନା ମଣ୍ଡାଳି ହେଇସି । | ଖଡାତେ ଅଂଜି କୁଫାଁ ରଛି କିୟାନା ଆନ୍ଦ୍ । |

| | | | | |
|---|---|---|---|---|
| ଫସଲ | : | ସମାରୁ ତାର୍ ବେଢ଼ାଏ ଦୁଇପାଚି କରସି। | : | ସମାରୁ ଓନ୍ନା ଓ୍ୱେଡାତେ ରଣ୍ଡ୍ ଫସଲ୍ କିନ୍ତୋଡ଼୍। |
| ନଡ଼ା | : | ଗାଁ ମନ୍‌କେ କର୍ ଛଇଲା ଘର ମନ୍ ଜବର ଆଚେ। | : | ଓ୍ୱାଡାତେ ପିଡି ଓ୍ୱେସ୍‌ଲେଁ ଲୋହ୍‌କ୍ ଆଛାୟ୍ ମନ୍ତାଁ। |
| ଘାସକୁଟା | : | ବଇଁସା, ବୁଇଲ୍, ମନ ଘାସ କର୍ ଖାଇବାଏ। | : | ଭଇଁଷାଆଁ, କୋନ୍ଧାଁଗଲା ଲାଟା ପିଡି ତିନ୍ତା। |
| ବଳଦଗାଡ଼ି | : | ଶଗଡ଼ ଆନେ ବାସ୍ତା ଲଦିକରି ହାଟେ ନେବାର। | : | ଗାଡାନେଁ ପୋତାଁ ପର୍‌ସି ହାଟୁମ୍‌ତେ ଓନ୍ତଡ୍। |

## ଗଛଲତା (ଗଛ, ଲାଟା, ମାଲ)

| | | | | |
|---|---|---|---|---|
| ଗଛ | : | ବାଟ୍ ପାଲିକେ ଗଚ୍‌ମନ୍ ରପଲେ ନିକ ରେଇସି। | : | ହରି ଦଡିତେ ମାଡାକ୍ ଉର୍‌ସ୍ତେକ୍ ଆଛାମନ୍ଧାଡ୍। |
| ଲତା | : | ସେମି ମାଲ୍ ଆନେ ସେମି ଧରସି। | : | ଜାଟାଁ ଟଣ୍ଡାନେ ଝାଟାଁ ହାଡାନୁଂ। |
| ଛୋଟ ଗଛ | : | ଭାଜି ଶାଗ ତୁଲସି ହେଲାନି ସାନଗଚ୍। | : | ଭାଜି କୁଶ୍ରୀ ତୁଲସୀ ଆନ୍ତା ହୁଡ୍‌ଲା ମଡ଼ା। |
| ମୂଳ | : | ଗଚର ଚେର୍ ବଇଦକାରି ଓଷ ଏଇସି। | : | ମଡ଼୍‌ଡା ଜଡ଼ି ବଇଦ୍ ଲୋଡ଼୍‌କା ମାତ୍ ଆନ୍ତା। |
| କାଣ୍ଡ | : | ଗଚର ଗଣ୍ଡି ଆନେ କବାଟ, ଦ୍ୱାରବନ୍ଧ ହୋଇସି। | : | ମଡ୍‌ଡାଦେ ମାରିଁ, ଚୌକଟ ଆୟାନୁଁ। |
| ଶାଖା / ଡ଼ାଳ | : | ଗଚର ଖେନ୍ଦା କାଟି ଦାରୁ କରବାର - ଡାଲ କାଟି ଚାମଣ୍ଡା ବନାଇବାର। | : | ମଡ଼ତା କାନ୍ଧାଁ ଗୋନ୍ଧ୍‌ସି କଟ୍ୟାଁ କିୟାନାଆନ୍ଦ୍‌କାନ୍ଧିଁ ଗୋନ୍ଦ୍‌ସି ମାଣ୍ଡା  କିୟାନା ଆନ୍ଦ୍ । |
| ପତ୍ର | : | ସରଗି ପତର ଚକ୍‌ନି, ଖଲି କରି ବିକ୍‌ବାର। | : | ହର୍‌ଙ୍ଗି ଆକିଁନେ ପୁଲୀଡପଁ, କୁଡିଁକିଚି ମମାନା ଆନ୍ଦ୍ । |
| ଫୁଲ | : | ଫୁଲ ମାଲ କରି ମାପୁରୁ କେ ପୁଜା କରବାଏ। | : | ଫୁଙ୍ଗାହ ମାଲା କିସି ମାହାପୃନ୍ ପୂଜା କିଆନା ଆନ୍ଦ୍ । |
| କଢ | : | ଗୁଲାବି କଷି ଦେଖବାକେ ବଡ଼ ନିକ ଦିସସି। | : | ଗୋଲାପ୍ କଷିଁ ହୁଡାନାତେ ଆଛା ହୁଡ୍‌ଲାତାଁ। |
| ଫୁଲ ପାଖୁଡ଼ା | : | ପୁଟଲା ଗୁଲାକିଲ୍ ପତର୍ ପନ୍‌ନୁ ସେଣ୍ଡ୍ ହେଇସି। | : | ଗୁଲାପ୍ ପୁଏଲେ ଫୁଙ୍ଗାର ଧଡିତାଁ ଆକିଁକୁନ୍ ଅତର୍ ଆୟାଲ୍ । |
| ଫଳ | : | ପାଚଲା ଆମ୍ ଫଲ୍ ଖାଇବାକେ ବଡ଼େ ମଦୁର। | : | ପାଣ୍ଡ୍‌ଲେ ମର୍କା କୋୟା ତିତେକ୍ ମିଲିଂ ଲତା। |
| ମଂଜି | : | କାନ୍ଦୁଲ ଗଚର କଚା ମଜି ରାନ୍ଧି କରି ଖାଇବା କେ ସୁଆଦ ଲାଗସି। | : | କାନ୍ଦୁଲ ପଢେକ୍ ତୁନ ଆଟସି ତିତେକ୍ ମିଲିଂଲତା। |
| କଣ୍ଟା | : | ଘର ଘରି ବେରନେ କେ କାଟା ଗଚ୍‌ର କାଢିଦେଲେ ନିମାନ୍ ରଇସି। | : | ଲୋତା ଚାରୋଭର୍ତ୍ତିତା ହାହ୍‌କ୍ କୁନ୍ ସାଫା କିତେକ୍ ଆଛା ମନ୍ଦାଲ୍। |
| କାଠ | : | ଦାରୁ ଘର କରବାକେ ଲୋଡ଼ା ହେଇସି। | : | ଲୋତ୍ ବନାହ୍ କିଆନ୍‌ଖା କଟ୍ୟାଁ ଦର୍‌କାର୍ ଆନ୍ଦ୍ । |
| ଛାଲି | : | ସରତେ ଗଚର ଛାଲି ଓଷ୍ ଏଇସି। | : | ସାବୟ ମାଡ଼ାଦା ତୋଲ ମତ୍ ଆୟାଲ୍ । |
| ତନ୍ତୁ | : | କଉରୁ ଗଚର ସୁତା ଆନେ ଦାମା, ଜୁଆଳି ଡର, ନାଡ଼ି ଏଇସି। | : | କଉର ମାଡାଦା ମଡ଼ସ୍‌ଦେ, ଦାମ୍‌ଡିଁ। ଜୁଆଡେ ମଡସ୍ ବାନେମାନ୍ତା। |

| | | |
|---|---|---|
| ଅଙ୍କୁର | ମଜିକେ ରପ୍‌ଲେ ସରି ଗାଜା ଏଇସି । | ପାଡେକ୍‌କୁନ୍ ଉରକ୍ଷତେକ୍ ଗାଜା ଆନ୍ତା । |
| ଆମ୍ବ | ପାକଲା ଆମ ଖାଇବାକେ ସରଦା ଲାଗସି । | ପଣ୍ଡି ମରକା ଥିତେକ ସରଦା ଲଗଲାତାଲା |
| ଅଶ୍ୱତଥ ଗଛ | ପିପଲ ଗଚର ଦାରୁକେ ଘରେ ଆନି ଧୂଆ ଦେଲେ ସରି ସାପ ପଲାୟବାୟ୍ । | ପିକ୍‌ଡି ମାଡାତା ଖଟୟା ତୁନ୍ କିସ ମାସ୍‌ତେକେ ତାରାସ୍ ଡାଏଲାତାଁ । |
| ଘାସ | ଗାୟ, ଗୋରୁ, ଛେଲି, ମେଣ୍ଡିମନ୍ ଘାସ ଖାଇବାଏୟ୍ । | ଟାଲିହ୍ କୋଦାଁ,ଏଟିଁ, ମେଣ୍ଢାଁ, ଲାଟା ତିନ୍ଦାନୁଁ । |
| ଗୁଳ୍ମ / ବୁଦା | ବୁଦା ତଲେ ଗଟ୍‌କ୍ କଡ଼ା ଶଇରେଲା | ପଦ୍‌ଲା ଦୋଡି ଉନ୍‌ଟାନ ମଲୋଡ୍ ହୁଞ୍ଜି ମାତାଲ୍ । |
| ନଡ଼ିଆ ଗଛ | ନଡ଼ିଆ ଗଚମନ୍ ଲୁନିମାଟି ଆନେ ନିମାନ୍ ବଡ଼ସି । | ନଡ୍‌ହେଲ୍ ମାଡାକ୍ ହଓ୍ୱେଡ୍ ତଡିଇ ତେଆଛା ବଡସଲାତା । |
| ଖଜୁରୀଗଛ | ଖଜୁର କଲି ଖାଇବାକେ ପିଲାମାନ୍ ଗଚେ ଚେଗଲାୟନି । | ହିନ୍ଦି ତିନ୍ଦ୍‌ଲା ପେକଢ୍ ମାଡ଼ାଦେ ତାକ୍‌ତୁଡ୍ । |
| ତାଳଗଛ | ପାକଲା ତାଲଫଲ କାଇଲେ ସରି ବଡ଼େ ମିଟା । | ପାଣ୍ଡ୍‌ଲେ ତାଲ୍ ଫଲ ଥିତେକ୍ ବନେ ମିଠାସ୍ ଲାଗ୍‌ଲତା । |
| ବାଉଁଶ | ବାଉଶ ଆନେ ଋଙ୍ଗଡ଼ା କୁଲା,ତୁଟି ଏଇସି । | ଅଦୁର୍ ତେ ଚଙ୍ଗ୍‌ଡା,ହେତି ବୁଟିଁ ଆୟାନୁଁ । |
| ବାଉଁଶ ବଣ | ବାଉଶ କମନ ପର୍ବତେ ଗର୍ ଚାଇବାକେ ଲଡ଼ା ଏଇସି । | ଅଦୁର କମନା ମଟାତେ ଲନ କିଆୟାନା କାଜେ ଦରକାର ଆନ୍ତା । |
| ଆଖୁ | ଦାଣ୍ଡାର ରସ୍ ଆନେ ଗୁଡ଼୍ ଏଇସି । | ଡାଣ୍ଡା ରସ ତେ ବେଲିଆୟାଲ୍ । |
| କଦଳୀ ଗଛ | କଦଲି ଗଚର ଶୁକିଲା ପତର କେ ପଡ଼ାଇ ମୁଣ୍ଡେ ରେତଲେ ଉକୁନି, ଲିକା ମନ୍ ମର୍‌ବାୟ୍ । | କେଡ୍ ମଡାଦା ଅତେଲେ ଆଖିତୁନ୍ । କଡିହଛି ତଲାତେ ଉଶ୍‌ତେକ ଗୋଡେଁ ତିଡକ୍ ସବ୍‌ହାୟାନୁ । |
| ଜାମୁକୋଳି ଗଛ: | ଜାମୁକୋଲି କେ ଖାଇଲେ ସୁଆଦ ଲାଗ୍‌ସି । | ଲେଣ୍ଡି କାୟାତୁନ୍ ତିଥିତେକ୍ ମିଠାସ୍ ଲାଗ୍‌ଲାତା । |
| ନିମ୍ବଗଛ | ଘର ନିମ କେ ଶୁକାଇ କରି ଧୂଆଁ ଦେଲେ ମଚିମନ ଘର ଛାଡ଼ି ପଲାଇବାୟ୍ । | ଲୋତେ ଲିମ୍ ଆକିଁକୁନ୍ ଅତିହ୍‌ଛି କୁହୁରା ହିତେକ୍ ଭୁରଗଣ୍ଡିଁ ଲୋତ୍ ଛାଣ୍ଡି କିସି ଡୟାନୁଁ । |
| ଡାଳିମ୍ବ ଗଛ | ଡାଲିମ୍ କାଇବାକେ ମକେ ସରଦା ଲାଗସି । | ଡାଲିମ୍ ତିନ୍ଦିଲା ନାକୁନ୍ ସର୍ଦା ଲାଗାଲ୍ । |
| ତୁଳସି | ତୁଲସି ପତର ରସ୍ ଜରଆରି କକ୍‌ଲି ଚଡ଼ାଇସି । | ତୁଲସି ଆକିନା ରସ୍‌ଜର୍ କକ୍‌ଲି ଛାଣ୍ଡାହକିନ୍ତା । |
| ପଣସ ଗଛ | ପାକଲା ପନସ୍ ଖାଇବାକେ ବାଲୁ ଗଚେ ଚେଗ୍‌ଲା । | ପନେ୍ଶ ତିନ୍ଦିଲା ଆଡଜାଲ ମଡ଼ାପରୋ ତାଗ୍‌ତାଲ୍ |
| ଶାଳଗଛ | ସରଗି ଗଚର୍ ପତର ରେ ଚକ୍‌ନି ଦୋନା ଖଲି ବନାଇ କରି ବିକିରି କର୍‌ବାୟ୍ । | ହର୍‌ଗିଂ ମଡାତା ଆକିକୁନ, କଳଡା, ଉପା କିସି ମମ୍‌ନା ଆନ୍ଦ୍ । |
| ଶିମୁଳି ଗଛ | ସେମଲି ଗଚେ ଫୁଲ୍ ରଂଗ୍‌ରଂଗ ଫୁଲ୍ ଫୁଟିଲାନି । | ସେମର୍ ମଡ଼ାତା ଲାଲଲାଲ୍ ଫୁଙ୍ଗାହ୍ ପୁୟତାଁ । |

| | | | | |
|---|---|---|---|---|
| ପାଇନ ଗଛ | : | ଆମର ଇସ୍କୁଲଆନେ ପାଇନ୍‌ଗଚ୍ ରୋପିଲୁ ଆଚୁ । | : | ମାଓ୍ୱା ଇସ୍କୁଲତେ ପାଇନ୍ ମାଡା ଉରୁସ୍ଲେ ମନତା । |
| ଆକାଶିଆ ଗଛ | : | ଆକାଶିଆ ଗଚ୍‌ର ଦାରୁ ଜଇ ଲଗାଇ ରାନ୍ଧବାର । | : | ଆକ୍‌ସିଆ ମଢାତା କଟ୍ୟାଁ କୁନ୍ ଖ୍ୱସ୍‌ମାସି ଆଠାନା ଆନ୍ଦ୍ । |
| ଗୁଆ ଗଛ | : | ଗୁଆ ଗଚେ ଗୁଆ ଫଲ ଫଲସି । | : | ଶୁଫାଡ଼ି ମାଢାତେ ଶୁଫାଡି ହାଡାଲ । |
| ସଜନା ଗଛ | : | ମୁନଗାଁ ଗଚଆନେ ମୁନଗାପଲିସି ତାକେ ଆନି ଆଟେ ବିକିବାର୍ । | : | ମୁନଗାଁ ମାଡାଦେ ମୁନଗାଁ ହାଡାଲ ଆଓ୍ୱେନ୍ ଅସି ହାଟୁମ୍ ତେ ମମ୍‌ନା ଅଂାଦ୍ । |
| ଅମୃତଭଣ୍ଡା ଗଛ | : | ପାକ୍‌ଲା ମାଣ୍ଡା ଖାଇଲେ ଗାଗଡ଼ ନିକ ରେଇସି । | : | ପଣ୍ଡ୍‌ଲେ ପପେୟା ତିତେକ୍ ମେନ୍ଦଲ ବନ୍ନେ ମନ୍ଦାଲ । |
| ଆତ ଗଛ | : | ଚିତା ପାକଲେ ବଡ଼ ମଧୁର ଲାଗସି । | : | ଚିତା ପଣ୍ଡ୍‌ତେକ୍ ମିଲିଂଲତା । |
| ବେଲ ଗଛ | : | ପାକଲା ବେଲ୍ ଖାଇବାକେ ମଧୁର ଲାଗସି । | : | ଫଙ୍ଂଲେ ବେଲ୍ ତିନ୍ଦିଲା ମିଠାସ୍ ଲାଗାଲ୍ । |
| ବଉଳ ଗଛ | : | ଏ ଗଚର ଦାରୁକେ ଦାତୁନ୍ କଲେ ଦାନ୍ତ ଆଟ ରେଇସି । | : | ଇଦ୍ ମାଡ଼ାଦା ପର୍କାଲ୍ କିତେକ ପାଲକ ଆଛା ମାନ୍ଦାନୁ । |
| ଦେବଦାରୁ ଗଛ | : | ଦେବଦାରୁ ଲମ୍ ବଡ଼ସି । | : | ଦେବଦାରୁ ଲାମେ ବଡ଼ସ୍‌ଲାତା । |
| ଲେମ୍ବୁ ଗଛ | : | ଲିମୁକେ ଆନି ପାନା କରି ଖାଇଲେ ଗାଗଡ଼ ନିମାନ୍ ରଇସି । | : | ଲିମ୍ବତରି ୟେରତେ ମିଶାକିଶି ଉଟେକ୍ ମେଦଲ ଆଛା ମାନ୍ଦାଲ୍ । |
| ବରକୋଳି ଗଛ | : | ବୋରି ଗଚର ପାକଲା କଲି ଖାଇବାକେ ସରଦା ଲାଗିସି । | : | ରେଙ୍ଗା ମଢାତା ପାଂଙଂଲେ ରେଙ୍ଗା ତିନ୍ଦିଲା ଶ୍ରଦ୍ଧା ଲାଗାଲ୍ । |
| କଇଁଥ ଗଛ | : | ପାଚିଲା କଇଥ ଖାଇଲେ ନିମାନ୍ ଲାଗିସି । | : | ପଣ୍ଡ୍‌ଲେ ପେଣ୍ଡ୍ରା ତିତେକ୍ ଆଛା ଲାଗାଲ୍ । |
| ଗୋଲାପ ଗଛ | : | ଗୁଲାବି ଗଚେ ଫୁଲ ପୁଟଲେ ସୁନ୍ଦର ଦିସ୍‌ସି । | : | ଗୁଲାପ ମାଢାତେ ପୁଙ୍ଗାର ପୁୟତେକ୍ ସୁନ୍ଦର ଡିସ୍‌ଲାତା । |
| ଗୋଲାପଜାମୁ ଗଛ | : | ଗୁଲାବି ଜାମ୍ ଅବଲା ଡିସସି । | : | |
| ପିଜୁଳି ଗଛ | : | ପାକଲା ଜାମ୍ ଗାଦଲାମନ୍ ଖାଇବାୟ୍ । | : | ପାଣ୍ଡଲେଁ ଲେଣ୍ଡିକୁନ୍ ଗେଦୁର ତିନ୍ଦାନୁ । |
| ଅର୍ଜୁନ ଗଛ | : | ପାନି ସାହାଜ ଗଛଗଲିକେ ଗାୟକ୍ଷୀର ଆନେ ବୁଡାୟକରି କାଇଲେ ହାଡ଼ ଆଟୁଆ ଏଇସି । | : | ଏର ଆରୁ କହ ମାଡାଦା ଚଲଟାଦୁନ ପାଲ ସଙ୍ଗେ ମିଶାକିସି ତଥିତେକ୍ ହାଡା ଆଛା ଆନ୍ତା । |
| ନାଗଫେଣୀ | : | ନାଗଫେନି କାଟା ମୁଣ୍ଡା ପାଲିକେ ରପଲେ ଗୋରୁ ନା ପସତ୍ । | : | ନାଗପେଣି ହାହ୍‌କୁନ୍ ମୁଣ୍ଡା ପାଡିତେ ଭରତେକ୍ କନ୍ଦାଁ ହଡୟାଁ । |
| କାଠଚମ୍ପା ଗଛ | : | ଗଚେ ଶହେ ଟକିଆ ଫୁଲ ଫୁଟଲେ ସୁଦର ଦିଶସି । | : | ଉଣ୍ଡି ମାଡାଦେ ଶଉଟାନ୍ ପୁଙ୍ଗାହ୍ ପୁଇତେକ୍ ସୁନ୍ଦର ହୁଡ଼ାଳ । |
| ପିଜୁଳି ଗଛ | : | ପାକଲା ଜାମ୍ ଗାଦଲାମନ୍ ଖାଇବାୟ୍ । | : | ପାଣ୍ଡଲେଁ ଲେଣ୍ଡିକୁନ୍ ଗେଦୁର ତିନ୍ଦାନୁ । |
| ଶାଗୁଆନ ଗଛ | : | ଟେକ ଗଚ୍ ଗୋଟେକ ବଡ଼ କାମର ଡାବୁ ଗଚ୍ । | : | ସାଇଗେନମଡ଼୍ / ଆଛାଡା କାମଦେ ଲାଗେମାୟାଲ । |

| | | |
|---|---|---|
| ବବୁଲ ଗଛ | ବବୁଲଗଚ୍ ଜବର ରେଲେ କଷାକିଡ଼ା ଋଷ କରି ଏଇସି। | ରେଙ୍ଗା ମାଡା ଆଛାଏ ମାତେକ କର୍ଷାଁ ଆଛାୟ ଆନ୍ତା। |
| ତେନ୍ତୁଳି ଗଛ | ଏସୁ ତେତ୍‌ଲି ଗଚେ ଜବର ତେତ୍‌ଲି ନା ଏଲା। | ଇଦ୍ ଓଡସା ହିତାମାଡାଦେ ଆଛାୟ ହିତାଁ ହାଡ୍ ଓ୍ୱାୟ ମାତାଁ। |
| ବରଗଛ | ବରଗଚେ ଦେବତା ଡୁମାମନ ରେବାୟ୍ ବୋଲି ଦିଶାରୀ କଇସି। | ବେଲେଡ୍ ମଢାତେ ପେନକ୍ ଡୁମାଲିଁ ମନ୍ତାଁ ଇଞ୍ଜି ଗୁଣିଆ ଲୋଡ଼ ଇନ୍ତୋଡ଼। |
| କଦମ୍ବ ଗଛ | କଦମ୍ ଫୁଲ ଖୁଣ୍ଡିଋମାସେ ଫୁଟସି। | କଦମ ପୁଙ୍ଗାର ଗୋଞ୍ଜାମେହ୍ନାତେ ଫୁୟାଡ୍ । |
| ପଲାଶ ଗଛ | ବଦଲି ଗଚର୍ ଫୁଲ ରଙ୍ଗ୍ ଦିସସି। | ମୁରାଲ ମଡାତା ଫୁଙ୍ଗାର ଲାଲ ହୁଡାଲ୍। |
| ଶିଶୁଗଛ | ଶିଶୁଆ ଗଚ୍ ଗୋଟେକ ଡାବୁ ଗଚ୍। | ଶିଶୁମାଢ଼ା ଉଣ୍ଡି ପଇସା ମଢାଆନ୍ଦ୍ |
| କଣ୍ଟା ଗଛ | ଲିମ୍ବୁ, କରନା ଗୋଟେକ କାଟା ଗଚ୍। | ଲିମ୍, କମଲା ଉଣ୍ଡ୍‌ଠାନ୍ ଟିଙ୍ଗ୍‌ଟିଙ୍ଗା ମଡ୍‌ଡା। |
| ଲାଜକୁଳି ଗଛ | ଲାଜକୁଲି ଗଚକେ ଛୁଇଲେ ପତର୍ ଲିମି ଦେସି। | ଲାଜହି ଲାଠା ତୁନ ଇଟ୍‌ତେକ ମୁଚି ଆୟାଲ। |
| କପାଗଛ | କାପାଆନେ ଲୁଗାପାଟା ବିଚନା ହୋଇସି। | କାପସ୍‌ତେ ଗାଦିଁ, ପାଟାଁ, ଅନ୍ତାଁ। |
| କାଠ | ଆୟାବୁଆ ଦାରୁଆନ୍‌ବାକେ ଗଲାଏ। | ୟାୟ, ବାବଂ କାଟିଆଁ ତାର୍‌ଲା ହାତଡ୍ । |
| କନ୍ଦ | ଆଗର ଲୋକମନ୍ କାନ୍ଦା ଖାଇ ଜିଇତେ ରେଲାଇ। | ମୁନେ ତୋଡ,ମାନେୟ ଲୋଡ୍ ମାଟିଁ ତିଂଜି ପିସକ୍ ମାତଡ୍। |
| ଲତା | କାରଲା ଗୋଟେ ଲାଟା ବୁଟା। | କାରେଲା ଉଣ୍ଟାନ୍ ଟଣ୍ଡା। |
| ଗବଗଛ | ଜାଡା ତେଲ ମୁଣ୍ଡେ ରେତ୍‌ଲେ ମୁଣ୍ଡ ଦୁକା କମ୍‌ସି। | ଝଡା ନିଇଁ ତାଲାତେ ଉସତେକ୍ ତାଲାଦୁଃଖ୍ା କମେମାୟାଲ। |
| ଦୂବ | ଦୁବ୍‌ଜାଡ୍ ଓଷ କରବାଏ। | ଧୂପ ଲାଟାଦେ ମତ୍ ବନାହ୍ କିନ୍ତୋଡ୍। |
| ନଡ଼ା | ଗାଁ ମନକେ କର୍ କୁଡ଼ିଆମନ୍ ଜବର୍ ଆଚେ। | ଓ୍ୱାଡ଼ାଦେ ପିଢିଲୋହକ୍ ଆଛାୟା ମାନ୍‌ତା । |
| ଗମ୍ଭାରୀ ଗଛ | ଗମାରୀ ଫଲ ଆନେ କଫ୍ କାଟବା ଉଷ୍ କରବାଏ। | ଗମ୍ଭାରୀ ଫଲ୍‌ଦେ କୋକ୍‌ଲି ଛାଡ଼ି କିଆଁନା ମାତ୍ ତିଆର୍ କିନ୍ତୋଡ଼୍। |
| ଋ’ ଗଛ | ଋ ଗଚର କଅଲି ପତର ଆନେ ଋ ଗୁଣ୍ଡ’ ବନାୟବାୟ। | ଋ ମାଡାଦା କେଉଁରୀ ଆଖିଦେ ଋ ଗୁଣ୍ଡା କିନ୍ତୋଡ୍। |
| ଛଣପଟ | ଶୁକୁଲି ଆନେ କୁଡ଼ିଅ ଛାଇଲେ ଜବର୍ ଦିନ୍ ଯାଇସି କର୍। | ଉସୁରୀ ଲାଟାଦେ ଲୋତ୍ ଓ୍ୱେଷେତେକ ଆଛାୟ ଦିନ୍ ହନ୍ଦାଲ୍ । |
| ଛତୁ | ଛାତି ଖାଇବାକେ ବଡ଼ ସୁଆଦ୍ ଲାଗସି। | କୁହୁକ୍ ତିନ୍ଦିଲା ଆଛା ଲାଗ୍‌ଲାତାଁ। |
| | କମନ୍ ଜାର୍ ଜୟ ଲଗାଇବା ଦରୁ ଲୋକମନ୍ ଆନବାଏ। | କାମନ୍‌ଦେ ମାନେଲୋଡ୍ ଜଲ୍‌ହୁଟିଆଁ ତାତ୍‌ଲାତଡ଼। |
| ନଳିତା /ଝୋଟ | ତାଲେ ଗଚେ ଡୋର୍ ବନାଇକରି ବିକିବାଏ ବେଣ୍ଡା। | ଫଟୁଆ ମଢ଼ାତେ ଡ଼ରି ତଣ୍ଡସିଡୋର ଏଣ୍ଡ୍‌ସି ମମଲାତଢ। |

# ଫୁଲ ଫଳ (ଫୁଲ୍, ଫୁଲ୍)

| | | |
|---|---|---|
| ଫୁଲ | ଗୁତଲେ ଆୟଟା ଗୋଟକ୍ ମାଲା ହେଇସି। | ଫୁଙ୍ଗାହ୍ ଗୁତିକିତେକ୍ ଆଦ୍ ଉଣ୍ଡାନ୍ ହାର୍ ଆୟାଡ୍ । |
| କଢ଼ି | ଏବର ଡୁଣ୍ଡି କାଲିର ଫୁଲ୍। | ଇଦେକ୍ତା ଡୁଣ୍ଡି ନାଡିତା ଫୁଙ୍ଗାର୍ । |
| କେଶର | ସବୁ ଫୁଲରବଗା ଆଚେ। | ସବୋୟ ଫୁଙ୍ଗାହ୍ନେ ଟଡମା ମାନ୍ତା । |
| ବୃନ୍ତ | ଫୁଲ, ଫଳର ଡେଟି ଆଚେ। | ପୁଙ୍ଗାର ଫଲ୍ଦେ ଟଡମା ମାନ୍ତାଲ୍ । |
| ବଉଳ | ଆମ୍ ଗଚେ ପୁଲ କେଶରାୟଲା। | ମାକା ମାଢ଼ାଦେ ପୁଙ୍ଗାର ଓ୍ୱାତାଲ୍ । |
| ଫୁଲ ପାଖଡ଼ା | ହାୟ ଗଚେ ଫୁଲ କେରା କେରା ହେଇ ଜଡ଼ିଗଲାନି। | ଆଦ୍ ମଢ଼ାଦେ ଫୁଙ୍ଗାହ ଡୁଣ୍ଡି ଡୁଣ୍ଡି ଆସି ଗୁସଲାତାଁ । |
| ଫୁଲମାଳ | ଫୁଲମାଲ ଭଗ୍ବାନ୍ ମନକେ ଓଲାଇବାର। | ପୁଙ୍ଗାର୍ମାଳା ଭଗଓ୍ୱାନ ତିଗା କାରହାନା ଆନ୍ଧ୍। |
| ସୁବାସ | ମଲ୍ଲିଫୁଲ ବଡ଼ ବାସନା। | ମଲ୍ଲୀ ପୁଙ୍ଗାର୍ ଆଛାୟ ବାସନା ମାନ୍ତା |
| ବାସିଫୁଲ | ବାସିଫୁଲ ମାପୁରୁର ପୁଜାଆନେ କାମ ନା ଆସେ। | ବାସି ପୁଙ୍ଗାର ଭଗବାନ୍ ପୂଜାଦେ ଛଲେ ମାୟ। |
| ଫୁଲକୁଣ୍ଡ | ପୁଲ୍କୁଣ୍ଡେ ଗୁଲାପ୍ ପୁଲ୍ଗଚ୍ ରୋପ୍ଲୁ। | ପୁଙ୍ଗାର କୁଣ୍ଡିତେ ଗୋଲାପ ପୁଙ୍ଗାର୍ ମଢ଼ା ଉରସ ତୋମା। |
| ଅପରାଜିତା | ପାରିଜାତ ଫୁଲ ପୁଜାଆନେ ଲାଗସି। | ଅପ୍ରାଜିତା ଫୁଙ୍ଗାର ପୂଜାତେ ଲାଗେ ମାନ୍ତାଲ୍। |
| କଇଁ | ଆମର ଗାଁ ବନ୍ଦେ ଜବର କଇଁଫୁଲ ଫୁଟଲା ଆଚେ। | ମାଓ୍ୱା ଓ୍ୱାଡ଼ା ବାନ୍ଧାତେ ଆଛାୟ ବଡେନ୍ଧା ଫୁଙ୍ଗାହ ପୁୟ୍ତାଁ। |
| କରବିର | କରବିର ଫୁଲ ଦେଖବାକେ ଡଉଲଦିସ୍ସି। | କରବିର ଫୁଙ୍ଗାର ହୁଡାନାତେ ସୁନ୍ଦର ହୁଡ୍ଲାତା। |
| କାମିନୀ | କାମିନୀ ଫୁଲ୍ ବଡ଼େ ବାସ୍ନା। | କାମିନୀ ଫୁଙ୍ଗାର୍ ଆଛାୟ ବାସ୍ନା। |
| କାମିନୀ | କାମିନୀ ଫୁଲ୍ ବଡ଼େ ବାସ୍ନା। | କାମିନୀ ଫୁଙ୍ଗାର୍ ଆଛାୟ ବାସ୍ନା। |
| କୁନ୍ଦ | କମ୍ନେ ଜବର୍ କୁନ୍ଦ ଫୁଲ ଫୁଟଲା ଆଚେ। | କମ୍ନାଦେ ଆଛାୟ କୁନ୍ଦଫୁଙ୍ଗାର ଫୁୟତାଁ |
| କୃଷ୍ଣଚୁଡ଼ା | କୁସନଚୁଡ଼ା ଗଚେ ରଙ୍ଗ୍ ରଙ୍ଗ୍ ଫୁଲ୍ ଫୁଟ୍ଲା ଆଚେ। | କୃଷ୍ଣଚୂଡ଼ା ମଢ଼ାତେ ଲାଲ୍ ଲାଲ୍ ଫୁଙ୍ଗାହ୍ ପୁୟତାଁ। |
| କେତକୀ | କେତକୀ ଫୁଲ ମାଘମାସେ ଫୁଟ୍ସି। | କେତକୀ ଫୁଙ୍ଗାର ମାଂଗ ମେହନାତେ ଫୁୟାଡ୍। |
| ଗେଣ୍ଡା | ମାଣ୍ଡାଫୁଲ୍କେ ମାଲା କଲେ ସରି ଡଉଲ୍ ଦିସ୍ସି। | ଗୋନ୍ଦା ଫୁଙ୍ଗାର ଗୁତି କିତେକ୍ ଆଛା ହୁଡାନୁଁ। |
| ଚମ୍ପା | ଶିବମାପୁରୁର ଫୁଲ୍ ଆଚେ। | ଚମ୍ପା ପୁଙ୍ଗାର ଶିବ ଭଗଓ୍ୱାନ୍ତା ଫୁଙ୍ଗାର୍ ଆନ୍ଧୁଁ। |
| ଜାଇ | ଜାଇଫୁଲ ର ବାସନା ନିକ ଲାଗସି। | ଜାଇଫୁଙ୍ଗାର ତା ବାସନା ଆଛା ଲାଗ୍ଲାତା। |
| ଟଗର | କେରାଟ୍ ଫୁଲ ଧବ୍ଲା ଦିସ୍ସି। | ଟଗର ମାଢ଼ାତା ଫୁଙ୍ଗାର ପଣ୍ଡରା ହୁଡ୍ଲାତା । |

| | | |
|---|---|---|
| ଦୁଦୁରା | ଦୁଦୁରାଗଚ୍ ବଇଦ ଆନେ ଲାଗ୍‌ସି । | ଦୁଦୁରା ମଢା ବଇଦନିଗା ଲାଗେ ମାୟାଲ୍ । |
| ପଦ୍ମ | ବନ୍ଦେ ପଦୁଅ ଫୁଲ୍ ଫୁଟ୍‌ଲା ଆଚେ । | ବାନ୍ଧାଦେ ଗୋଖେରା ଫୁଙ୍ଗାର ପୁଇତାଲ୍ । |
| ମନ୍ଦାର | ଠାକୁରାଣି ପୁଜା ଆନେ ଲାଗିସି । | ମନ୍ଦାରଫୁଙ୍ଗାର ଠାକୁରଣୀଦେବୀ ପୂଜାଦେ ଲଗେମାନ୍ତାଲ । |
| ମଲ୍ଲି | ମଲିଫୁଲ୍ ବାସନା ମକେ ନିକ ଲାଗସି । | ମଲ୍ଲୀ ପୁଙ୍ଗାର୍ ଫୁୟତେକ୍ ନାକୁନ୍ ଆଛା ଲଗ୍‌ଲାତା । |
| ମାଳତୀ | ବିଅନ ବୁନ୍‌ବା ଆଗେ ଶୁଖିଲା ମାଲତି ଫୁଲ କେ ଆନି ପୁଜା କରବାଏ । | ୱିଜା ୱିତ୍‌ନା ମୁନେ ମାଳତୀ ଫୁଙ୍ଗାର ତଛି ପୂଜା କିଆନ୍ ଆନ୍ଦ୍ । |
| ଯୁଇ | ଜୁଇଫୁଲର ବାସନା ଘର ବେରନେ ଚହଟି ଯାଇସି । | ଜୁଇ ଫୁଙ୍ଗାରତା ବାସନା ସବ୍‌ତିକେ ଦୟଙ୍ଗ୍‌ଲାତ୍ । |
| ଶେଫାଳି | ଖରସାଲି ପତର ମାର୍‌ଲିଆ ଜର୍ କେ ବଇଦ ହେଇସି । | ଖଡସଡିଆକିଁ ମେଲେରିଆ ଜର୍ ଛାଣ୍ଡିକିଆନ୍‌କାଜେ ମତକ୍ ବିତାଲ୍ ମତ୍ ବନାହ କିନ୍ତଡ୍ । |
| ସୂର୍ଯ୍ୟମୁଖୀ | ସୁରଜ ମୁଖୀ ଫୁଲ ତାନ୍‌ଲେ ତେଲ୍ କାଢ଼ବାୟ୍ । | ପଡ୍‌ଦ ପୁଙ୍ଗାରଦା ନୀୟ ଟଣ୍ଡାନୁଡ୍ । |
| ବଗିଚା | ଆମର୍ ଇସକୁଲେ ଭାଲିଆବାଡ଼ ଆଚେ । | ମାୱାଇସ୍କୂଲତା ମୂନ୍ନେ କହକାୱାଡି ମନ୍ତା । |
| ଡାଲିଆ | ସବୁ ବରନର୍ ଡାଲିଆ ଫୁଲଗଚ୍ ଆଚେ । | ସବ୍ ରକମଦାଁ ଡ଼ାଲିଆ ଫୁଙ୍ଗାହ ମନ୍ତାଁ । |

## ଫଳ (ଫଲ୍) (କାୟା)

| | | |
|---|---|---|
| ଫଳ | ସବୁଦିନ ଫଲ ଖାଇଲେ ଗାଗଡ଼ ନିକ ରଇସି । | ସବ୍‌ଦିନା କାୟାତିତେକ ମେନ୍ଦଡ଼ ଆଛା ମାନ୍ଦାଲ୍ । |
| କଞ୍ଚାଫଳ | କାଚା ଆମକେ ଚଟନି କରବାୟ । | କାଛା ମର୍କାତୁନ୍ ଚଟନି ବନାହ କିଆନା ଆନ୍ଧ । |
| ତଟକା ଫଳ | ସୁଦ୍ ତଲ୍‌ବା ଫଲ୍; ସଜ ତଲବା ଫଲ ଏବେ ଆନଲି ଆଚି । | ଇଦେ ତୋଡ଼ି କିଆଁନା କାୟାତୁନ୍ ତାତ୍‌ଲା ତାନା । |
| ପାଚିଲା ଫଳ | ପାକଲା ଫଲ ରାମ ଖାଇଲାନି । | ପଣ୍ଡଲେ କାୟା ରାମ ତିନ୍ତୋଡ୍ । |
| ଫଳରସ | କମଲା ଫଲ ରସ ଖାଇବାକେ ମକେ ସରଦା ଲାଗସି । | କମଲା କାୟା ରସ୍ ତିତେକ୍ ନାକୁନ୍ ସରଦା ୱାନ୍ତା । |
| ଟାକୁଆ | ଟାକୁ ଭିତରର ଗଇଁଲେ ପିଟାକରି ଖାଇଲୁନି । | ଟାକା ଲଫାତା ଗୋଲ ଟଣ୍ଡସି ତିନ୍ତୋମା । |
| ଗୋଛା | ଆମ ଝୁପା ଫଲଲା ଆଚେ । | ମର୍କା କାନ୍ଦାତେ ଜୋଫାଁ ଜୋଫାଁ ହାଡ୍‌ତାଁ । |
| ଆମ୍ବ | ଆମ ଝୁପାଝୁପା କରି ଫଲଲା ଆଚେ । | ମର୍କାଁ ଝଫାଁ ଝଫାଁ ହାଡ୍‌ତାଁ । |
| ସେଓ | ଏପୁଲ ଖାଇବାକେ ବଡ଼ ସରଦା ହେଇସି । | ସେଓ ତିନ୍ଧାନା କାଜେ ଆଛା ଲଗ ଲାତା । |
| କଦଳୀ | କଚା କଦଲି ଶାଗ କରି ଖାଇବା କତା । | କାଛା କେଡ଼ା କୁସ୍‌ରୀ ଅଟ୍‌ତେକ ଆଛା ଲଗ୍‌ଲାତାଲ୍ । |

| | | |
|---|---|---|
| ପାଚିଲା କଦଳୀ | ପାକଲା କଦଲି କେ କରାଦିନେ ଲସି ବନାୟବାୟ। | ପଣ୍ଡଲେଁ କେଡାଁକୁନ୍ ଆଦି ଦିନାଦେ ଲସି ବନାହ୍ କିସି ତିନ୍ଦାନା ଆନ୍ଦ। |
| କିସ୍‌ମିସ୍ | କିସ୍‌ମିସ୍ ଖାଇବାକେ କଣ୍ଡେକ୍ ଆମଲି ଲାଗସି। | କିସ୍‌ମିସ୍ ହିଡିକ୍ ତିତେକ ଟିଙ୍ଗଟିଙ୍ଗୀ ଲାଗ୍‌ଲା ତାଲ୍। |
| କୋଳି | ସବୁ ରକମର କୋଲି ଆଚେ। | ସବ୍ ରକମ୍‌ତାଁ କାୟାଁ ମନ୍ତାଁ। |
| ଗୁଆ | ଗୁଆ ଗଚେ ଗୁଆ ଫଲସି। | ସୁପାଡି ମଢ଼ାତେ ସୁପାଡି କାୟାଁ ମନ୍ତାଁ। |
| ଡିମିରି | ଡୁମରୀ ଫଲ୍ ଗାଦ୍‌ଲାମନ୍ ଖାଇବାକେ ଆସ୍‌ବାୟ। | ନର୍କା ତୋୟାମଢ଼ାଦେ ତୋୟାଁ ତିନ୍ଦାନା କାଜେ ଗେଦୁହକ ୱାନ୍ତା। |
| ତରଭୁଜ | କରାମାସେ କରଭୁଜା ଖାଇବାକେ ମନ୍ ଲାଗ୍‌ସି। | ଜେଠ ହୋଡା କଲିନ୍ଦେର୍ ତିନ୍ଦିଲା ଆଛା ଲଗ୍‌ଲାତା। |
| ତେନ୍ତୁଳି | ତେତ୍‌ଲି ପକାଇ ଆମଟ୍ କରୁ। | ହିତାତାସି ହିତାଫୁଲା କିଆନା ଆନ୍ଧ୍। |
| ପିଜୁଳି | ଜାମ୍ ତଲ୍‌ବାକେ ଆୟା ଗଲାନି। | ବେଲ୍‌ତି ମଡଡାତେ ୟାୟାଲ୍ ବେଲ୍‌ତି କୟିଲା ହତାଲ୍। |
| ବାଦାମ | ଚେରଚନା ମାଟି ବିତରେ ପଲସି। | ମୁଙ୍ଗ୍‌ଫଲିଁ ନେଲିଦୋଡି ଆନ୍ତା। |
| ଲିଚୁ | ପିଲାମନ୍ ଲିଚୁ ତଲିକରି ଖାଇଲେନି। | ଫେକଡ୍‌ଲୋଡ୍ ଲିଚୁ କାୟାଙ୍କୁନ୍ ତିନ୍ତୋଡ୍ । |
| କାଜୁବାଦାମ୍ | ଲକମନ ଭାଲିଆ ପାଲା ଆନିକରି ଡ଼ଙ୍ଗରେ ରୋପିଲାୟତ। | ମାନେଲୋଡ୍ ଫରେଷ୍ଟ ଅଫିସ୍‌ତାହ୍ କହକା ପଦଲାଁ ତଚି ମାନେୟ ଲୋଡ଼ ଭାଟିତେ ଉର୍‌ସ୍‌ତୋଡ୍। |
| କନ୍ଦମୂଳ | ଏସ୍ତୁ ଆମର୍‌ବାଡ଼େ ଜବର୍ ମିଟାକାନ୍ଦା ହେଲାଆଚେ। | ମାୱା ୱାଡିତେ ମାଟିଁ ଆଛାୟ ଆତାଁ। |

## ସର୍ବନାମ

| | | |
|---|---|---|
| ମୁଁ | ମୁଇଁ ପେଜ୍ ନା ଖାଇଲାଇ। | ନାନ୍ନା ଜାୱା ଉନୋନ୍ ନେ। |
| ଆମେ | ଆମେ ସବୁ ମିଶି ଗୁପତ୍‌ସର ଗଲୁନି। | ମମ୍ମୋ ସବାୟ ମିଶେମାସି ଗୁପ୍ତେଶ୍ୱର ହାନ୍ତମା। |
| ଆମ୍ଭେମାନେ | ଆମେମନ୍ ନାଟ ଦେକିବାକେ ଯାଇରେଲୁ। | ମମୋ ନାଟ ହୁଡ଼ିଲା ହାନ୍ଦେଲେ ଆନ୍ଧମ୍। |
| ତୁ | ତୁଇ କାଇଟା କରଲିସନି ? | ନିମ୍ମା ବାତା କିନ୍ତାନି ? |
| ତୁମ୍ଭେମାନେ | ତମେମନ୍ ଇତାନେ ବସା। | ନିମ୍ମାଟ୍ ଇଗାୟ ଉଡାଟ୍। |
| ସେ | ସେ କାଇଲା ପଢ଼ଲା ଆଚେ। | ଓଡ୍ ତିଞ୍ଜିମଂଜା ପଢ଼ିକିନ୍ତୋଡ୍। |
| ସେମାନେ | ଆୟମନ୍ ଗାଆଁ ଗଲାଇନି। | ଓଡ୍‌ଲୋଡ୍ ୱାଡାତେ ହାତୋଡ୍ । |
| ଏ, ଏହି, ଏହା | ଏଟା କାଇକତା ? | ଇଦୁ ବାତା ପାଲୋ ? |
| ଏହିମାନେ,ଏଗୁଡ଼ିକ | ଏଟାମନ୍ କାଇ ଜିନିସ୍ ? | ଇଉ ବାତା ଜିନିଷ ଆନ୍ଧ। |
| ସେହି, ତାହା | ତୁଇ ସେଟା କଇଟା କଲୁସ୍‌ନି ? | ନିମ୍ମା ଆଗା ବାତା କିନ୍ତାନି । |
| ସେହିମାନେ | ଆୟମନ୍‌ର ନାଅ ପଚାରିବ ? | ଓଡାଁ ପଦହ୍ ବାଡ଼ାଁ ପୁଚେମାମ୍ । |
| ସେଗୁଡ଼ିକ | ସେଟାମନ୍ କନ୍ତି ଘେନିଲିସ୍ ? | ଆୱେହ୍‌କୁନ୍ ବାଗ୍‌ଡାହ୍ ଆସ୍ତୋନି ? |

| | | |
|---|---|---|
| କିଏ | : ତକେ କନ୍ ଡ଼ାକଲାନି ? | : ନିକୁନ୍ ବୋଡ୍ କେୟତୋଡ୍ ? |
| କେଉଁମାନେ | : କନ୍‌ମନ୍ ହାଟେ ଗଲାଇନି ? | : ବୋଡ୍‌ଲୋଡ୍ ହାଟୁମ୍ ହନ୍ତୋଡ୍ ? |
| ଯେ, ଯିଏ | : ଯନ୍‌ଲକ୍ କାମ କରସି, ତାକେ ଡ଼ାବୁ ଦେବାଏ। | : ବୋଡ୍‌ଲୋଡ୍ କାମ୍ କିତେକ୍ ଓଡକୁନ୍ ପଇସାଁ ହିୟାନୁଡ୍। |
| ଜନମନ | : ନା ଖାଇଲାର ତାକେ ଖାଇବାକେ ଦିଆ। | : ବୋଡ୍‌ଲୋଡ୍ ତିନଡ଼େ ଓଡ୍‌କୁନ୍ ତିନ୍ଦିଲା ହିମ୍‌ଟ୍। |
| ଏହାଙ୍କର | : ଏମନ୍‌ର କାଇଟା ଆଚେ। | : ଏଡାଁ ବାତାଁ ମାନ୍‌ତାଁ। |
| ଏହାକୁ | : ଏକେ କୁନ୍ଦୁରା ଡାକିନିଆ। | : ଏନ୍ କୁନ୍ଦାରାଦେ କେୟସି ଅମ୍‌ଟ୍। |
| ଏଗୁଡ଼ିକ | : ଇଟାମନ୍ ମୁଇଁ ଜୟପୁର ତାନଲେ ଘେନି ଆନିଲି ଆଚି। | : ଇଦେତୁନ୍ ନାନା ଜୟପୁରତାହ ଆସ୍‌ସି ତାତାନା। |
| ସେମାନଙ୍କୁ | : ଆୟମନ୍‌କେ ଚଇତ ପରବ ଦିନ୍ ଡାକିଆନା। | : ଓଡଲୋଡକୁନ୍ ଚୈତ୍ ତିହାଡ୍ ଦିନା କେଇସୀ ତରାଟ୍ । |
| ତାକୁ | : ତାକେ ଗଟେ ବହି ଦିଆ। | : ଓନ୍ ବହିହିମ୍ ଉନ୍‌ଟାନ୍ |
| ତାଙ୍କୁ | : ତାକେମନ୍‌କେ କାଇଟା ମିଶା ନାକୁହା। | : ଓଡଲୋଡ଼ଙ୍କୁନ୍ ବାଙ୍ଗେ ଗଲା ଇନ୍‌ମ୍ମାଟ୍। |
| ତୁମକୁ | : ତମ୍‌କେମୁଇ ଡାକିରେଲି। | : ମିକୁନ୍ ନନ୍ନା କେଇସି ମତ୍‌ନା । |
| ତୋତେ | : ତକେ ଆଜି ନନ୍ଦପୁର ଯିବାକେ ପଡ଼ସି। | : ନିକୁନ୍ ନେଣ୍ଡ ନନ୍ଦପୁର ହନ୍ଦାନା ଆୟାଲ୍। |
| ଆମକୁ | : ଆମ୍‌କେ କାଟବାକଜେ ଖଜ୍‌ତେ ରେଲୁ। | : ମାକୁନ୍ ବାହ୍‌ଁକାଜେ ଖୋଜିକିସକ ମତାନି । |
| ଆମ୍ଭମାନଙ୍କୁ | : ନାୟକ ଆମମନ୍‌କେ ଡାବୁ ଦେଲାଏ। | : ନାୟକ ମାକୁନ୍ ପଇସା ହିତୁଢ୍। |
| ମୋତେ | : ମୋକେ ବଡ଼ ଭୁକ୍‌ଲାଗଲାନି। | : ନାକୁନ୍ ଆଚାୟ କର୍ ଅସ୍ତାଲ୍। |
| କେତେକ | : ତକେ କେତେକ୍ କଇବାର ? | : ନିକୁନ୍ ବଚ୍‌ରେ ଇତେକ୍ ଗଲା। |
| କେହି | : ଗାଆଁ କେ ଆସଲାଆଚେ। | : ୱାଡ଼ାଦେ ବଡ଼େ ୱାତଡ଼ |
| ଏମାନଙ୍କର | : ଏମନ୍‌ର ପାଇଁ ପେଜ ରାନ୍ଧୁ। | : ଏଡ଼ଲୋଡ଼୍ କାଜେ ଜାୱା ଆଟାଟ୍ । |
| ତା'ର | : ତାର କାତା ନା ଶୁନା। | : ଓନା ପାଲୋ କେଞ୍ଜ୍ ମାଟ୍। |
| ତାଙ୍କର | : ଏଗର୍ ତାକରଟା। | : ଇଦ୍ ଲୋନ୍ ଓନ୍ନା। |
| ସେମାନଙ୍କର | : ଆୟମନ୍‌ର ଜବର୍ ବେଡ଼ାକୁଡ଼ା ଆଚେ । | : ଓଡାଁ ଆଛାୟା ୱେଡା କାଡା ମନ୍ତା। |
| ମୋର | : ଏ ପେନ୍ ମରଟା। | : ଇଦ୍ ନାୱା କଲମ ଆନ୍ଦ୍। |
| ଆମ୍ଭର | : ଆମର ଗାଆଁ ନାଟ ହେଲାନି। | : ମାୱା ୱାଡ଼ାଦେ ନାଟ ଆନ୍ତାଲ୍। |
| ତୁମ୍ଭର | : ତମର୍ ଗାଆଁ ଇସୁକୁଲ୍ ଆଚେ। | : ମିୱା ୱାଡ଼ାଦେ ଇସ୍‌କୁଲ୍ ମାନ୍‌ତା । |
| ଯାହାର | : ଯାର ଖାତା ତାକେ ଦିଆ। | : ବୋନା ଖାତା ଅନ୍ନେ ହିମ୍। |
| ଯେଉଁମାନଙ୍କର | : ଯନ୍‌ମନ୍‌ର ପେନ୍‌ସିଲ୍ ନାଇ, ତାକେ ଦିଆ | : ବୋଡାଁ ପେନ୍‌ସିଲ୍ ହିଲେଁ ଓଡ୍‌କୁନ୍ ହିମଟ୍ । |
| ତା'ର / ତାହାର | : ଏ ସାଇକଲ୍ ତାରଟା | : ଇଦ୍ ସାଇକିଲ୍ ଓନ୍ନା ଆନ୍ଦ୍। |

| | | |
|---|---|---|
| ତୁମ୍ଭର | ତମର୍ ଗାଅଁ ଇସ୍କୁଲ୍ ଆଚେ । | ମିଓ୍ୱା ୱାଡ଼ାଦେ ଇସ୍କୁଲ୍ ମାନ୍ତା । |
| କେଉଁମାନଙ୍କର | କନମନର ବେଡ଼ା ଆଚେ। | ବୋଡ଼ା ୱେଡ଼ା ମାନ୍ତା। |
| ମୋ ପାଇଁ | ମୋର କଜେ ବୁଆ କାମିଜ ଘେନିଆନ୍‌ଲା। | ନାଓ୍ୱା କାଜେ ବାବାଲ୍ କୁଡ୍‌ତା ଆସ୍‌ସି ତାତ୍‌ତଡ଼ା । |
| ଆମ୍ଭମାନଙ୍କ ପାଇଁ | ଆମରକଜେ ଆୟ ଜାଗିରେଲା। | ମାଓ୍ୱା କାଜେ ଓଡ୍ ପୋସି ମତୋଡ୍। |
| ତୋପାଇଁ | ତରକଜେ ମୁଇଁ ଲାଡୁ ଆନିରେଲି। | ନିଓ୍ୱା କାଜେ ନନ୍ନା ଲାଡୁମ୍ ତଚିମତାନା। |
| ତୁମପାଇଁ | ତମରକଜେ ମୁଇଁ ଫନ୍ଦି ଅଇଲି। | ମିଓ୍ୱା କାଜେ ନନ୍ନା ଫନ୍ଦି ଆତାନ୍। |
| ତାଙ୍କପାଇଁ | ତାକରକଜେ ରାନ୍ଧା ହେଲାନି। | ଓଡାଁ କାଜେ ଆଟ୍‌ଲେ ଆତାଲ୍। |
| ସେମାନଙ୍କ ପାଇଁ | ଆୟମନର୍ କଜେ ଗାଅଁ କଲିକନ୍ଦା। | ଓଡ୍‌ଲୋଡ୍ କାଜେ ୱାଡାତେ କଲିକଜ୍ୟା ଆନ୍ତା । |
| ନିଜପାଇଁ | ପଦଲାମ ନିଜର କଜେ କାଇଟା ମିଶା କରିନା ପାରଲା। | ପଦଲାମ୍ ଆପୁନ୍ କାଜେ ବାଙ୍ଗେଗଲା କିଇଲା ପଲୋଡ୍। |

## (ବିଶେଷଣ)

| | | |
|---|---|---|
| ସାବଧାନ | ଆୟ ବଡ଼େ ଜାଗରତ୍ ହୋଇ କରି କାମ କଲାନି। | ଓଡ୍ ବନେ ହୁସିଆର ଆସିକାମ୍ କିନ୍ତଡ୍। |
| ସନ୍ଧ୍ୟା | ସଂଜ୍ ଅଇଲେ ଗରୁମନ୍ ଗରେ ଆୟବାୟ। | ମୁଲ୍‌ତେକ୍ କୋନ୍ଦାଁ ମୁୟାଁ ଲୋତେ ୱାନ୍ତା। |
| ବିଷାକ୍ତ | ବେଡ଼ାନେ ଉଷ୍‌ମାର୍‌ବା ପଚେ ବିଷ୍ ଅଇବାକଜେ ମାଚ୍‌ମନ୍ ମରିଗଲେନି । | ୱେଡାତେ ମତ୍ ଜିୟାନାତେ ପଜା ବିଷ୍ ଆନାକେ ମୀନକ୍ ହାଁନ୍ତାଁ। |
| ଜ୍ଞାନୀ | ଆମର୍ ଗାଉଁର୍ ନାଟଗୁରୁ ବଡ଼େ ଜାନିବାଲକ୍। | ମାଓ୍ୱାୱାଡା ତୋଡ୍ ନାଟ୍‌ଗୁରୁ ଆଛାୟପୁନ୍ ୱାଲ୍‌ମାନେୟ। |
| ସାର୍ବଜନୀନ | ଆୟ ସବୁଲକ୍‌ର କଜେ କାମ କର୍‌ସି। | ଓଡ୍ ସବ୍‌ମାନେୟ କାଜେ କାମ କିନ୍ତୋଡ୍। |
| କଳହ | ତୁଇ ଇସ୍କୁଲେ ଗୋଲ୍‌ଦନ୍ଦ ନା କରା। | ନିମ୍ମା ଇସ୍କୁଲତେ ଜଗଡ଼ା ଲାଗ୍‌ମା । |
| କ୍ଷତି | ତାର୍ ନସଟ୍ ଅଇଲେ ତୋକେ କାଇଲାବ୍ ? | ଓନ୍ନା ନସେମାତେକ୍ ନିଓ୍ୱା ବାଁ ଲାବ୍। |
| ହତ୍ୟାକାରୀ | ନରମାରୁକେ ଜମାନ୍ ବାନ୍ଦି ନେଲାନି। | ମାନେୟ ଜକ୍‌ୱାନ୍ ପୁଲିସ୍ ଦୋହ୍‌ଛି ଅତୁଡ୍। |
| ମନ | ତୁଇ ମନ କାୟକତା ବାବ୍‌ଲିସ୍‌ନି। | ନିମ୍ମା ମନ୍‌ତେ ବାତାପଲୋ ବାନି କିତାନି। |
| କାମଚଳା | ଏବରପାଇଁ କାମ୍ ଚଲେଇରା। | ଇଦେକ୍ କାଜେ କାମ୍ ଚଲାହ୍ କିସିମନ୍। |
| ଉଦ୍ୟମ | ଆୟ୍ କାମକେ ଚେର୍‌ଷ୍ଟା କରୁ। | ଆଦ୍ କାମ୍‌ଦୁନ୍ ଚେଷ୍ଟା କିକାଟ୍। |
| ଦେବୀ | ଦେବୀଦେବତାକେ ଜୁଆର କରୁ ଆରିଗୀତ୍ ଗାଉ। | ପେନଳକୁନ ହୁହାର କିକାଟ୍ ଆରୁ ପଟାଁ ୱାର୍‌କାଟ୍। |
| ଦୟାଳୁ | ଆୟ ବଡ଼େ ଦୟାକରୁ। | ଓଡ୍ ଆଛାୟ ମୟାକେଓ୍ୱାଲ୍। |
| ସଂସାର | ସଂସାରର କତା ତୁଇ ଆରି ନା କଅ। | ଦୁନିୟାତାଁ ପଲୋଁ ନିମ୍ମା ଆଉର୍ ୱାହ୍‌ମା। |
| କୁଳ | କୁଲର ନୀତିନିୟମ୍ ମାନିକରି ଚଲିଲେନି। | କୁଲତା ନିତିନିୟମତୁନ୍ ମାନେ ମାସି ଚଲେମାୟାନା। |
| ଜିଜ୍ଞାସୁ | ଜାନିବାକେ ମନ୍‌କରୁ ସବୁକତା ଜାନିପାରେ। | ପୁନ୍ଦିଲା ମନ୍ କିକାଟ୍ ସବ୍ ପଲୋ ପୁନ୍ଦିପରକାଟ୍। |
| ପ୍ରସିଦ୍ଧ | ଗାନ୍ଧୀମାପ୍ପୁ ନାଉ ଡାକ୍‌ଫୁଟା। | ଗାନ୍ଧୀ ମାହାପୁରୁ ପଦର ଦାଗ୍‌ଫୁଟାଲ୍। |

| | | |
|---|---|---|
| ପ୍ରସନ୍ନ | : ତରକାତା ଶୁନିକରି ମୁଇ ବଡ଼େ ସର୍‌ଦା ଏଲିନି। | : ନିଓ୍ୱାପଲୋଁ କେଞ୍ଜସୀନନ୍ନା ଆଚାୟ ସର୍‌ଦା ଆତାନ୍‌। |
| ବୁଦ୍ଧିମାନ | : ଆମରଗାଅଁ ଗଟେକ୍‌ ଚତୁରଲକ୍‌ ଆଚେ। | : ମାଓ୍ୱା ଓ୍ୱାଡାତେ ଅରଡ୍‌ ଚଲାକ୍‌ ମାନେୟ ମନ୍ତୋଡ୍‌। |
| ଗାୟକ | : ଗୀତ୍‌କୁଡ଼ିଆ ବଗଡମାଝୀ ଗୀତକୁଡ଼ିଆ | : ପାଟାଁ ଓ୍ୱାରଓ୍ୱାଲ୍‌ ବଗଡୁମାଝୀ ପାଟାଁଓ୍ୱାରଓ୍ୱାଲ୍‌। |
| | ଚଇତପରବ୍‌ଗୀତ ବଡ଼େ ନିମାନ ଗାଇସି। | : ଚଇତ୍‌ ପରବ୍‌ପଟାଁ ଆଛାସୁନ୍ଦର ଓ୍ୱାର୍‌ଓ୍ୱାଲ୍‌। |
| ଲୁଣିଆ | : କଣ୍ଟେକ୍‌ ଲୁନ୍‌ ଆଦିକ୍‌ ହେଲେ ସରି ଖରିଆ ଏଇଯାଇସି। | : ହିଡିକ୍‌ ହଓ୍ୱଡ୍‌ ନକ୍‌ତେ ଆତେକ୍‌ କର୍‌କରା ଆୟାଡ୍‌। |
| ଇଚ୍ଛା | : ବଜାରଯାଇକରି ମନକରବା ଜିନିଷମନ୍‌ ଘେନୁ। | : ହାଟୁମ୍‌ ହଂଜି ମନ୍‌କିଲେ ତିଜ୍‌କୁନ୍‌ ଆସିଟ୍‌। |
| ସୁନ୍ଦର | : ଆୟ ବଡ଼େ ଡ଼ଉଲ୍‌ ପିଲା। | : ଅଡ୍‌ ଅଚା ଡଙ୍ଗ୍‌ ନୋଡ୍‌ ପେକାଲ୍‌। |
| ଲୋଭୀ | : କଲିଆ ଲୁବ୍‌ରା ହେଲାରୁ ମର୍‌ତେ ମାର୍‌ଲାଏ। | : କଲ୍ୟାଲ୍‌ ଲଭୀ ଆନାକେ ହାନାହ୍‌ ହିତୁଡ୍‌ । |
| ଦୁର୍ବଳ | : ଆମର ବଡ୍ଡୁ ନା କାୟବାକେ ଚାଲକେ ନାପାରଲାନି। | : ମାଓ୍ୱଡ୍‌ ପେଫି ତିନଡ୍‌ ତାହନେ କାଜେ ତାକି ପରୋଡ୍‌। |
| ପତଳା | : ନିମାନ କରି ନା ଖାଇଲେ ସୁକ୍‌ଟା ହେବୁସ୍‌। | : ଆଛାକିସି ତିନ୍‌ଓ୍ୱେକ୍‌ ଅତି ଆୟାଡ଼୍‌। |
| ଅନ୍ଧ | : କାନାଲକ୍‌କେ ବାଟ୍‌ ଦେକାଇ ଦିଆ। | : କାନାନ୍‌ ହରି ତୋହ୍‌ଚିମ୍‌। |
| କାଲ | : ଆୟ ଭଇରାଟା, ତାକେ କଇରେବା କାତାମନ୍‌ ନାଶୁନା ଯାଇସିଚେ। | : ଓଡ୍‌ ଭୟରାଲ୍‌, ଓନ୍‌ ଇନ୍ଦ୍‌ଲେ ପଲୋଁ କେଂଜି ପରୋଡ୍‌। |
| ଛୋଟା | : ଚଟାଲକ୍‌କେ ଟାପରା ନା କରା। | : କଡ୍ୟାନ୍‌ ଟାପ୍‌ରା କେମାଟ୍‌ । |
| ମୂକ | : ଆମର୍‌ ଗାଅଁ ଗଟେ କନ୍ଦା ପିଲାଆଚେ। | : ମାଓ୍ୱାଓ୍ୱାଡାତେ ଅରଡ୍‌ କଂଦାପେକାଲ୍‌ ମନ୍ତୋଡ୍‌। |
| ଉଦ୍ୟମ | : ଆୟ୍‌ କାମକେ ଚେର୍‌ଷ୍ଟା କରୁ। | : ଆଦ୍‌ କାମ୍‌ଦୁନ୍‌ ଚେଷ୍ଟା କିକାଟ୍‌। |
| ବଣୁଆ | : ତୁଇ ବନୁଆ ଜନ୍ତୁକେ ନାମାର। | : ନିମ୍ବା ବନ୍‌ଓ୍ୱାଲ୍‌ ଜନ୍‌ହୁରକୁନ୍‌ ଜକ୍‌ମା। |
| ମୋଟା | : ତାରଗାଗଡ୍‌ ମଟା। | : ଓନ୍ନା ମେନ୍ଦଲ ମୋଟା ଆନ୍ଦ୍‌। |
| ସାଧୁ | : ଆୟ ସାଦୁଟା କାଇଟାମିଶା ନାକଏ। | : ଓଡ୍‌ ସାଧୁ ବାଙ୍ଗେ ତିନୋଡ୍‌। |
| ଥଣ୍ଡା | : ଶୀତ୍‌ ଦିନେ ଜବର୍‌ କାକର୍‌ ଲାଗ୍‌ସି। | : ପିନି ଦିନା ଆଛାୟ୍‌ ଟଣ୍ଡା ଲାଗ୍‌ଲାତା। |
| ଗରମ | : ତପ୍‌ଲା ପାନିକେ କାକର କରି ତୁକ୍‌। | : କାସ୍ଲେ ଏର୍‌ତୁନ୍‌ ଟଣ୍ଡା କିସି ଉନ୍‌। |
| ବଡ଼ | : ବଡ଼ଟା ଲକ୍‌କେ ଜାଗିକରି କତା ହେବାର। | : ହଜର୍‌ ମାନେନ୍‌ ଜାଗିକିସି ଅଡ୍‌କାନା ଆନ୍ଦ୍‌। |
| ଛୋଟ | : ସାନପିଲାମନ୍‌କେ ଗଟେକ୍‌ ଗଟେକ୍‌ ମିଟାଇ ଦେଲେନି। | : ହୁଡ୍‌ଲାଁ ପିଲାଁଙ୍କୁନ୍‌ ଅକହ୍‌ ଅକହ୍‌ଟାନ୍‌ ମିଠାଇଁ ହିତୁଡ୍‌। |
| ଉଜ୍ଜ୍ୱଳ | : ବେଲ୍‌ ଏଲା, ଋଣିବାଟେ ଉଜଲ୍‌ ଦିଶିଲାନି | : ପଡ୍‌ଦ୍‌ ଆତକ୍‌ ଛାନିତିକେ ଓ୍ୱେଡ୍‌ଛି ଡିସ୍ତ୍‌। |
| ମଇଳା | : ଇତିସିତି କଚରା ପକେଇଲେ ସରିମଚି ଜମ୍‌ବାୟ। | : ଇଗାହଗା କଚରା ଓ୍ୱାଟ୍‌ତେକ୍‌ ଆଛାୟ୍‌ ଓ୍ୱିସି ଆୟାନୁଁ। |

## ଅବ୍ୟୟ

| | | |
|---|---|---|
| ଏଠାରେ | : ଇତି ତୁଇ କାଇକଜେ ଆଇଲିସ୍ ? | : ଇଗା ନିମ୍ମା ବାକାଜେ ୱାତନି । |
| ସେଠାରେ | : ଆୟତି ମୁଇଁ ଯିବାକେ ପଡ଼ସି । | : ଆଗା ନାକୁନ୍ ହନ୍ଦିଲା ଲାଗାଲ୍ । |
| ନିକଟରେ | : ତା'ର ଗର୍ ଲଗେ ଆଚେ । | : ଓନ୍ନା ଲୋତ୍ ହେଡେୟ୍ ମନ୍ତା । |
| ଦୂରରେ | : କମନ୍ ଦୂର୍‌କେ ଆଚେ । | : କାମ୍‌ନ ଲାପିୟ୍ ମନ୍ତା । |
| ଆଗରେ | : ତୁଇ ଆଗେ ହିଣ୍ଡ୍ । | : ନିମ୍ନା ଲତେୟ୍ ତାକା |
| ପଛରେ | : ତାର ପଚେ ମୁଇ ଆଇବି । | : ତନ୍ନା ପଜ୍‌ଜା ନନ୍ନା ୱାୟ୍‌କା |
| ପାର୍ଶ୍ୱ | : ଆମର ଘର ପାଲିକେ ଇସ୍କୁଲେ ଆଚେ । | : ମାଓ୍ୱା ଲୋନ୍ ଦଡିତେ ଇସ୍କୂଲ୍ ମନ୍ତା । |
| ବର୍ତ୍ତମାନ | : ଏବେ ତୁଇ କନ୍ତି ଯିବିସ୍ । | : ଇଦେକ୍ ନିମ୍ମା ବଗ୍‌ଗା ଦାକ୍‌କି ? |
| କଣ | : ତୁଇମକେ କାଇଟା ମିଶା ନା କଇଲିସ୍ । | : ନିମ୍ମା ନାକୁନ୍ ବାତାୟ୍ ଗଲା ଇନ୍‌ୱିନ୍ । |
| ସହିତ | : ତାର ସଙ୍ଗେ ମୁଇ ଯାଇରେଲି । | : ଅନ୍ନା ସଙ୍ଗେ ନନ୍ନା ହଂଜି ମତାନା । |
| କେବଳ | : ତୁଇ ଆବ୍‌କା ଆଇଲିସ୍ । | : ନିମ୍ମା ଅରଢେ ୱାତିନ୍ । |
| ପର୍ଯ୍ୟନ୍ତ | : ତାକେ ମଶାନ୍ ଯାକ ଚାଡ଼ିକରି ଆସା । | : ଓନ୍ ମରଗଟିତେ ଚାଣ୍ଡିକିସି ଦାୱାଟ୍ । |
| ନୁହେଁ | : ଇ କତା ନଆୟ ତେବେ ରାଜିନା ଏଲା । | : ଆପୁନା ପଲୋ ନିମ୍ମା କୋଲି କେମା ଓଡ୍ ବିଗ୍ ଡ଼େମାତଡ୍ । |
| କିନ୍ତୁ | : ତୁଇ ଯିବୁସ୍ ମାତର ଆୟ ନା ଆସେ | : ନିମ୍ମା ହନ୍ଦ୍‌କି ମାତର୍ ଓଡ୍ ୱାୟୋଡ୍ । |
| ପାଇଁ | : ତାର ଲାଗି ମୁଇଁ ଗଟେକ୍ କାମିଜ୍ ଘେନିଆନି ରେଲି । | : ଓନ୍ନା କାଜେ ନନ୍ନା ଉଣ୍ଡାନ୍ କୁଡତା ଆସିତଚି ମତ୍‌ତାନା । |
| ଅଛ | : ପାଞ୍ଚ ଉନା ଶଏଲକ୍ ରୁଣ୍ଡଲେ ତୁଇ ଗୁଡ଼ିକ୍ ଖାଇକରି ଆସା । | : ହଇଙ୍ଗ୍‌କମ୍ ଶଉମାନେୟ ଜମା ଅତଡ୍ । ନିମ୍ମାହୁଡୁକ୍ ତିଂଜି ମଂଜାଲ୍ ୱାୟକି । |
| ସେହିପରି,ସେହିଭଳି: | ତୁଇ ଆୟଅନ୍ତି କଇଲେ ନାହୁଏ । | : ନିମ୍ମା ଆଦାନ୍ ଇତେକ୍ ଆଇପରୋ । |

## କ୍ରିୟା

| | | |
|---|---|---|
| ଯିବା | : ବେଲ୍ ଏଲାନି ଇସ୍କୁଲେ ଜୁ । | : ପୋଡଦ୍ ଆତ୍ ଇସ୍‌କୂଲ୍ ଦେୟ । |
| ଆସିବା | : ଆମେ ବେଏରନ୍‌ତାନେ ଯାଇଆସୁ । | : ମମ୍ମୋ ବୋଲେରୋତେ ହଂଜି ୱାୟକମ୍ । |
| ବସିବା | : ଇତିବସ୍‌ବାକେଟାନ୍‌ନାଇ । | : ଇଗା ଉଡାନ୍ କାଜେ ଠାନ୍ ହିଲେ । |
| ଖାଇବା | : ଗଡ଼ଆତ ପନିଦଇକରି ଖାଇବା କାତା । | : କାୟ କାଲ୍ ନରସି ତିନ୍ଦାନା । |
| ପିଇବା | : ପାନି ତୁକିକରି ମୁଇ ହିଣ୍ଡବି । | : ଏର୍ ଉଂଜି ନାନ୍ନା ତାକିକା । |
| ଦେଖିବା | : ତଲ୍‌କେ ଦେକିକରି ହିଣ୍ଡ । | : ଦୋଡି ତିକେ ହୁଡ୍‌ସି ତାକା । |
| ଶୁଣିବା | : ତୁଇ କାଇ କତା ଶୁନିଲିସ୍ । | : ନିମ୍ମା ବାତା ପଲୋ କେଂଜ୍‌ତିନ୍ । |
| ଚଲିବା | : ବସଟାତାନୁ ଉତ୍‌ରି କଣ୍ଡକେ ହିଣ୍ଡବାକେ ପଡ଼ସି | : ବାସ୍‌ତିଗ୍‌ଡାହ୍ ରୟସି ହିଡିକ୍ ତାକିଲା ଗାଲ୍ । |
| ରାନ୍ଧିବା | : ଆୟାପେଜ୍ ରାନ୍ଧ୍‌ଲାନି । | : ୟାୟାଲ୍ ଜାୱା ଆଟ୍‌ତ୍‌ବେ । |
| ଶିଖିବା | : ତୁଇ ନିମାନ୍‌କରି ଲେକାପଡ଼ା ଶିକ୍‌ବାର ଆଚେ । | : ନିମ୍ମା ଆଛାକିସି ଲିକାପାଡା କର୍‌ୟାନା ଆନ୍ଦ୍ । |

| | | |
|---|---|---|
| ଗାଇବା | : ଗୀତ୍ କୁଡ଼ିଆ ଚଇତ ପରବ୍‌ଗୀତ୍ ଗାଇଲାନି। | : ପାଠାଁ ୱ୍ୱାରୱ୍ୱାଲ୍ ଚୈତ୍‌ତିହାର୍ ପାଠାଁ ୱ୍ୱାରଲାତଡ୍। |
| ନୃତ୍ୟ କରିବା | : ଆସା, ଚେରଚେରା ନାଟକରୁ। | : ଦାୱ୍ୱାଟ୍, ଚେଚେରାଁ ଏନ୍ଦ୍‌କାଟ୍। |
| ଗାଧୋଇବା | : ନିମାନ୍‌କରି ଗାଦେଇ ଗାଗଡ଼େ କୁଣ୍ଡିଆନି ନାହୁଏ। | : ଆଛା କିସି ନାହାୟ୍ କିତେକ୍ ମେଦଲୋତେ କଜ୍‌ରୀ ଆୟୋ। |
| ଖେଳିବା | : ଗାଆଁର ଧାଙ୍ଗଡ଼ୀମନ୍ ସାଇଲଡ଼ି ଖେଲ୍‌ଲେନି। | : ୱ୍ୱାଡାତାଁ ଲୟାଁ ସାୟ୍‌ଲାଡି କର୍‌ସ୍ତୁଁ। |
| ଡ଼େଇବା | : ଗଚେ ମାକଡ଼ମନ୍ ଡ଼ଗେଇଲେନି। | : ମଡାତେ ବେନ୍ଦ୍ରାଲିଁ ମିର୍‌ତୁଁ। |
| ଦାନ୍ତ ଘଷିବା | : ସକାଲସକାଲ୍ ଦାତୁନ୍ କର୍‌ବା ପଚେ ପେଜ ଢୁକୁ। | : ନର୍କିଁ ନର୍କିଁ ପର୍‌କାଲ୍ କିୟାନା ପରେକ୍ ଜାୱ୍ୱା ଉଣ୍ଡାନା। |
| ଦୌଡ଼ିବା | : ବାଲୁଦେକି କରି ସେ ଦାଇଁ ପାଲାଇରଲା। | : ଆଡ୍‌ଜାଲ୍‌ତୁନ୍ ହୁଡ୍ ସିଓଡ୍ ଡୟସି ମତୋଡ୍। |
| ପାଣି ମଡ଼ାଇବା: | ପାନି ନା ଝପାଲେ ଦାନ୍‌ବୁନ୍ଦମନ୍ ସୁକିଯାଇସି | : ଏର୍ ହେଡ୍ୱେକ୍ ଅଂଜିଁ ଅତ୍‌ସି ହନ୍ଦାନୁଁ। |
| ପାଇବା | : ମୁଇଁ ବାଟେ ଗଟେକ୍ ପେନ୍ ମିଲାଇଲି। | : ନନ୍ନା ହରିତେ ଉଣ୍ଡାନ୍ କଲମ୍ ପାହକ୍‌ତା। |
| ପାଛୁଡ଼ିବା | : ଆୟା ଝଉଲ୍ ପୁନିଲାନି। | : ୟାୟାଲ୍ ନୁକାଁ ହେଛ୍‌ଲାତା। |
| ହସିବା | : ତୁଇ କାଇପାଇ ହସିରେଲିସ୍। | : ନିମ୍ମା ବାଁ କାଜେ କଉଷକ୍ ମତୋନି। |
| କାନ୍ଦିବା | : ତୁଇ ନା କାନ୍ଦା। | : ନିମ୍ମା କିଲ୍‌ମା। |
| କହିବା | : କାତାନିଗଟେ କଉ। | : ପଲୋ ଉଣ୍ଡି ଇନ୍। |
| ଲେଖିବା | : ଲେକାପଡ଼ା ଜାନି ରେଲେ କେମିଶା ଜକିନାପାରେ। | : ଲିଖା ପଡ୍‌ହି କିଲା ପୁଞ୍ଜି ମତେକ୍ ବୋଡେ ଇନ୍ଦଲା ପରୋଡ୍। |
| ଚଷ କରିବା | : ପାନି ମାର୍‌ଲେ ହଲ୍ କର୍‌ବାକେ ପଡ଼ସି। | : ପିର୍ ଜିତେକ୍ ହେଡ୍ ପୁହିଲା ଆୟାଡ୍। |
| ଶୋଇବା | : ତୁଇ ଏତେକ ବେଲଯାକେ କାଇକଜେ ଶୋଇରେଲିସନି। | : ନିମ୍ମା ଇଚର୍ ବେରା ତାହ୍ ବାଁକାଜେ ରମ୍‌ତୋନୀ। |
| ବିଶ୍ରାମ କରିବା: | ସେମନ୍ କାମ୍‌କରି ତାକିକରି ବସିଲାୟ୍। | : ଓଡ୍ ଲୋଡ୍ କାମକିସି ତକେ ମାସି ଉଡ୍ ତୋଡ୍। |
| କିଣିବା | : ତାର କଜେ ଗଟେକ୍ କାମିଜ ଘେନ୍‌ଲା। | : ଅନ୍‌କାଜେ ଉଣ୍ଡି କୁଡତା ଆସତୁଡ଼ା। |
| ଉତ୍ତର ଦେବା | : ମୁଇଁ ଏତେକ୍ କତା କଇଲି, ତୁଇ ଗଟେମିଶା ଉତରନା କଇଲୁନି । | : ନନ୍ନା ଇଚୋର୍ ପଲୋଁ ଇତାନ୍,ନିମ୍ମା ଉଣ୍ଡିଗଲା ଉତ୍ତର ହେଢ୍ୱି। |
| ଆକ୍ରମଣ କରିବା: | ଖାଙ୍ଗାରମନ୍ ବାଟେ ଚେକିକରି ତାକେ ମାର୍‌ବା ସାଙ୍ଗେ ଡାବୁକାସୁ ନେଇରେଲେ। | : କଙ୍ଗାର ଲୋଡ୍ ହରିତେ ଚେକିକିସିଓନ୍ ହଲିଚି ମାଞ୍ଜାଲ ପଇସା ପତର୍ ଓତୁଡ୍। |
| ଆଣିବା | : ମୁଇ ହାଟେ ଯାଇକରି ତୁନସାଗ୍ ଘେନି ଆନ୍‌ବିସ୍। | : ନିମ୍ମା ହାଟୁମ୍ ହଂଜି କୁଶରୀ ଆଗି ତତ୍‌କିନ୍। |
| ଚଢ଼ିବା | : ଗଚେ ଚେଗି ଆମ୍ ତଲୁ। | : ମଡ଼ା ତଗସି ମାକାଁ କୟ୍‌ତମ୍। |
| କାଟିବା | : ଲଟାବୁଟା କାଝଲେ ସରି ଗୁଣ୍ଡି ନାରଅତ୍। | : ଲାଟାଁ ବୁଟାଁ କାଜ୍‌ଲେ ଗୁଣ୍ଡି ମନୋଁ। |
| ଖେଳିବା | : ନିମାନ ଖଡ଼ିକରି କଦ୍‌ଲୀ ପାଲା ରୋପ୍‌ଲେ ଗଚ୍ ଜିଇଁସି। | : ଆଛା କାଡ୍‌ସି କେରା ପଦ୍‌ଲା ଉର୍‌ସ୍ତେକ୍ ମଡ଼ା ପିସାନୁଁ। |
| ଲଢେଇ କରିବା: | ସାଇଲକ୍ ସାଙ୍ଗେ ଲାଗବାଟା ଭଲ ନାଇଁ। | : ହେଡେୟତୋଡ୍ ସଙ୍ଗେ ଲାଗାଲାଗି କିୟାନା ଆଛା ଆୟୋ। |

| | | |
|---|---|---|
| ଝୁଲାଇବା | ବାବା ଛାତାକେ ଖୁଟିନେ ଆଲାଇଲା। | ବାବାଲ୍ ଛାତା ତୁନ୍ ଖୁଟି ଦେ ଅଡିହ୍‌ତଡ଼୍ |
| ସାହାଯ୍ୟ କରିବା | ନତିବା ଲକ୍‌କେ ସାଇଜ୍ କର୍‌ବା ଦରମ୍‌ଆୟ୍। | ହିଲ୍ୱା ମାନେୟତୁନ୍ ଦାୟାକିଆନା ଧରମ୍ ଆନ୍ଦ୍। |
| ଜାଣିବା | ପାଟ୍ ପଡ଼୍‌ଲେ ସବୁକାତା ଜାନିଏଇସି । | ପାଠ୍ ପଢ୍ ହି କେତେକ୍ ସବ୍ ପଲୋଁପୁନ୍ଧି ଆୟାଡ୍। |
| ଦେଖିବା | ତୁଇ ଇତି କାଇଟା ଦେକ୍‌ଲୁସ୍ ? | ନିମ୍ମା ଇଗା ବତାଁ ହୁଡିତି। |
| ବ୍ୟବହାର କରିବା | ତୁଇ ମର ଲୁଗାକେ କାଇଗିନେ ବାଇଲୁନି। | ନିମ୍ମା ନାଓ୍ୱା ଗଜିଁକୁନ୍ ବାଁ କାଜେ କାଠଜତନି। |
| ମାନିବା | ଆମର୍ ଗାଏଁ ସବୁଲକ୍ ମାନିକରି ଆଚତ୍ । | ମାଓ୍ୱା ଓ୍ୱାଡାନୋଡ୍ ସବ୍‌ମାନେୟ୍ ମାନେମାସି ମନ୍ତୋଡ୍। |
| ପଢିବା | ପାଟ୍‌ପଡ଼୍‌ଲେ ଜାନ୍‌ବାର ଏଇସି। | ପାଠ୍ ପଢହି କିତେକ୍ ପୁନ୍ଧିଲା ଆୟାଡ୍। |
| ଖୋଜିବା | ଶୁକୁରା ଡାବୁ ଅଦରେଇ କରି ଖଜ୍‌ଲାନି। | ଶୁକରାଲ ପଇସାଁ ତୁହ୍‌ଚି କୋଜି କିତୁଡ୍। |
| ବିକ୍ରି କରିବା | ଆୟା ବାଙ୍ଗା ବିକ୍ ବାକେ ହାଟେ ଗାଲାନି। | ୟାୟାଲ୍ ବାଙ୍ଗାଁ ମମିଲା ହାଟୁମ୍ ହତ୍। |
| ଝାଡୁ କରିବା | ଗର୍ ଘରିପାଲି ବାଡ଼ାନୁ। | ଲୋତ୍ ନାଲୁଁ ପାକାଡ୍ ଅଲ୍‌ହା। |
| ଅରମ୍ଭ କରିବା | ଆଜିକାମ୍ ଆରମ୍ କର୍‌ବାକେ ଜୁ। | ନେଣ୍ଡ୍ କାମ ମୁଡ୍ କଇ ଲା ଦେୟ୍। |
| ଚୋରି କରିବା | ଚର୍‌ବା ଜିନିଷ ମନ୍ ଜମାନ୍ ଖଜିକରି ମିଲାଇବାୟ୍। | ଚୋରି କିଲେ ତିଜ୍‌ତୁନ୍ ଜଓ୍ୱାନ ଲୋଡ୍ ଖଜିକିସି ପସହାନୁଡ। |
| ପଠାଇବା | ପିଲାଟକିମନ୍‌କେ ଇସ୍କୁଲ୍‌କେ ପଟାଉ। | ପେକୋଡ୍ ପେକିଁ କୁନ୍ ଇସ୍କୂଲତେ ରୋହିଟ୍। |
| ନେବା | ତୁଇ ନେଇରେବା ଡାବୁ ଦେଇଦେ। | ନିଓ୍ୱାଁ ଓୟଲେଁ ପଇସାଁକୁନ୍ ହିସିହିମ୍। |
| ଇଚ୍ଛା କରିବା | ଦଶ୍‌ରା ଯାତ୍‌ରା ତାନେ ମନ୍ କର୍‌ବା ଜିନିଷମନ୍ ମିଲ୍‌ସି। | ଦଶହରା ବଜାର ତିଗାମନ୍ କିଲେତିଜକ୍ ମିଡାନୁଁ। |
| ପିନ୍ଧିବା | ତୁଇ ନିମାନ୍ କରି କାମିଜ୍ ଓଡ଼୍। | ନିମ୍ମା ଆଚାକିସି କୁଡ୍‌ତା କର୍‌ରା। |
| ଜିତିବା | ସେମନ୍ ଖେଲେ ଜିତିକରି ଗଲାୟ୍‌ନି। | ଓଡଲଡ଼୍ ଖେଲ୍‌ତେଓିତ୍‌ସି ହତୁଡ୍। |
| କାମ କରିବା | ମୋକେ ଜବର୍ ପାଇଟି କର୍‌ବାର୍ ଆଚେ। | ନାଓ୍ୱା ଆଛାୟ କାମମନ୍ତା। |
| କରିବା | ତୁଇ କାଇଟା କଲୁସ୍‌ନି ? | ନିମ୍ମା ବାହ୍ କିନ୍ତିନି। |
| ପଡ଼ିଯିବା | ପଦଲାମ ସାଇକେଲ ତାନ୍‌ନୁ ଅଦ୍‌ରିଗାଲା। | ପଦଲାମ୍ ସାଇକେଲ୍‌ତାହ ଆଡ୍‌ତୋଡ୍। |
| ବନ୍ଦକରିବା | ତୁଇ ଗାଡ଼ିକ ଚନ୍‌କେ ଥେବା। | ନିମ୍ମା ଗାଡିତୁନ୍ ଡଣ୍ଡିକ୍ ଥେବାହି କିମ୍। |
| ବୁଣିବା | ବେଡ଼ାନେ ଦାନ୍ ବୁନିବାକେ ବାବା ଯାଇରେଲା | ଓ୍ୱେଡ଼ାତେ ଅଂଜିଁ ଓ୍ୱିତିଲା ବାବାଲ୍ ହଂଜି ମତଡ୍। |
| ଖର୍ଚ୍ଚ କରିବା | ତୁଇ ଦେକ୍‌କରି ଖରଚ୍ କର୍‌ବାକେ ପଡ଼୍‌ସି। | ନିମ୍ମା ହୁଡ୍‌ସି ମଂଜାଲ୍ ଖର୍ଚ୍ଚା କିମ୍। |

## ଅସ୍ତ୍ରଶସ୍ତ୍ର

| | | |
|---|---|---|
| ଖଣ୍ଡା | ଖାଣ୍ଡା ବଡ଼େ ଧାର୍ ରେୟ୍‌ସି। | ଖଣ୍ଡା ଆଚାୟ ଧାଡ୍ ମାନ୍ତା। |
| ଗଦା | ନାଟେ ଭାରବା ଲୋକ୍ ଗଦା ଧରିରେବାୟ୍। | ନାଟହୁଡି ହାନ୍‌ଓ୍ୱାଲୋଡ୍ ଜାଗା ପୟସି ମାନ୍ତଡ଼୍। |
| ବୋମା | ବମ୍ ଫୁଟ୍‌ଲେ ଜବର୍ ସାଉଣ୍ଡ ହେୟ୍‌ସି। | ବମ୍ ପିର୍ତେକ୍ ଆଚାୟ ଗଢ୍‌ଜାଲ୍। |
| କଟୁରୀ / ଛୁରୀ | କାଟ୍ରି ସଙ୍ଗେ ସାଗ୍ ଡାଲ୍ କାଟ୍‌ବାୟେ। | କାଡ୍ରାତେ କୁଶ୍‌ରୀ,ନାଟ୍‌କାନା ଆନ୍ଦ୍। |

| | | |
|---|---|---|
| କାତି | : କାତି ଗଜିଆ ରେୟ୍‌ସି । | : କସେର ଗଜିୟାଲ୍ ମନ୍ଦାଡ୍ । |
| ତୀର | : ଶବର ମନ୍ ଧନୁ କାଣ୍ଡ ଧରି କରି ବୁଲ୍‌ତେରେବାୟ୍ । | : ଶବରଲୋଡ୍ କାନିଁ ୱିଲ୍‌କ୍ ପଇସି କମ୍ବାତେ ଅଲିଓ୍ୱାଲୋଡ଼ । |
| ଠେଙ୍ଗା | : ଠେଙ୍ଗ୍ ସଙ୍ଗେ କୁକୁର୍‌କେ ମାର୍‌ବା ଆଚତ୍ । | : ଠେଙ୍ଗାତେ ନାୟତୁନ୍ ହିନ୍ତଡ୍ । |
| ବନ୍ଧୁକ | : ପୋଲିସ୍ ମନ୍ ନଲି ଧରି କରି ବୁଲ୍‌ବାୟ୍ । | : ପୁଲିସ୍‌ଲୋଡ୍ ତିପକ୍ ପୟସି ଅଲିଓ୍ୱାଲୋଡ୍ । |
| ଧନୁ | : ଧନୁ ବାଙ୍ଗ୍‌ଟି ରେୟ୍‌ସି । | : ଗୁଲେଡ୍ କକ୍‌ଟାଲ ମନ୍ଦାଡ୍ । |
| ଟାଙ୍ଗିଆ | : ଟାଙ୍ଗିଆ ସଙ୍ଗେ ଦାରୁ ଫୁଟାୟ୍‌ବାୟ୍ । | : ଟୟ୍‌ଙ୍ଗାତେ କର୍ଚ୍ଚାଁ ପାହାନୁଡ୍ । |
| ଚାବୁକ୍ | : କରଡ଼ା ସଙ୍ଗେ ମାର୍‌ଲେ ଦୁକ୍‌ସି । | : କଡାତେ ହିତେକ୍ ନୟାନୁଁ । |
| ଦାଆ | : ଇଲା ବାଙ୍ଗ୍‌ଟି ରେୟ୍‌ସି । | : ହାଟାଡ୍ କକଟାଲ୍ ମନ୍ଦାଡ୍ । |
| ବାଡ଼ି | : ଆମର୍ ଘରେ ଡାଙ୍ଗ୍ ଗଟେକ୍ ଆଚେ । | : ମାଓ୍ୱା ଲୋତେ ଟାଇଙ୍ଗା ଉଣ୍ଡାନ୍ ମନ୍ତା । |
| ଲମ୍ବାବାଉଁଶ | : ଲାଟି ସଙ୍ଗେ ଆମ୍ ତଲ୍‌ବାୟ୍ । | : ଲାଟିତେ ମର୍କାଁ କୟାନୁଡ୍ । |
| ପନିକି | : ମୁଇ ପନ୍‌କି ସାଙ୍ଗେ ଆମ୍ କାଟ୍‌କେନା ନା ପାରି | : ନନ୍ନା ପନ୍‌କିତେ ମର୍କା ଆସ୍କି ପରୋନ୍ । |
| ପରଶୁ | : ଆମର୍‌ଗରେ ବଡ୍‌ଟା ପର୍‌ଶୁ ଟାଙ୍ଗିଆ ଆଚେ । | : ମାଓ୍ୱା ଲୋତେ ହଜର ପରସି, ଟାୟ୍‌ଙ୍ଗା ମନ୍ତାଁ । |

## ପଶୁପକ୍ଷୀ (ଜନ୍‌ହୁପିଟେଁ)

| | | |
|---|---|---|
| ଜନ୍ତୁ | : ବନେ ଜିଥାଦ୍ ମନ୍ ରେବାୟ୍ । | : କମ୍ବାତେ ଜିୟାଦ୍‌କ୍ ମନ୍ଦାନୁଁ । |
| ପଶୁ | : କୁକୁର ଗୋଟେକ୍ ପଶୁ ଆୟ୍ । | : ନୟ ଉଣ୍ଡାନ୍ ପଶୁଜାତ୍ । |
| ବଣୁଆପଶୁ | : ବାଘ୍ ଗୋଟେକ୍ ବନ୍‌ପଶୁ ଆୟ୍ । | : ଡୁଓ୍ୱାଲ୍ ଉଣ୍ଡାନ୍ କମ୍ବା ପଶୁଆନ୍ଦ୍ । |
| ଗୃହପାଳିତ ପଶୁ: | ଗାୟକେ ଘରେ ପଶ୍‌ବାୟ୍ । | : ଟାଲିତୁନ୍ ଲୋତେ ପୋଶିକିଆନାଆନ୍ଦ୍ । |
| ଚତୁଷ୍ପଦ | : ଗାୟ୍‌କେ ଚାରଟା ଗୋଡ଼ ଆଚେ । | : ଟାଲିତା ନାଲୁଁଠାନ୍ କାଲ୍‌କ୍ ମନ୍ତାଁ । |
| ଦ୍ୱିପଦ ପ୍ରାଣୀ | : ନର୍ ଲୋକକେ ଦୁଇଟା ଲାକା ଗୋଡ଼ ଆଚେ । | : ନର୍ ମାନେୟଲାଁ ରାହ୍‌କ୍‌ଠାନ୍ କାଲ୍‌କ୍ ମନ୍ତାଁ । |
| ତୃଣଭୋଜୀ | : ଗାୟ୍ ଘାସ ଖାଇସି । | : ଟାଲି ଲାଟା ତିନ୍ଦାଲ୍ । |
| ମାଂସାଶୀ | : ବାଘ୍ ମାଉସ୍ ଖାଉ ଆୟ୍ । | : ଡୁଓ୍ୱାଲ୍ ହଓ୍ୱିଁ ତିନ୍ଦାଲ୍ । |
| ଜଳଚର | : ମାଛ୍ ମନ୍ ପାନି ଲଗେ ରେବାୟ୍ । | : ମିନ୍‌କ୍ ଏର୍ ତେ ମାନ୍ତାଁ । |
| ସ୍ଥଳଚର | : ନର୍ ଲୋକ୍ ମନ୍ ମାଟି ଉପରେ ଘର୍ ବାନ୍ଧିକରି ରେବାୟ । | : ମାନେୟ୍ ନେଲି ପରୋତେ ଲୋତ ଦୋହ୍‌ଟି ମାନ୍ତୋଡ । |
| ଆଖି | : ଆଖି ଆନେ ଦେଖ୍‌କେ ହେଇସି । | : କଣ୍ଡାଁନେ ହୁଡିଲା ଆନ୍ତା । |
| କାନ | : କାନେ ଶୁନ୍‌ବାକେ ଆଚତ୍ । | : କଓ୍ୱିନେ କେଂଜ୍‌ଲା ତୋଡ୍ । |
| ଶିଙ୍ଗ | : ବଡ଼େ ବଡ଼େ ଶିଙ୍ଗ୍ ଆଚେ । | : ହଜୋଃ ହଜୋଃ କହ୍‌କ୍ ମନ୍ତାଁ । |
| ଲାଞ୍ଜ | : ମାଙ୍କଡ଼ିକେ ଲେଞ୍ଜ ଭାର୍‌ଲା ଆଚେ । | : ମୁଂଜାଲ୍ ତୋକେର୍ ପସିଂତାଲ୍ । |
| ଗୋଡ଼ | : ଗୋଡ଼ ଥାନେ ହିଣ୍ଡବାୟେ । | : କାଲ୍‌କ୍‌ନେ ତାକାନୁଡ୍ । |
| ଖୁରା | : ଘୋଡ଼ାର ଖୁରା ଆଚେ । | : କୋଡାନା କୁଡିଁ ମନ୍ତାଁ । |
| ପହ୍ନା | : ଗାୟ୍‌କେ ଦୁଦ୍ ଆଚେ । | : ଟାଲିତା ପାଲ୍ ଡେଟି ମନ୍ତା । |
| ଚମଡ଼ା | : ପଡ୍ ଚାମ୍ ବଡ଼େ ଆଣ୍ଠୁଆ ରେୟ୍‌ସି । | : ଉଁଷା ତୋଲ୍ ଆଚାୟ ଟାଣ୍ଟ ମନ୍ଦାଲ୍ । |
| ଶୁଣ୍ଢ | : ଆମର ଘରେ ଶଣ୍ଡ ଗୋଟେକ୍ ଆଚେ । | : ମାଓ୍ୱା ଲୋତେ ଶାହାଣ୍ଡ ଉଣ୍ଡାନ୍ ମନ୍ତା । |

| | | |
|---|---|---|
| ଥୋମଣି | : ଭାଲୁ ଥମ୍‌ନା ଗଜିଆ ରେୟ୍‌ସି। | : ଆଡଜାଲ୍ ଥତ୍‌ନା ଗଜିୟାଲ୍ ମାନ୍ତା। |
| ଗୁହାଳ | : ଆମର୍ ଗରୁଶାଲେ ଗାୟ୍ ଗରୁ ମନ୍ ଆଚତ୍। | : ମାୱା କଟ୍‌କାତେ ଟାଲିହ୍ କୋନ୍ଦାଁ ମନ୍ତାଁ। |
| ଘୋଡ଼ାଶାଳ | : ଘୋଡ଼ା ଶାଲେ ଘୋଡ଼ା ମନ୍ ଆଚତ୍। | : କୋଡା ଶାଲ୍‌ତେ କଡା ମନ୍ତାଁ। |
| ଲୋମ | : ମେଣ୍ଢା ମନ୍‌କେ ଜବର୍ ରମ୍ ଆଚେ। | : ମେଣ୍ଢାନେ ଆଚାୟ୍ ପୁଦ୍‌ଗାଁ ମନ୍ତାଁ। |
| ପଘା | : ଗାୟ୍ ଡର୍ ଛିଡ଼ାୟ ହେଲା। | : ଟାଲି ଦାମ୍‌ଡିତୁନ୍ ଦଗିହ୍‌ତ୍। |
| କୁଣ୍ଡା | : ଗାୟମନ୍ କଣ୍ଡା ଖାଇଲାୟନି। | : ଟାଲିହ୍ ବୁଷ୍ଷା ତିତୁଁ। |
| ଘାସ | : ଗାୟ ଗୋରୁ ମନ୍ ଘାସ୍ ଖାଇଲାୟନି। | : ଟାଲିହ୍ କୋଣ୍ଢାଁ ଲାଟା ତିତୁଁ। |
| ହାତୀଦାନ୍ତ | : ହାତୀଦାତ୍ ଧବ୍‌ଲା ରେୟସି। | : ହାତୀ ପଲ୍‌କ୍ ପଣ୍ଡ୍ରାଲ୍ ମନ୍ଦାନୁଁ। |
| କୁକୁର ଛୁଆ | : ଆମର ଘରେ କୁକୁର ପିଲା ଗୋଟେକ୍ ଆଚେ। | : ମାୱା ଲୋତେ ନୟ୍ ପିଲା ଉଣ୍ଡାନ୍ ମନ୍ତା। |
| ଘୋଡ଼ାଛୁଆ | : ତାଙ୍କରତି ଘୋଡ଼ା ପିଲା ଗୋଟେକ ଆଚେ। | : ଓନ୍ନା ନିଗା କୋଡା ପିଲା ଉଣ୍ଡାନ୍ ମନ୍ତା। |
| ଛେଳିଛୁଆ | : ଛେଲି ପିଲା ମନ୍ ମେ ମେ କରି କାନ୍ଦି ବୁଲ୍‌ଲାୟନି। | : ଏଟିଁ ପିଲାଁ ମେଁ ମେଁ କିସି କିଲ୍‌ସି ଅଲିୟ୍‌ଲାତାଁ। |
| ଠେକୁଆଛୁଆ | : ଖାଡ଼ା ପିଲା ଗୋଟେକ୍ ବନେ ଡଗାୟ୍ ବୁଲ୍‌ଲାନି | : ମଲଡ୍ ପିଲା ଉଣ୍ଡାନ୍ କମ୍ମାତେ ମିର୍‌ସି ମିର୍‌ସି ଡାୟ୍‌ତ। |
| ବିରାଡ଼ିଛୁଆ | : ଆମର୍ ବିଲି, ପିଲା ଗୋଟେକ୍ ପାକାୟ୍‌ଲା। | : ମାୱା ବିଲାୟ୍ ପିଲା ଉଣ୍ଡାନ୍ ଆଡିହ୍ ତାଲ୍। |
| ହରିଣ ଛୁଆ | : ସମର୍ ପିଲା ବଡ଼େ ସୁନ୍ଦର୍ ଆଚେ। | : ମାଓ ପିଲା ଆଚାୟ ସୁନ୍ଦର୍ ମନ୍ତାଲ୍। |
| ବାଛୁରୀ | : ବାଟୀ ପିଲା ଗୋଟେକ୍ କେଡ଼େ ସୁନ୍ଦର ଘାଁସ୍ ଖାୟ୍‌ଲାନି। | : ପୟାପିଲା ଉଣ୍ଡାନ୍ ବଚର୍ ସୁନ୍ଦର୍ ଲାଟା ତିନ୍ତାଲ୍। |
| ଓଟ | : ଉଟ୍ ଟଟ୍ରା ବଡ଼େ ଲମ୍ ଆଚେ। | : ଉଟ୍ ଟଡ୍ରା ଆଚାୟ୍ ଲାମ୍ ମନ୍ତା। |
| ମୃଗ | : ସମର୍ ମନ୍ ବନେ ରେବାୟ। | : ମାଓକ୍ କମ୍ମାତେ ମନ୍ଦାନୁଁ। |
| କଲରା ପତ୍ରିଆ | : କାର୍‌ଲା ପତ୍ରିଆ ବାଘର୍ ପିଟି ଲଗେ କାର୍‌ଲା ପତର୍ ପାରା ଚିନ୍ ରେସି। | : ପିର୍‌କି ଡୁୱାଲ୍‌ତା ପରେକ୍‌ତିକେ କାରେଲା ଆର୍କିଁ ବୁନା ଚିନାଁ ମନ୍ତାଁ। |
| କୋକିଶିଆଳ | : କଲିଆ କୁକ୍‌ଡ଼ା ଧରି ଖାୟ୍‌ସି। | : କୋଲିଆଲ୍ କର୍‌କ୍ ପୟ୍‌ସି ତିନ୍ଦାଲ୍। |
| ଗଧ | : ଜବର୍ ଓଜନ୍ ବୟ୍‌ସି। | : ଗଦ୍‌ହୀ ଆଚାୟ ଭୋଜ୍ କାଂଜାଡ୍। |
| ଗୟଳ | : ମୁଇଁ ଗୋଟେକ୍ ଗଇଲ ଦେଖ୍‌ଲି | : ନନ୍ନା ଉଣ୍ଡାନ୍ ଗଏଣ୍ଡ୍ ହୁଡ୍‌ତା। |
| ଗାଈ | : ଆମର୍ ଘରେ ଗାୟ୍ ଗୋଟେକ୍ ଆଚେ। | : ମାୱା ଲୋତେ ଟାଲି ଉଣ୍ଡାନ୍ ମନ୍ତା। |
| ଗଧିଆ | : ହାୟ୍ ବାଟେ ଗଦ ଡୁରକା ଗୋଟେକ ଗାଲାନି। | : ଆଦ୍ ହରିତେ ଡୁୱାଲ୍ ଉଣ୍ଡାନ୍ ହତ୍। |
| ଘୁଷୁରୀ | : ବାରିୟା ଗୁକେ ଖାୟ୍‌ସି। | : ପଦ୍‌ଦୀ ପେଲେତୁନ୍ ତିନ୍ଧାଲ୍। |
| ଘୋଡ଼ା | : ଘୋଡ଼ା ବେଶି ପାଲାୟ୍‌ସି। | : କୋଡ୍‌ଡା ନକ୍‌ତେ ଡାୟାଲ୍। |
| ଚିତାବାଘ | : ଚିତା ବାଘର ଗାଗଡ଼ ଭର୍ତ୍ତି ଟୁପି ଟୁପି ବାନା ରେୟ୍‌ସି। | : ପିର୍‌କି ଡୁୱାଲ୍‌ତା ମେନ୍ଦ୍‌ଡେ ଭର୍ତ୍ତି ଟିର୍କିଁ ଟିର୍କିଁ ଚିତ୍ରାଲିଁ ମନ୍ଦାନୁଁ। |
| ଚୁଚୁନ୍ଦ୍ରା | : ଚୁଚୁନ୍ଦ୍ରା ମନ୍ ପେଣ୍ଟ୍ କାମିଜ୍ କେ କାତର୍ ବାୟ୍। | : ଚୁଚୁଲିଁ ତୁମାଂଜ, କୁଡ୍‌ତାଁ କୁନ୍ କତ୍ରି କିୟାନୁଁ। |
| ଚୁଟିଆମୂଷା | : ଚୁଟିଆ ମୂଷା ଧାନ୍ ଖାୟ୍‌ସି ଆଚେ। | : ଚୁଟି ହୁପେଁ ଅଂଜିଁ ତିନ୍ତାଁ। |
| ଛଡ଼ା | : ଆମର୍ ଗଟେ କଲିୟା ବାଛି ଆଚେ। | : ମାୱା ଉଣ୍ଡାନ୍ କର୍‌ୟା ପାୟା ମନ୍ତା। |

| | | |
|---|---|---|
| ଝିଙ୍କ | : ସାଇର୍ ପିଟି ଉପ୍‌ରେ କାଟା ରେୟ୍‌ସି । | : ହୟ୍‌ତା ପରେକ୍ ପରୋ ହାହ୍‌କ୍ ମନ୍ଦାନୁଁ । |
| ଠେକୁଆ | : ଖାଡ଼ା ଘାଁସ୍ ଖାୟ୍‌ସି । | : ମଲୋଡ୍ ଲାଟା ତିନ୍ଦାଲ୍ । |
| ନେଉଳ | : ଟିଲୁ ମୂଷା ଗଚେ ରେୟ୍‌ସି । | : କୋଡାଲ୍ ହୁପେ ମଡ୍‌ଡାତେ ମନ୍ଦାଲ୍ । |
| ବଳଦ | : ଆମର୍ ଘରେ ବଲଦ୍ ମନ୍ ଆଚତ୍ । | : ମାଓ୍ୱା ଲୋତେ କୋନ୍ଧାଁ ମନ୍ତାଁ । |
| ବଡ଼ମୂଷା | : ତାଙ୍କର୍‌ତି ଘର୍ ଭର୍ତ୍ତି ବଡ଼ ବଡ଼ ମୂଷା ମନ୍ ଆଚତ୍ । | : ଓଡାହିଗା ଲୋତ୍ ଭର୍ତ୍ତି ହଜୟ୍ ହଜହ୍ ହୁପେଁ ମନ୍ତାଁ |
| ବାନର | : ହନୁ ମନ୍ ବନେ ରେବାୟ୍ । | : ବେନ୍ଦ୍ରାଁ କମ୍ବାତେ ମନ୍ଦାନୁଁ । |
| ବଣ ମଣିଷ | : ପୂର୍ବେ ବନ୍ ନର୍ ମନ୍ ରେଲାୟ୍ । | : ତଲେୟ୍ କମ୍ବାତେ ବନ୍‌ମାନେୟ୍ ଲୋଡ୍ ମତୋଡ୍ । |
| ବାଘ | : ବାଘକେ ଦେଖିଲେ ଡର୍ ଲାଗସି । | : ଡୁଓ୍ୱାଲ୍‌ତୁନ୍ ହୁଡ୍‌ତେକ୍ ଅରେ ଅସାଲ୍ । |
| ବାଘୁଣୀ | : ବାଘ୍‌ନି ବାଘ୍ ପିଲା ମନ୍‌କେ କ୍ଷୀର ଖୁଆୟ୍‌ଲାନି । | : ମାଇ ଡୁଓ୍ୱାଲ୍ ପିଲାଁ କୁନ୍ ପାଲ୍ ଉହ୍‌ଲାତା । |
| ଭାଲୁ | : ବାଲୁ କାଲିଆ ରେୟ୍‌ସି । | : ଆଡ୍‌ଜାଲ୍ କର୍‌ୟାଲ୍ ମାନ୍ତା । |
| ମେଣ୍ଢା | : ମେଣ୍ଢାର ବାଲ୍ (ରୁମ୍) ଜବର୍ ମୋଟା ଆଚେ । | : ମେଣ୍ଢାନା ପୁଦ୍‌ଗାଁ ଆଚାୟ ମନ୍ଦ୍ ମନ୍ତାଁ । |
| ମେଣ୍ଢୀ | : ମେଣ୍ଡୀ ଗୋଟେକ୍ ଘାଁସ୍ ଖାୟ୍‌ଲାନି । | : ମେଣ୍ଢୀ ଉଣ୍ଡାନ୍ ଲାଟା ତିତ୍‌ତାଲ୍ । |
| ମଇଁଷି | : ମଇଁଷି ଚାମ୍ ଜବର୍ ଆଟୁଁଆ ରେୟ୍‌ସି । | : ଭଇଁଷି ତୋଲ୍ ନକ୍‌ତେ ମାନ୍ଦ୍ ମନ୍ଦାଲ୍ । |
| ସମ୍ବର | : ସମର୍ ମନ୍ ବନେ ରେବାୟ୍ । | : ମାଓକ୍ କମ୍ବାତେ ମନ୍ଦାନୁଁ । |
| ଷଣ୍ଢ | : ଆମର ଗାୟେଁ ଗୋଟେକ୍ ଷଣ୍ଡ୍ ଆଚେ । | : ମାଓ୍ୱା ଓ୍ୱାଡାତେ ଉଣ୍ଡାନ୍ ଷାହାଣ୍ଡ୍ ମନ୍ତାଲ୍ । |

## ପକ୍ଷୀ ପିଟେ

| | | |
|---|---|---|
| ଉଦ୍ୟମ | : ଆୟ୍ କାମକେ ଚେର୍‌ଷ୍ଟା କରୁ । | : ଆଦ୍ କାମ୍‌ଦୁନ୍ ଚେଷ୍ଟା କିକାଟ୍ । |
| ଓଟପକ୍ଷୀ | : ଉଟ୍ ଚେଡ଼େ ବଡେଟା ରେୟ୍‌ସି । | : ଓଟପିଟେ ହୋଜରେ ମନ୍ତାଲ୍ । |
| କପୋତ | : ପାଣ୍ଡ୍‌କା ଗୋଟେକ ଗଚେ ବସ୍‌ଲା ଆଚେ । | : ପୁରାଲ୍ ଉଣ୍ଡାନ୍ ମଡ୍‌ଡାତେ ଉଡ୍‌ତା । |
| କାଉ | : କାଉ କାଲିଆ ଆଚେ । | : କାଓ୍ୱାଲ୍ କର୍‌ୟାଲ୍ ମନ୍ତା । |
| କାଠହଣା | : ଗଛ୍ କାଟୁ ଚେଡେ ଗଛ୍ ପଲ୍‌କା ଲଗେ ରେୟ୍‌ସି | : କିଡ୍ରୀ ପିଟେ ମଡ୍‌ଡା ପୋଲକାତେ ମନ୍ଦାଡ୍ । |
| କୁକୁଡ଼ା | : କୁକ୍‌ଡ଼ା ମାଉସ୍ ବଡ଼େ ସୁଆଦ୍ ଲାଗ୍‌ସି । | : କର୍ ହଓ୍ୱିଁ ଆଛା ମିଲଙ୍ଗାଲ୍ । |
| ମାଇ କୁକୁଡ଼ା | : ପେଟି ଗାର୍ ଦେୟ୍‌ସି । | : ପୋଇଂଜ୍ କର୍ ମେସ୍କ୍ ହିୟାଲ୍ । |
| କୋଇଲି | : କୁମାଟି ଚେଡେ ବଡ଼େ ସୁନ୍ଦର ଗୀତ୍ ଗାୟ୍‌ସି ଆଚେ । | : କୋଲଲି ପିଟେ ଆଛା ସୁନ୍ଦର ପାଠ୍ ଓ୍ୱାର୍‌ଲାତା । |
| ଗୁଣ୍ଡୁଚୀ | : ଗୁଣ୍ଡରୀ ମାଉସ୍ ବଡ଼େ ସୁଆଦ୍ ଲାଗ୍‌ସି । | : ଉଡି ହଓ୍ୱି ମିଠାସ୍ ଲାଗାଲ୍ । |
| ଘର ଚଟିଆ | : ଘର୍ ଚେଡେ ଘରେ ରେବାୟ୍ । | : ଲୋତ୍ ଚଟ୍ୟାଲ୍ ଲୋତେ ମନ୍ଦାଲ୍ । |
| ଚିଲ | : ଗୀଦନି ଚେଡ଼େ କୁକଡ଼ା ପିଲା ମନ୍‌କେ ଖାୟ୍‌ସି । | : ଗିଦାଲ୍ ପିଟେ କର୍ ପିଲାଙ୍କୁନ୍ ତିନ୍ଦାଡ୍ । |
| ଛଞ୍ଚାଣ | : ଚେଚାନ୍ ମାନ୍ଦା ମାନ୍ଦା ଉଡି ବୁଲ୍‌ଲାୟନି । | : ହାଚାଡ ଦିବାଁ ଦିବାଁ ପରିସି ଅଲ୍ୟାନା । |
| ହରଡଚଡେଇ | : ଏବେ ଆରି ଅରଡ଼୍ ଚେଡେ ନା ଦିଶତ୍ । | : ଇଦେକ୍ ଆଉଡ୍ ପନାହ୍ ପିଟେଁ ଦିସଁ । |
| ହଂସ | : ହଁସ୍ ମନ୍ କାଦ ଆରି ମଇଲା ପାନି ଖାଇବାୟ୍ । | : ହାଂସାଁ ଚିକ୍ଲା ମୟଲା ଖାଦି ତିନ୍ଦାନୁଁ । |
| ପେଚା | : କୁମ୍ପା ଚେଡେର୍ ଆଖି ମନ୍ ଗୁଲ୍‌ଟୁ ଗୁଲ୍‌ଟୁ ଆଚେ | : କୁର୍‌ଓ୍ୱ ପିଟେ ତାଁ କଣ୍ଡୁଁ ଗୁଲ୍‌ଟୁଁ ଗୁଲଟୁଁ ମନ୍ତାଁ । |
| ବଗ | : କକଡାର୍ ଗୋଡ଼ ମନ୍ ଡେଙ୍ଗ୍ ଡେଙ୍ଗ୍ ଆଚେ । | : କକଡାଲ୍‌ତା କାଲ୍‌କ୍ ଡେଙ୍ଗ୍ ଡେଙ୍ଗ୍ ମନ୍ତାଁ । |

| | | |
|---|---|---|
| ବଣି | : ରାମି ବନେ ରେୟସି । | : ରାମି ପିଟେ କମ୍‌ନାଦେ ମନ୍ଦାଲ୍ । |
| ବାଦୁଡ଼ି | : ଗାଦ୍‌ଲା ମାଉସ୍ ଖାଇବାର୍ ହେୟସି । | : ଗେଦୁର୍ ହଡ୍ଡି ତିନ୍ଦାନା ଆନ୍ଦ୍ । |
| ମୟୂର | : ମଜୁର୍ ବଡ଼େ ସୁନ୍ଦର୍ ନାଚ୍‌ସି ଆଚେ । | : ମଲ୍ଲୁ ଆଛା ସୁନ୍ଦର୍ ଏନ୍ଦ୍‌ଲାତା । |
| ମାଛରଙ୍କା | : ପାନି ହସ୍ ପାନି ଲଗେ ରେୟସି । | : କିଢକିଡି ପିଟେ ଏର୍ ତିଗା ମନ୍ଦାଲ୍ । |
| ରାଜହଂସ | : ରାଜହସ୍ ଘରେ ରେଲେ ଘରେ ସାପ୍ ନାଆସତ୍ । | : ରାଜହାସା ଲୋତେ ମତେକ୍ ଲୋତେତରାସ୍ ଓ୍ୱାୟୋ । |
| ଶୁଆ | : ରୁପୁ ଗୋଟେକ୍ ଆମର୍ ଘରେ ଆଚେ । | : ହିଡ଼ିଇ ଉଣ୍ଡାନ୍ ମାଓ୍ୱା ଲୋତେ ମନ୍ତା । |
| ହଳଦୀ ବସନ୍ତ | : ହଲଦି ବସନ୍ତ ଗେଡେ ହଲଦି ପରା ରେୟସି । | : କମ୍‌କା ବୋଦଡ୍ କମ୍‌କା ବୁନା ମନ୍ଦାଲ୍ । |
| ଅଣ୍ଡା | : କୁକ୍‌ଡ଼ା ଗାର୍ ଧବ୍‌ଲା ଆଚେ । | : କରମେଞ୍ଜି ପଣ୍ଡ୍ରାଲ୍ ମନ୍ଦାଡ୍ । |
| ଥଣ୍ଟ | : କକଡ଼ାର୍ ଚଣ୍ଟି ଗଜିଆ ରେୟସି । | : କକଡାଲ୍‌ତାଟଡି ଗଜ୍ୟାଲ୍ ମନ୍ଦାଲ୍ । |
| ପର | : କୁକଡ଼ା ପକ୍ଷୀ ବଡ଼େ ଆଫୁଆ । | : କର୍ ପୁଦ୍‌ଗା ଆଚାୟ୍, ଟାଣ୍ଟ୍ । |
| ବସା | : ଚେଡ଼େ କାୟ ସୁନ୍ଦର୍ ବସା ବାନ୍ଦ୍‌ଲା ଆଚେ । | : ପିଟେଁ ବନେ ସୁନ୍ଦର୍ ଗୁଡା ବାନହ କିତାଲ୍ । |
| ମୟୂର | : ମଜୁର୍ ଗୋଟେକ୍ ଗଚେ ଚେଗ୍‌ଲା ଆଚେ | : ମଲ୍ଲୁ ଉଣ୍ଡାନ୍ ମଡ୍‌ଡାତେ ଉଟ୍‌ତାଲ୍ । |
| ଶଙ୍ଖଚିଲ | : କାଲିସର କକ୍‌ଡ଼ା କୁକୁଡ଼ା ଚିଅଁମନ୍‌କେ ଦରିନେସି । | : ହାଚାଡ଼ କର ପିଚଁକୁନ୍ ପୟସି ଓୟାଲ୍ । |

## ଅଂଗପ୍ରତ୍ୟଙ୍ଗ

| | | |
|---|---|---|
| ମୁଣ୍ଡଗଣ୍ଡି | : ତାର୍ ମୁଣ୍ଡ ଗଣ୍ଡି ଠିକ୍ ନାଇଁ । | : ଓନ୍ନା ତଲ୍ଲା ମେନ୍ଦଲ୍ ଆଚାହିଲେ । |
| ମୁହଁ | : ତାର ମୁଁ ବଡ଼େ ସୁନ୍ଦର୍ ଆଚେ । | : ଓନ୍ନା ମାହା ବନେ ସୁନ୍ଦର୍ ମନ୍ତା । |
| ପାଟି | : ତାର ଟଣ୍ଡ ଜବର୍ ବାସନା କଲାନି । | : ଓନ୍ନା ଟଡ୍‌ଡି ଆଚାୟ ବୈଙ୍ଗ୍‌ଲାତା । |
| ଆଖି | : ଆକି ଆନେ ଦେଖିବାକେ ହେୟସି । | : କଣ୍ଡାନେ ହୁଡିଲା ଆନ୍ତା । |
| ଆଖିପତା | : ଆକିପତା ଆକିକେ ଜାଗରତ୍ କର୍‌ସି । | : କଣ୍ଡା ମିନ୍ଦି କଣ୍ଡାଁକୁନ୍ ରାଖା କିୟାନୁଁ । |
| ଦାନ୍ତ | : ସବୁଦିନେ ସାକାଲ୍ ବେଲା ଦାତ୍ ଘଷିବାର ଆଚେ । | : ସବଦିନା ନାକ ହୋଡା ପର୍କାଲ୍ କିୟାନା ଆନ୍ଦ୍ । |
| ଜିଭ | : ଜିବ୍ ଥାନେ ଚାକବାୟେ । | : ଅଂଜେର୍‌ତେ ଅଂଡାନା ଆନ୍ଦ୍ । |
| କପାଳ | : ଆଁକିର ଉପରେ କପାଲ୍ ଆଚେ । | : ତଗ୍‌ଧିର୍‌ତେ କାମ କିୟାନା ଆନ୍ଦ୍ । |
| ଖପୁରୀ | : ଆୟ୍ ଆଦ୍‌ରି କରି କିପ୍ରୀତାନେ ମାଡ୍ ପାଇଲା । | : ଓଡ୍ ମିଣ୍ଡ ତୁଡ୍ କୋପ୍‌ଡିତେ ମାଡ୍ ଆତ୍ । |
| ମସ୍ତିଷ୍କ | : ମତିସ୍ ଟିକ୍ କରି ପାଟ୍ ପଡ଼ଲେ ସର୍‌ତେ ମନେରେସି । | : ମନ୍ ହିସି ପାଠ୍ ପଢ଼ହି କିତେକ୍ ମନ୍ନତେ ମନ୍ଦଡ୍ । |
| ଗାଲ | : ତାର୍ ଗାଲ୍ ବଡ଼େ ବଡ଼େ ଆଚେ । | : ଓନ୍ନା କର୍‌ଓ୍ୱି ହଜହ୍ ହଜହ୍ ମନ୍ତାଁ । |
| ବାଳ | : ତର୍ ବାଲ୍ ପାଚ୍‌ଲା ଆଚେ । | : ନିଓ୍ୱାଁ କଲ୍‌କ୍ ପଣ୍ଡତାଁ । |
| ଗଳା | : ମୋରେ ଗାଲା ଜବର୍ ଦୁକଲାନି । | : ନାକୁନ୍ ଗାଲା ଆଚାୟ୍ କର୍ ଅସ୍ତାଲ୍ । |
| ବେକ | : ତାର୍ ଟଟ୍ରା ଜବର୍ ଲମ୍ ଆଚେ । | : ଓନ୍ନା ଟଡ୍ରା ଆଚାୟ୍ ଲାମ୍ ମନ୍ତା । |
| ଛାତି | : ତାର୍ ଛାତି କେଡ଼େକ ଓସାର୍ ଆଚେ । | : ଓନ୍ନା ଛାତି ବଚର୍ ଚାକୋଡ୍ ମନ୍‌ତା । |
| ଫୁସ୍‌ଫୁସ୍ | : ନର ଲୋକ୍‌କେ କଲ୍‌ଜା ଆଚେ । | : ନର୍ ମାନେୟ ନିଗା ତଡ୍‌କିଁ ମନ୍ତାଁ । |

ପ୍ଲିହା : ବାଟେ ବାଗ୍ ଦେକିକରି ଲଖନର୍ ଗୁଣ୍ଡିଆ ପାନି ଏଇଗଲା। : ହରିତେ ଢୁଓ୍ୱାଲ୍ ହୁଡ୍‌ସି ଲଖନନାଗାଣ୍ଡ୍ ପାଟେମୋତ୍।

ପେଟ : ମୋକେ ଯେତ୍‌କି ଭାତ୍ ଖାୟ୍‌ଲେ ମିଶାପେଟ ପୁରେ ନାଇଁ । : ନିକୁନ୍ ବଚ୍‌ରେ ଜଉଡି ତିତେକ୍ ଗଲା ପଟ୍‌ଟା ପଂଜୋ।

କାନ୍ଧ : ମୁଇଁ ତାର କନ୍ଦ ସମାନ୍ ନାହେଇ। : ନନ୍ନା ଓନ୍ନା ହଟ୍‌ଟା ସାମାନ୍ ଆଇପରୋନ୍।

ବାହୁ : ତାର୍ ଡ଼େନା ବଡ଼େ ବଡ଼େ ଆଚେ। : ଓନ୍ନା ବାହାଁ ହଜହ ହଜୋହ୍ ମନ୍ତାଁ।

କହୁଣୀ : ତାର୍ କଇନି ଲଗେ ଗଟେକ୍ କସୁ ଏଲାଆଚେ। : ଓନ୍ନା କହନୀ ତିଗା କସ୍‌ସୁ ଆତାଲ୍ ।

ହାତ : ମୋର ଆତ୍ ଭଙ୍ଗ୍‌ଲା ଆଚେ। : ନା ଓ୍ୱା କୟ ଉରୁଙ୍ଗ୍ ତାଲ୍।

ଆଙ୍ଗୁଠି : ସବୁକେ ପାଞ୍ଚ୍‌ଟା ଲାକା ଆଙ୍ଗ୍‌ଟି ଆଚେ। : ସବୋୟ ଲିଗା ହୟଟାନ୍ ଅଣ୍ଡକିଂ ମନ୍ତାଁ।

ବାମହାତ : ଡେବ୍ରିହାତେ ଭାତ ନା ଖାଇବାର ଆୟ୍। : ଡେବ୍ରୀ କୟ୍‌ତେ ଜଉଡି ତିନ୍ଦାନା ଆୟୋ।

ଡାହାଣ ହାତ : ବୁଜ୍‌ନି ହାତେ ଭାତ୍ ନା ଖାଇବାର୍ ଆୟ୍। : ତିନ୍ନା କୟ୍‌ତେ ଜଉଡି ତିନ୍ଦାନା ଆନ୍ଦ୍।

ନାକ : ତାର ନାକ୍ ଗଜିଆ ଆଚେ। : ଓନ୍ନା ମସୋର୍ ଗଜିଆ ମନ୍ତା।

ଓଠ : ତାର୍ ଅଁଟି ବଡ଼େ ସୁନ୍ଦର୍ ଆଚେ। : ତାନ୍ନା ହିଲ୍‌ଓ୍ୱି ଆଛା ସୁନ୍ଦର ମନ୍ତା।

ଥୋଡ଼ି : ତାକେ ଟଡ଼ି ଲଗେ ଘା ହେଲା ଆଚେ। : ଓନ୍ନା ଟାଡ୍‌ଓ୍ୱା ତିଗା ଘାଅ ଆତାଲ୍।

ଘଣ୍ଟିକା : ଆୟ୍ ଶଙ୍କନାଲା ଫାଟ୍‌ତେ କାନ୍ଦ୍‌ଲା। : ଓଡ୍ ଗେଙ୍ଗା ପିଡାନ ବୁନା କିଲ୍‌ତୁଡ୍।

ନଖ : ନିକେ ମଇଁଲା ନାରକ୍‌ବାର୍। : ତିଡିଂଜ୍‌ତେ ମଇଲ୍ କେମ୍ମା।

ବୁଢ଼ାଙ୍ଗୁଳି : ସବୁ ଆଙ୍ଗ୍‌ଟି ଆଇନୁ ମାଇଁ ଆଙ୍ଗ୍‌ଟି ବଡ଼ ରେୟ୍‌ସି : ସବ୍ ଆଣ୍ଡ ବିନାହ୍ ମାଇ ଆଣ୍ଡକି ହଜର୍ ମନ୍ଦାଲ୍।

ତର୍ଜନୀ : ତା'ର୍ ବିଶ୍ ଆଙ୍ଗ୍‌ଟିତାନେ ଦୁକା ଏଇସି ଆଚେ। : ଓନ୍ନା ବିଶି ଆଣ୍ଡକି ତିଗା ନୋନ୍ତାଲ୍।

ମଧ୍ୟମା : ମୋର୍ ମଜି ଆଙ୍ଗ୍‌ଟି ଲଗେ କସୁ ହେଲା ଆଚେ। : ନାଓ୍ୱା ନଉଡେ ଆଣ୍ଡ୍‌କି ତିଗା କସୁ ଆତାଲ୍।

ଅନାମିକା : ଆପା ମୁଦିପିନ୍ଧା ଆଙ୍ଗ୍‌ଟିତାନେ ଗଟେକ୍ ମୁଦି ପିନ୍ଧ୍‌ଲାଆଚେ। : ଦିଦି ମୁନ୍ଦି କରହାନା ଅଣ୍ଡକିତେ □ଣ୍ଡାନ୍ ମୁଦା କରିହ୍ ଚିତ୍।

କନିଷ୍ଠା : ଚିନି ଆଙ୍ଗ୍‌ଟି ସବୁ ଆଙ୍ଗ୍‌ଟି ଥାନୁ ସାନ୍ ରେୟ୍‌ସି । : ଚିନି ଆଣ୍ଡ୍‌କି ସବ୍ ଆଣ୍ଡ୍ କିନାହ୍ ହୁଡ୍‌ଲା ମନ୍ଦାଡ୍ ।

ନାଭି : ପେଟ୍ ତଲେ ବମ୍‌ଲି ଆଚେ। : ପଟ୍‌ଟା ଦୋଡି ମଡ୍‌ଡି ମାନ୍‌ତା।

ପିଠି : ତାକେ ପିଟି ଉପରେ ଘାଅ ହେଲା ଆଚେ। : ଓନ୍ନା ପରେକ୍ ପରୋ ଘାଅ ଆତାଲ୍।

ମେରୁଦଣ୍ଡ : ସବୁ ବେଲେ ପିଟି ହାଡ୍ ସିଧା କରି ରକ୍‌ବାର୍। : ସବ୍‌ଦାୟଁ ପରେକ୍ ହାଡ୍‌ଡା ସୁଲଙ୍ଗ୍ କିଇ ହେଓ।

ଅଣ୍ଟା : ମୋକେ ଜବର ଆଣ୍ଟା ଦୁକ୍‌ଲାନି ଜବର୍ । : ନାକୁନ୍ ଆଛାୟ୍ ନଡ୍‌ଡି ନୋନ୍ତାଲ୍।

କାଖ : ମାଇଁଜି ଗଟେକ୍ କାକେ ପାନି ହାଣ୍ଡି ବଇଁ କରି ଆନ୍‌ଲାନି। : ଆସ୍‌କ୍ ଉଣ୍ଟାନ୍ ଗୁଙ୍ଗୁଲ୍‌ତେ ଏର୍‌ମଲ୍ଲା କାଞ୍ଚି ତତ୍‌ଲାତା।

ଜଙ୍ଘ : ତାର୍ ଜଙ୍ଘ୍ ମନ୍ ବଡ଼େ ବଡ଼େ ଆଚେ। : ତାନ୍ନା କୁର୍କାଁ ହଜୋ ହଜୋ ମନ୍ତାଁ।

ଚମଡ଼ା : ନର୍ ଗମ୍ ଜବର୍ ପତ୍‌ଲା ଆଚେ। : ମାନେୟ୍‌ଲା ଚାମ୍‌ଡି ଆଚାୟ ପାତେର୍ ମନ୍ତା।

ନାଭିପୋଟା : ନର୍ ଲୋକ୍ ମନ୍‌କେ ସବୁକେ ବମ୍‌ଲି ଆଚେ। : ନର ମାନେୟଲାଁ ସବୋୟ ଲାଁ ମଡ୍‌ଡିଁ ମନ୍ତାଁ।

ଆଣ୍ଟୁ : ଡକ୍‌ରା ଡକ୍‌ରି ମନ୍‌କେ ମାଣ୍ଡି ଜବର୍ ଦୁକାୟସି। : ସେନୋହ୍ ମୁଦ୍ୟା ଲୋଡକ୍ ନାଁ ମିଣ୍ଡାଁ

| | | |
|---|---|---|
| | | ଆଚାୟ୍ ନୋୟା ନୁଁ । |
| ପାଦ | ପାଦେ ହିଣ୍ଡି ଜିବାର୍ ହେଇସି । | କାଲ୍‌କ୍‌ନେ ତାକ୍‌ସି ହନ୍ଦାନା ଆନ୍ଦ୍ । |
| ଗୋଇଠି | ମୋକେ ଖରା ଦିନେ ଲେଡ଼ି ଫାଟସେ ଆଚେ । | ନାୱାନ୍ ଆଦି ଦିନ୍ନା ମଡେକା ଫିଡାନୁଁ । |
| ପିଠ | ତାର ପେଣ୍ଡା କେଡ଼େକ୍ ବଡ଼୍‌ଟା ଆଚେ । | ତାନ୍ନା କୁଲା ବଚର୍ ହୋଜର ମାନ୍ତା । |
| ଶରୀର | ଗାଗଡ଼୍‌କେ ସବୁବେଲେ ସଫା ରଖିବାର୍ ଆୟ । | ମେନ୍ଦଲ୍‌ତୁନ୍ ସବ୍‌ଦାୟଁ ସାଫା ଇରାନା ଆନ୍ଦ୍ । |
| ନାଡ଼ି | ଆମର ହାତେ ନାଡ଼ି ଆଚେ । | ମାୱା କୟ୍‌ତେ ଶିଡକ୍ ମନ୍ତାଁ । |
| ମୂତ୍ରଦ୍ୱାର | ମୁତ୍ ଦୁଆର୍ ବାଟେ ମୁତ୍‌ବାୟେ ସବୁଲୋକ୍ ମନ୍ | ଉଡ୍‌କାନା ହରିତିକେ ଉଡ୍‌କାନୁଡ଼୍ ସବୋୟ ମାନେୟ । |

## ବେଶଭୂଷା ଓ ଅଳଙ୍କାର

| | | |
|---|---|---|
| ପୋଷାକ | ଲାଜର୍ କଜେ ଆମେ ସବୁ ପଟିଟୁଟି ପିନ୍ଦ୍‌ବାର କତା । | ଲାଜ୍‌କାଜେ ମମୋ ସବୋୟ୍ ଗତ୍‌ଲିଁ ହୁତାନା ଆନ୍ଦ । |
| କାମିଜ୍ | ମୋକେ ରଙ୍ଗ୍ କାମିଜ୍ ଗୋଟେକ୍ ଆଚେ । | ନାୱା ଲାଲ୍ କୁଡ୍‌ତା ଉଣ୍ଷାନ୍ ମନ୍ତା । |
| କଠଉ | ମାପୁ ମନ କଟଉ ପିନ୍ଦ୍ ବାୟ୍ । | ମାହାପୃ ଲିଁ କଠାଉଁ କରାନା ଆନ୍ଦୁଁ । |
| କମ୍ବଳ | ଆମର୍ ଘରେ କଲିଆ ସାଲ୍ ଗୋଟେକ୍ ଆଚେ । | ମାୱା ଲୋତେ କର୍‌ୟା ସାଲ୍ ଉଣ୍ଷାନ୍ ମନ୍ତା । |
| କୌପୁନି | ପୁର୍‌ବେ ଲକ୍‌ମନ୍ ଲେଙ୍ଗ୍‌ଟି ମାର୍‌ତେ ରେଲାୟ୍ । | ଲତେୟ୍‌ତୋଡ ମାନେୟ ଲେଙ୍ଗ୍‌ଟି ହୁତ୍‌ସଡ଼୍ ମାତଡ଼ । |
| କୋଟ | ଅକିଲ୍ ମନ୍ କୋଟ୍ ପିନ୍ଦ୍‌ବାୟ୍ । | ଅକିଲ୍‌ଲୋଡ଼୍ କୋଟ କୁଡ୍‌ତାଁ କର୍‌ୱାଲୋଡ୍ । |
| ଗାମୁଛା | ତୁଆଲ୍‌କେ ପାନି ଲଗେ ଭିଜାୟ୍ କରି ଘର୍ ଫୁଚ୍‌ବାର୍ ଆୟ୍ । | କଣ୍ଡ୍‌ୱା ତୁନ୍ ଏର୍ ତିଗା ପୁହ୍‌ଚି ମଂଜାଲ୍ ଲୋତୁନ୍ ଉସ୍ମାନା ଆନ୍ଦ୍ । |
| ଗଂଜି | ମାମା ଆଟ୍‌ତାନ୍‌ନୁ ଗଟେକ୍ ବାଡ଼ି ଘେନିଆନ୍‌ଲା | ୟାୟାଲ୍ ହାଟୁମ୍ ତାହାଲେ ଉଣ୍ଷାନ୍ ବଣ୍ଡି ଆସିତତ୍ । |
| ଘଣ୍ଟା | ଆମର୍ ଘରେ ବଡ଼େଟା ଘଣ୍ଟା ଗୋଟେକ୍ ଆଚେ । | ମାୱା ଲୋତେ ହଜୋରେ ଘାଣ୍ଟା ଉଠାନ୍ ମନ୍ତା । |
| ଚଦର | ସୀତ୍ ଲାଗ୍‌ଲେ ଚାଦର୍ ଅଡ଼ି କରି ଶୟ୍‌ବାର୍ । | ପିନୀ ଅସ୍ତେକ୍ ମୁଛାନା ମୁଛି ରମାନା ଆନ୍ଦ୍ । |
| ଛତା | ଆମର୍‌ତି କାଲିଆ ଛାତା ଗୋଟେକ୍ ଆଚେ । | ମହ୍‌ଙ୍ଗା କର୍‌ୟା ଛାତା ଉଣ୍ଷାନ୍ ମନ୍ତା । |
| ଯୋତା | ପାଣ୍ଡାୟ୍ ଯଦି ନ ପିନ୍ଦ୍‌ଲେ ଗୋଡ଼େ ଧୁର୍ଲି ବାଲି ଲାଗ୍‌ସି । | ହର୍ପୁହ୍ କର୍‌ୱେକ୍ କାଲ୍‌କ୍‌ନେ ଡୁଡ୍‌କି କୁଦୁର୍ ଟୁଣ୍ଡାଡ୍ । |
| ଜାକେଟ | ମାଇଁଜି ଟକି ମନ୍ ଜାକେଟ୍ ପିନ୍ଦ୍‌ବାୟ୍ । | ଆସ୍କ ପେକିଁ ଗାଲା ଜାକେଟ୍ କୁଡ୍‌ତା କର୍‌ଲାତାଁ । |
| ଟୋପି | ଖରା ବେଳେ ମୁଣ୍ଡେ ଟପି ପିନ୍ଦିକରି ଯିବାର୍ । | ଆଦି ହୋଡା ତଲ୍ଲା ତେ ଟୋପି କର୍ସି ହନ୍ଦାନା ଆନ୍ଦ୍ । |

| | | |
|---|---|---|
| ତଉଲିଆ | ତୁଆଲ୍ ପିଁଜି ପାନି ଦୟବାର ଆୟ୍ । | ପାଗା ହୁତ୍‌ସି ଏର୍ ନରାନା ଆନ୍ଦ୍ । |
| ତକିଆ | ଶୟ୍‌ଲା ବେଳେ ମୁଣ୍ଡେ ମୁଣ୍ଡଉଷା ଦିଇକରି ଶୟ୍‌ବାର୍ ଆୟ୍ । | ରମ୍ଭାନା ହୋଡା ତଲ୍ଲାତେ ତଲ୍ଲାଉଷା ହିସି ରମ୍ଭାନା ଆନ୍ଦ୍ । |
| ଧୋତି | ଡକ୍‌ରା ଲୋକ୍ ମନ୍ ଧୋତି ପିନ୍ଦ୍‌ବାୟ୍ । | ମୁଦ୍ୟାଲୋଡ୍ ଧତି ହୁତ୍‌ସି ମନ୍ଦାନୁଡ୍ । |
| ପଗଡ଼ି | ପଞ୍ଜାବି ବାଲା ମନ୍ ମୁଣ୍ଡେ ପଗଡ଼ି ପିନ୍ଦ୍‌ବାୟ୍ । | ପଞ୍ଜାବୀ ଲୋଡ୍ ତଲ୍ଲା ତେ ପାଗଡ଼ି ଦୋହାନୁଡ୍ । |
| ପ୍ୟାଣ୍ଟ | ମୋକେ ପୁରା ଚେଡ଼ି ଗୋଟେକ୍ ଆଚେ । | ନାଓ୍ୱା ପୁରାପାଜି ଉଣ୍ଡାନ୍ ମନ୍ତା । |
| ପାନିଆ | ପାନିଆ ସଙ୍ଗେ ମୁଣ୍ଡ କରି ହେବାୟ୍ । | ପାନିଆତେ ତଲ୍ଲା ହିଡ୍‌ଛାନା ଆନ୍ଦ୍ । |
| ଫ୍ରକ | ଟକି ମନ୍ ଗାଉନ୍ ପିନ୍ଦ୍‌ଲେ ସୁନ୍ଦର୍ ଦିଶ୍‌ବାୟ୍ । | ପେକିଁ ପୋଲ୍ କା କର୍‌ତେକ୍ ସୁନ୍ଦର୍ ହୁଡ୍‌ଲାତାଁ । |
| ବର୍ଷାତି | ବରସା ମାର୍‌ଲାକେ ତାର୍‌ଲା ଗୋଟେକ୍ ପିନ୍ଦ୍‌ଲା ଆଚେ । | ପିର ଓ୍ୱାତେକ୍ ମୁଚାନା ଆନ୍ଦ୍ । |
| ମୋଜା | ଆୟ୍ ମଉଜା ଆରି ବୁଟ୍ ପିନ୍ଦ୍‌ଲା ଆଚେ । | ଓଡ୍ ମଉଜା ଆରୁ ବୁଟ୍‌କ୍ କର୍‌ତୋଡ୍ । |
| ବୁଟ୍ | ପିଲାଟକି ମନ୍ ବୁଟ୍ ପିନ୍ଧି କରି ଇସ୍କୁଲେ ଯିବାୟ୍ । | ପେକୋଡ୍ ପେକିଁ ବୁଟକ୍ କର୍‌ସି ସ୍କୁଲ୍‌ହତୁଁ । |
| ମଶାରି | ମଶାରି ଟାଙ୍ଗି ଶୟ୍‌ଲେ ମ୍ୟାଲେରିଆ ଜର୍ ନାହେଁ । | ମାଶାରୀ ଟାଙ୍ଗିକିସି ରମ୍‌ତେକ୍ ମେଲେର୍ୟା ଜଡ୍ ଆୟୋ । |
| ରୁମାଲ | ଖାଇସାରି କରି ରୁମାଲ ସଙ୍ଗେ ହାତ୍ ପୁଚିହେବାର୍ ଆୟ୍ । | ତିଂଜି ମାହଛି ରୁମାଲ୍‌ତେ କୟ୍ ଉସ୍କାନା ଆନ୍ଦ୍ । |
| ଲୁଙ୍ଗି | ଆମର୍ ବାବା ଲୁଙ୍ଗି ପିନ୍ଦ୍‌ସି ଆଚେ । | ମାଓ୍ୱଡ୍ ବାବାଲ୍ ଲୁହ୍‌ଙ୍ଗି ହୁତ୍‌ଓ୍ୱାଲ୍ ଆନ୍ଦୁଡ୍ । |
| ଶାଲ | ଆମର୍ ଘରେ ଧବ୍‌ଲା ସାଲ୍ ଗୋଟେକ୍ ଆଚେ । | ମାଓ୍ୱା ଲୋତେ ପଣ୍ଡରା ଚଦର୍ ଉଣ୍ଡାନ୍ ମନ୍ତା । |
| ସେମିଜ୍ | ମାଇଜି ଟକି ମନ୍ ସେମିଜ ପିନ୍ଦ୍‌ବାୟେ । | ଆସକ୍ ପେକିଁ ସେମିଜ୍ ହୁତ୍‌ଲାତାଁ । |
| ସାୟା | ମାଇଁଜି ଟକି ମନ୍ ଲାଙ୍ଗା ପିନ୍ଦ୍ ବାୟେ ଆଚତ୍ । | ଆସ୍କ ପେକିଁ ଲାହ୍‌ଙ୍ଗା ହୁତ୍‌ଲାତାଁ । |
| ଶାଢୀ | ମୋର୍ ମାଁକେ ରଙ୍ଗ ଫାଟି ଗୋଟେକ୍ ଆଚେ । | ନାଓ୍ୱା ୟାୟାନା ଉଣ୍ଡାନ୍ ଲାଲ୍ ଗଜି ମନ୍ତା । |
| ସୁଏଟର | ଲୋକ୍ ଗୋଟେକ୍ ସୁଟେର୍ ପିନ୍ଦ୍‌ଲା ଆଚେ । | ଏଡ୍ ଉଣ୍ଡାନ୍ ସୁଟେର୍ କର୍‌ତୋଡ୍ । |
| ପଇତା | ବାମନ୍ ଲୋକ ପଇତା ପିନ୍ଦ୍‌ବାୟ୍ । | ବାମନ୍ ଲୋଡ୍ ଜନ୍‌ହି କର୍‌ଓ୍ୱାଲୋଡ୍ । |
| ମୁକୁଟ | ରାଜା ମୁକୁଟ ପିନ୍ଦ୍‌ଲା ଆଚେ । | ରାଜାଲ୍ ମକୁଟ୍ କର୍‌ତୋଡ୍ । |
| କନ୍ଥା | ଆୟା ଚ଼ତ୍‌ଲି ସିଲାୟ୍‌ଲାନି । | ୟାୟାଲ୍ କତର୍‌ରି କିଚ୍‌ତାଲ୍ । |

## ଅଳଙ୍କାର

| | | |
|---|---|---|
| ଅଳଙ୍କାର | ମଦନାଗରେ ଜବର ସୁନାବାନା ରେସି । | ମଦନା, ଲୋତେ ଆଚାୟ୍ ସୋନାବାନାଁ ମନ୍ତା । |
| ଅତର | କିଆଫୁଲ ତାନନୁ ଅତର୍ ବାର୍‌କର୍‌ବାୟା । | କେଅଁରା ଫୁଙ୍ଗାର୍ ତାହ୍ ଆତର୍ ପସ୍‌ହାନୁଡ୍ । |
| ଅଳତା | ଅଲତା ରଙ୍ଗ୍ ରେୟ୍‌ସି । | ଅତର୍ ଲାଲ୍ ମନ୍ଦାଲ୍ । |
| କାନଫୁଲ | କାନପୁଲ୍ ପିଁନ୍ଦ୍‌ଲେ ବଡ଼େ ସୁନ୍ଦର ଦିସ୍‌ସି । | ଆଦ୍ କିଲଓ୍ୱାଁ କର୍‌ତେକ ଆଚାୟ୍ ସୁନ୍ଦରୀ ହୁଡ୍‌ତାଲ୍ । |
| ବଚ | ଫୁଲ ପିନ୍ଦ୍‌ଲା ଆଚେ । | ଫୁଙ୍ଗାର୍ କର୍‌ତାଲ୍ । |
| କୁଣ୍ଡଳ | ରାବନ୍‌ରଜା କୁଣ୍ଡଲ୍ ପିନ୍ଧିକରି ବାର୍‌ସିୟ୍ । | ରାଓନ୍ ରାଜାଲ୍ କୁଣ୍ଡଲ୍ କର୍‌ସି ପସି ଓ୍ୱାଲ୍ |

| | | | | |
|---|---|---|---|---|
| ଚୂଡ଼ି | : | ଆୟ୍ ରଙ୍ଗ୍ ଚୁଡ଼ି ପିନ୍ଧ୍‌ଲା। | : | ଆଦ୍ ଲାଲ୍ ଚୂଡିଁ କର୍‌ତାଲ୍। |
| ଖଡୁ | : | ଖଡୁକେ ହାତେ ପିନ୍ଧ୍‌ବାୟ। | : | ଖାଡୁତୁନ୍ କୟତେ କର୍‌ୱା ଲୋଡ୍। |
| ହାର | : | ଆୟ୍ ଗାଲାୟେ ସୁନାର୍ ହାର୍ ପିନ୍ଧ୍‌ଲା ଆଚେ। | : | ଆଦ୍ ଟୋଡ୍‌ରାତେ ସୋନା ହାର୍ କର୍‌ତାଲ୍। |
| ମୁଦି | : | ମୋକେ ସୁନାର୍ ମୁଦି ଗୋଟେକ୍ ଆଚେ। | : | ନାଓ୍ୱା ସୋନା ମୁଦା ଉଣ୍ଡାନ୍ ମନ୍ତା। |
| ବଳା | : | ବଣ୍ଡାମାଇଜିମନ୍ ବେକେ ଗାଗ୍‌ଲା ମନ୍ ପିନ୍ଧ୍‌ବାର୍। | : | ବଣ୍ଡା ଆସ୍‌କ୍ ଟଡ୍‌ରାତେ ସୁତାଁ କରାନୁଁ। |
| ଟିକିଲି | : | ହାୟ୍ ଟକି ସୁନ୍ଦର ଟିକିଲି ପିନ୍ଧଲା ଆଚେ। | : | ହାଦ୍ ପେଗ୍‌ଡି ସୁନ୍ଦର୍ ଟିକ୍‌ଲି ଟୁଣ୍ଡିହ୍‌ତାଲ୍। |
| ନାକଫୁଲ | : | ହାଟେ ଫୁଲ ନାକର ବିକବାୟ। | : | ହାଟୁମ୍‌ତେ ମସୋର୍‌ତା ଫୁଲି ମମ୍‌ଲାତୋଡ଼୍ । |
| ଚିପୁଣି | : | ଚମ୍ପା ମୁଣ୍ଡେ ରଂଗ୍ ଚିପ୍‌ନା ପିନ୍ଧ୍‌ଲା ଆଚେ | : | ଚମ୍ପା ତାଲାତେ ଲାଲ୍ ପେକା କର୍‌ତାଲ୍। |
| ନୋଥ | : | ପୂରବେ ମାଇଜିମନ୍ ନାକେ ଜେତ୍ ପିନ୍ଧ୍‌ରେଲାୟ୍ | : | ତଲେୟ୍ ଆସ୍କଲିଁ ମସୋରତେ ନତ୍‌ଲି କର୍‌ସି ମତ୍‌ତାଁ। |
| ଘୁଙ୍ଗୁର | : | ନାଟେ ଗାଗୁଡ଼ି ପିନ୍ଧ୍‌କରି ନାଚ୍‌ବାୟ୍। | : | ନାଟ୍‌ତେ ଜାପ୍‌କ୍ କର୍‌ସି ଏନ୍ଦଦୁଡ୍। |
| ବାଜୁ | : | ଆମର୍ ଦାଦିଡକ୍‌ରୀ ବାଉଁଟା ପିନ୍ଧ୍‌ଲାଆଚେ। | : | ମାଓ୍ୱା ସେନୟାଲ୍ ବାହାଟାଁ କର୍‌ତାଲ୍। |
| ଲକେଟ | : | ମୁଇଁ ହାଟେ ଲକେଟ୍ ଘେନିରେଲି। | : | ନନ୍ନା ହାଟୁମତେ ତାବିଂଜ୍ ଆସି ମତାନା। |
| ପାଉଁଜି | : | ଫାଜୁଲ୍‌କେ ଗୋଡ଼େ ପିନ୍ଧ୍‌ବାୟ୍ । | : | ପଇଁ-ଡିଁକାଲ୍‌ତେ କରିଲା ଇଂଜି କରାନା। |
| ପଦକ | : | ଆୟାର ମାଲି ଆରିମିନା ବଡ଼େ ଡଉଲ୍ ଆଚେ। | : | ୟାୟାନା ମାଲା ଆଛା ସୁନ୍ଦର ମନ୍ତା। |
| ସୁର୍ମା | : | ଆକି କାଜୁଲ୍ ମଣ୍ଡଇଲେ ଆକି ନିମାନ୍ ରେସି। | : | କଣ୍ଡାଁନେ କାଜେର୍ ଟୁଣ୍ଡିହ୍‌ତେକ୍ କଣ୍ଡାଁ ବନେ ମନ୍ଦାଲ୍। |
| ସାବୁନ | : | ସବୁ ଦିନେ ଗାଦାୟଲା ବେଲା ସାବୁନ୍ ଲଗାୟ୍ ବାର ଆୟ୍। | : | ସବ୍‌ଦିନା ନାହାୟ୍ କିୟାନ୍ ହୋଡା ସାବୁନ୍ ହୋକାନା ଆନ୍ଦ୍ । |
| ପାନିଆ | : | ମୋକେ କେଡ଼େ ସୁନ୍ଦର୍ ପନିଆ ଗୋଟେକ୍ ଆଚେ। | : | ନାଓ୍ୱା ବଚୋର୍ ସୁନ୍ଦର୍ ପନିୟା ଉଣ୍ଡାନ୍ ମନ୍ତା । |
| ଦର୍ପଣ | : | ଦରପନ ଲଗେ ମୁଁ ଦେଖବାୟ୍। | : | ଦର୍‌ପନ୍ ତିଗା ମାହାତୁନ୍ ହୁଡାନା ଆନ୍ଦ୍ । |
| ମୁଣ୍ଡଫିତା | : | ଟକିମନ୍ ମୁଣ୍ଡେ ରିବନ୍ ପିନ୍ଧ୍‌ଲା ଆଚତ୍। | : | ପେକିଁ ତଲ୍ଲାତେ ଫିତା ଦୋହତାଁ। |

## ସଂଖ୍ୟା ଗଣନା

| | | | | |
|---|---|---|---|---|
| ଏକ୍ / ଲାବ୍ | : | କାଇଟା ମିଶା ଗନିବା ଆଗତୁ ଏକ / ଲାବ୍ କରବାୟ୍। | : | ଉଣ୍ଡିଟାନ ବାତାୟ ୟାତେକ୍ ଗାଲା ଲାକାନା ହୋକା ଉଣ୍ଡି / ଲାଭ କିଆନ୍ |
| ଦୁଇ | : | ଇବାଟେ ଦୁଇଳକ୍ ଗାଲାୟ୍। | : | ହିକେ ରାଣ୍ଡଜନଡ୍ ହାଡୁଡ଼୍ । |
| ତିନ | : | ଚ଼ରତାନୁ ଏକ୍ କାଟ୍‌ଲେ ସରି ତିନ୍ ହେଇସି। | : | ନାଲୁଙ୍ଗତେ ଉଣ୍ଡିଗଟେ ମାତେକ୍ ମୁଣ୍ଡ ମାନ୍ଦାଲ। |
| ଚ଼ରି | : | ଦୁଇଦୁଇଟା ଆମ୍ ମିଳାଇଲେ ଚ଼ରଟାଆମ୍ ହେଇସି। | : | ରାଣ୍ଡ୍ ରାଣ୍ଡଟାନ୍ ମାର୍‌କା ଆତେକ୍ ନାଲୁଙ୍ଗ ଆୟାଲ। |

| | | |
|---|---|---|
| ପାଞ୍ଚ | ଆମର ଗଟେକ୍ ଆତେ ଆରିଗଡ଼େ ପାଞ୍ଚପାଞ୍ଚଟା ଆଙ୍ଗଟି ଆଚେ । | ମାୱା ଉଣ୍ଡି କାୟତେ ହାଇଙ୍ଗହାଇଙ୍ଗଟାନ୍ ଅଣ୍ଡକି ମାନ୍ତା । |
| ଛଅ | ତିନ୍‌ଟା ଦୁଇ ମିଶ୍‌ଲେ ଛଅ । | ମୁଣ୍ଡଟାନ୍ ରାଣ୍ଡ୍ ମିଶେମାତେକ୍ ହାରୁଙ୍ଗ୍ । |
| ସାତ୍ | ସାତ୍ ଦିନ୍ ମିଶା ହପ୍ତା । | ସାତ୍‌ଦିନାତେ ଉଣ୍ଡି ହପ୍ତା । |
| ଆଠ | ଋର୍ ଦୁନେ ଆଟ୍ । | ନାଲୁଙ୍ଗ ଦେ ରାଣ୍ଡ ଗୁଣେ ମାତେକ ଆଟ ଆନ୍ତା । |
| ନଅ | ନଅଟା ବେଲେ ଇସ୍କୁଲେ ଯିବାକେ ପଡ଼ସି । | ନଅବାଜେ ଇସ୍କୁଲତେ ହନ୍ଦ୍‌ଲା ଆୟଲ୍ |
| ଦଶ | ରାବନ୍‌ର ଦଶ୍‌ମୁଣ୍ଡ ଆମେ ନାଟେ ଦେକିରେଲୁ । | ରାବନ ଦଶଟାନତାଲାଁ ମାମୋ ନାଟ୍‌ତେ ହୁଡସି ମାତ୍‌ତମ୍ମା । |
| ଏଗାର | ଦଶ୍‌ତାନେ ଏକ୍ ମିଶଇଲେ ଏଗାର । | ଦାଶତେ ଉଣ୍ଡି ମିଶାକିତେକ୍ ଏଗାର । |
| ବାର | ତିନ୍‌ଟା ଋର ମିଶାୟଲେ ବାର୍ ହେଇସି । | ମୁଣ୍ଡଟାନ ନାଲୁଙ୍ଗ ମିଶାକିତେକ୍ ବାରା ଆୟାଲ୍ । |
| ତେର | ମଦନକେ ତେର୍ ବରସ୍ ଋଲ୍‌ଲାନି । | ମଦନତୁନ ତେରା ଅଡ୍‌ଷା଼ ଚାଲେମାନ୍ତା । |
| ଚଉଦ | ବାର ଆରି ଦୁଇ ମିଶାୟଲେ ଚଉଦ । | ବାରା ଆଉର ରାଣ୍ଡ ମିଶେମାତେକ ଚଉଦା । |
| ପନ୍ଦର | ତିନ୍‌ଟା ପାଞ୍ଚ ମିଶାୟଲେ ପନ୍ଦର । | ମୁଣ୍ଡଟାନ ହାଇଙ୍ଗ ମିଶେମାତେକ୍ ପନ୍ଦ୍‌ରା |
| ଷୋହଳ | ତର୍‌ଦଶଟା  କୋଲି ଆରିମର୍ ଛଅଟା କଲି ମିଶିକରି ସଲ୍‌ଟା କଲି । | ନିୱାଦାଶ୍‌ଟାନ ପାତ୍ରି ଅଉର ନାଆଁ ହାରୁଙ୍ଗଟାନ ପାତ୍ରି ମିଶେମାତେକ ସଲା । |
| ସତର | ମୁଇ ସତ୍‌ରଟଁକା ଦେଇକରି ଗଟେ ଖାତା ଘେନ୍‌ଲି । | ନାନ୍ନା ସତ୍‌ରା ରୂପୟା ହିସି ଉଣ୍ଡି ଖାତା ଆସତା । |
| ଅଠର | ନଅଟା ନଅଟା ମିଶ୍‌ଲେ ଅଟ୍‌ରଟା ଏଇସି । | ନଅନଅ ମିଶେମାତେ ଅଟ୍‌ରା ଆୟାଲ । |
| ଉଣେଇଶ | ସେବ୍‌ତୀର ବଡ଼େ ଦାଦାକେ ଅନିସ୍ ବରସ୍ ହେଲା ଆଚେ । | ସେବତୀନା ହଜର ଦାଦାନ୍ ଆନାଇସ୍ ଅଡସା ଆତା । |
| କୋଡ଼ିଏ | ଆୟା ଦି କୋଡ଼ି ଡାବୁ ଦେଇ କରି ଫାଟି ଗଟେକ | ୟାୟାଲ୍ ରାଣ୍ଡ କୋଡ଼ି ପଇସା ହିସିମାଜା କୁଦାଲ ଉଣ୍ଡି ଆସ୍ତା । |
| | ଘେନ୍‌ଲା ଆଚେ । | |

## ଜ୍ଞାତି କୁଟୁମ୍ବ

| | | |
|---|---|---|
| ପରିବାର | ଆମରି ବଡେଟା କୁଟୁମ୍ ଆଚେ । | ମାୱା ହୋଜର ପରିୱବାର ମାନ୍ତା । |
| ବଂଶ | ଆମର ନାଗ୍ ବାଇଁଶ ଆୟ । | ମାୱା ନାଗ୍ ବଁଶ୍ ଆନ୍ଧ୍ । |
| ବନ୍ଧୁ | ଆମରତି ବନ୍ଧୁ ମନ ଆୟବାୟ । | ମୱାହିଗା ସଙ୍ଗୱାରୀ ଲୋଡ୍ ୱାୟାନୁଡ । |
| ଅଜା /ପଣ ଗୋସେଇଁ ବାପା | ମୋକେ ଆନି ଦଦା । | ନାକୁନ ତାତିକି ଦାଦା । |
| ଆଇ / ପଣ ଗୋସେଇଁ ମା | ତାର ଗଟେକ ଆଇ । | ଆଦେନା ଉଣ୍ଡି ଆଜି ଆନ୍ଦ୍ । |
| ଜେଜେମା / ଆଇ | ମୋର ଆଇ ମୋକେ କତାନି କଇ ଦେଇସି । | ନାୱା ସେନୋ ୟା ନାକୁନ୍ ପସାଡ୍ ଲାଇଁହିତ୍ । |
| ବାପା | ମୋର ବାବା ମୋକେ ଜବର ଲାଡ୍ କରସି । | ନାୱଡ୍ ବାବାଲ୍ ନାକୁନ୍ ଆଚାୟ୍ ମାୟା  କେୱାଲ୍ । |
| ମା | ମୋର ମାଁ ମିଶା ମୋକେ ଦେଶି ଲାଡ଼ କରସି । | ନାୱା ୟାୟା ଗଲା ନାକୁନ୍ ନକ୍‌ତେ ଲାଡ୍ କିଆନା ଆନ୍ଦ । |

| | | |
|---|---|---|
| ପୁଅ | : ତାଙ୍କରତି ଦୁଇଟା ବେଟା ଆଚତ୍ । | : ଓଡା ଲିଗା ରଣ୍ଡ ଜନଡ୍ ମର୍କ୍ ମନ୍ତୋଡ୍ |
| ଝିଅ | : ଆମର ଘରେ ଗୋଟେକ୍ ବେଟି ଆଚେ । | : ମାଓ୍ୱା ଲୋତେ ଉଣ୍ଡିଜନା ମିୟାଡ୍ ମନ୍ତା । |
| ଭାଇ | : ମୋକେ ଗୋଟେକ୍ ଭାଇ ଆଚେ । | : ନାଓ୍ୱଡ୍ ଅରଡେ ଭାଇ ମନ୍ତୋଡ୍ । |
| ଭଉଣୀ | : ସୀତା ଆରି ଗୀତା ଦୁଇ ଭଉନୀ ହେବାୟ । | : ସୀତା ଆଉର୍ ଗୀତା ରଣ୍ଡ୍ ହେଲାହ୍ ଆୟାନୁଁ । |
| ବଡ଼ ଭଉଣୀ | : ମୋର୍ ବଡ଼ ବାଇ ବିବା ହେଲାବେ । | : ନାଓ୍ୱା ହଜୋର ଭାଇ ବିହାଓ୍ୱ ଆତଡ୍ । |
| ସାନ ଭଉଣୀ | : ସାନ ନନି ପାଠ୍ ପଡ଼ଲାନି । | : ହିଡ୍‌ଲା ନୁନୀ ପାଠ୍ ପଢ଼ହି କିନ୍ତାଲ୍ । |
| ସ୍ୱାମୀ | : ତାକେ ଗୋଟେକ୍ ମୁନୁଷ ଆଚେ । | : ତାନ୍ନୋଡ୍ ଅରଡ୍ ମୁଦ୍ୟ ମନ୍ତଡ୍ । |
| ସ୍ତ୍ରୀ | : ମାଇଜି ଟକି ମନ୍ ଘରେ ରେବାୟ୍ । | : ଆସ୍କ୍ ପେକିଁ ଲୋତେ ମନ୍ଦାନୁଁ । |
| ବଡବାପା | : ମକେ ଗୋଟେକ୍ ବଡ଼ ବାବା ଆଚେ । | : ନାଓ୍ୱଡ୍ ଅରଡ୍ ହଜୋର୍ ବାବାଲ୍ ମନ୍ତୋଡ୍ |
| କକା / ଦାଦା | : ତାକେ ସାନ୍‌ଟା ବାବା ଆଚେ । | : ଓନ୍ନୋଡ୍ ହୁଡୁର୍ ବାବାଲ୍ ମନ୍ତୋଡ୍ । |
| ବଡ଼ମା | : ବଡ଼ାୟଏଁ କାଲି ଆମର୍ ଘରେ ଆସିରେଲା । | : ହଜୋର୍ ୟାୟାଲ୍ ନିନ୍ନେ ମାଓ୍ୱା ଲୋତେ ଓ୍ୱାସିମତାଲ୍ । |
| ଖୁଡି / ମାଉସୀ | : ମୁଇଁ ସାନମାଁ ସଙ୍ଗେ ହାଟେ ଜାଇରେଲି । | : ନନ୍ନା କାକୀନ୍ ସଙ୍ଗେ ହାଟୁମ୍ ହଂଜି ମତ୍‌ତାନା । |
| ଭିଣୋଇ | : ତାକେ ଗୋଟେକ୍ ଭାଟ ଆଚେ । | : ଓନଡ୍ ଅରଡ୍ ଭାଟୋ ମନ୍ତୋଡ୍ । |
| ଭଣଜା | : ଆୟ ମୋର ବନଜୀ ହେୟସି । | : ଆଦ୍ ନାଓ୍ୱା ଭାଚି ଆୟାଲ୍ । |
| ଦିଅର | : ତାକେ ଗୋଟେକ୍ ଦେଉର ଆଚେ । | : ତାନ୍ନା ଅରଡ୍ ହର୍ଣ୍ଡୁ ମନ୍ତୋଡ୍ । |
| ନଣନ୍ଦ | : ତାକେ ଦୁଇଟା ନନଦ୍ ଆଚେ । | : ତାନ୍ନା ରଣ୍ଡ୍‌ଜାନ୍ନାଁ ହର୍‌ଡାହଁ ମନ୍ତାଁ । |
| ମାମୁ ପୁଅ ଭାଇ | : ମୋକେ ଗୋଟେକ୍ ମେଏନା ଭାଇ ଆଚେ । | : ନାଓ୍ୱଡ୍ ଅରଡ୍ ମୈନ୍ନା ଭାଇମନ୍ତୋଡ୍ । |
| ମାମୁଁଝିଅ ଭଉଣୀ | : ମାମାର ଟକି ମେଏନା ଭଇନୀ ହେୟସି । | : ମାମ୍ମାନା ମିୟାଡ୍ ମୈନ୍ନା ହେଲାଡ୍ ଆୟାଲ୍ । |
| ସମୁଦି | : ଆମେ ତାଙ୍କରତି ସମ୍‌ଦି ଜଡ଼ଲୁ ଆଚୁ । | : ମମ୍ମୋ ଓଡାଲିଗା ସମ୍‌ଦି ଯୋଡି କିତୋମା । |
| ସାଙ୍ଗ /ସାଥୀ /ମିତ୍ | : ମୋକେ ଗୋଟେକ ଭଲ୍ ସଙ୍ଗାତ୍ ଆଚେ । | : ନାଓ୍ୱଡ୍ ଅରଡ୍ ବନେତୋଡ୍ ସଙ୍ଗଓ୍ୱାରି ମନ୍ତୋଡ୍ । |

## ରଙ୍ଗ (ବେରନ୍)

| | | |
|---|---|---|
| ରଙ୍ଗ | : ସେମଲି ଫୁଲ ଜବର୍ ରଙ୍ଗ୍ ଆଚେ । | : ସେମେର ପୁଙ୍ଗାର୍ ଲାଲ୍ ମାନନ୍ତାଁ । |
| ଚିତ୍ର / ଛବି | : ପିଲାମନ୍ ଇସ୍କୁଲେ ବାନା ଲେଖିଲାୟନି । | : ପେକାଲଡ଼ ଇସ୍‌କୁଲ୍‌ତେ ଚିତ୍ର ବାନାହାଁ କିତୋଡ଼ । |
| ରଙ୍ଗଦେବା | : ଆମର ଘରେ ରୁପୁ କଲର୍ ବାନା ଦେଲୁଆଚୁ । | : ମାଓ୍ୱା ଲତେ୍ ହିଡାଇ ରଙ୍ଗ୍‌ଦା ସିଙ୍ଗାଡ୍ ହିତନା । |
| ଧଳା | : କୁକଡ଼ା ଅଣ୍ଡା ଧବ୍ ଆଚେ । | : କର୍ରକ୍ ମେଞ୍ଜ୍ ପାନଡ୍ରା ମାନନ୍ତା । |
| ଲାଲ୍ | : ମନ୍ଦାର ଫୁଲ୍ ରଙ୍ଗ୍ ରେୟସି । | : ମାନ୍ଦାର ପୁଙ୍ଗାର ଲାଲ୍ ମାନନ୍ତା । |
| ନୀଳ | : ବାଦଲ୍ ନିଳିଆ ଆଚେ । | : ବାଦର୍ ଟେହେରା ମାନନ୍ତା । |
| କଳା | : କାଉ କାଳିଆ ଆଚେ । | : କାଓ୍ୱାଲ୍ କଡିଆ ମାନନ୍ତା । |
| ଗାଢକଳା | : ମଇଁଷି ଗୋଟେକ୍ ବିଙ୍ଗ୍ କାଲିଆ ଆଚେ । | : ବାଇଁଷି ଉଣ୍ଡିଟାନ୍ ବିଟ୍‌ବିଟା କାରିୟା ମାନନ୍ତା |

| | | |
|---|---|---|
| ସବୁଜ | ଆମ୍ ଗଛର ପତର କଚାପତ୍ରିୟା ଆଚେ। | ମାରକା ମାଡ଼ାତା ଆଙ୍କିଁ ଶେମିରଙ୍ଗ୍ୟା ମାନନ୍ତା । |
| ହଳଦିଆ | ମେଣ୍ଡା ଫୁଲ୍ ହଲ୍ଦି ରେୟସି। | ଗନ୍ଦା ପୁଙ୍ଗାରତା ରଙ୍ଗ କମ୍କା ରଙ୍ଗମାନ୍ତା |
| ଧୂସର | ଧବ୍ଲା କାମିଜ୍ ଲଗେ ଅଲପ୍କେ ମୁଇଲ୍ ହେୟସି। | ପଣ୍ଡା କୁଡ୍ତାତେ ହିଡ଼ିକ୍ତେ ମାଇଲ୍ ଆନନ୍ତା। |
| ମାଟିଆ | ମୋକେ ମାଟିଆ ରଙ୍ଗ୍ ବାଡ଼ି ଗୋଟେକ୍ ଆଚେ। | ନାକୁନ୍ ତଡ଼ିଇ ରଙ୍ଗତା ଲଉଡି ଉଣ୍ଡିଟାନ୍ ମାନନ୍ତା। |
| ଧଳା ଓ ମାଟିଆ ମିଶା | ହାୟେ ଗାୟ୍ ଗୋଟେକ୍ ମାଟିଆ ଧବ୍ ଦିସ୍ଲାନି। | ଆଦ୍ ଟାଲି ପନ୍ଡ୍ରାଲ ଆଉର ତଡ଼ିଇ ରଙ୍ଗମନ୍ତା। |
| ରଙ୍ଗ ବେରଙ୍ଗ | ଆମର୍ ଘରେ ଚିତ୍ରାକାବରା କୁକୁଡ଼ା ଗୋଟେକ୍ ଆଚେ। | ମାଓ୍ୱା ଲତେ ଚିତ୍ରାକାବରା କର୍ ଉଣ୍ଡିଟାନ୍ ମାନ୍ନ୍ତା। |
| କଳା ଓ ଧଳା ମିଶା | ହାୟେ ସାପ୍ ଗୋଟେକ୍ କାଲିଆ ଚିତର୍ ଧବ୍ ଆଚେ। | ଆଦ୍ ଉଣ୍ଡିଟାନ୍ ତାରାସ୍ କରିୟା ଚିତ୍ରା ପନ୍ଡ୍ରା ମନନ୍ତା। |
| କଲରା ପତ୍ରିୟା ରଂଗ | କଲରା ପତରିଆ ବନ୍ଦେ ବିଜା ଫୁଲିଆ ବାଘ୍ ରେବାୟ। | କାମନାତେ ବିଜା ଫୁଲିଆ ଡୁଆଲ ମନ୍ଦାଲ୍ । |
| ମେଘୁଆ ନୀଳ | ହାୟେ ବନ୍ଦର ପାନି ବାଦଲିଆ ରଙ୍ଗ୍ ଆଚେ। | ଆଦ୍ ମୁଣ୍ଡାତା ଏର୍ ବାଦ୍ଲିୟା ରଙ୍ଗ୍ ମାନନ୍ତା । |
| ବାଇଗଣ ରଙ୍ଗ | ମୋର ମାଁ କେ ବାଙ୍ଗାରଙ୍ଗ୍ ଫାଟି ଗୋଟେକ୍ ଆଚେ। | ୟାୟାନା ସେମି ରଙ୍ଗିୟା ଗଜି ଉଂଟାନ୍ ମନ୍ତା |
| ଧଳା ଓ ଲାଲମିଶା | ମୋକେ ଗୁଲାପି ରଙ୍ଗ୍ର ଚେଡ଼ି ଗୋଟେକ୍ ଆଚେ। | ନାକୁନ୍ ଗୋଲାପ୍ ରଙ୍ଗତା ଉଣ୍ଡିଟାନ୍ ତୁମ୍‌ଂଜ୍ ମନ୍ନ୍ତା । |
| ଫିକା | ପଦ୍ମା ପତଲା ରଙ୍ଗର୍ ଲୁଗା ଗୋଟେକ୍ ପିନ୍ଦ୍ଲା ଆଚେ। | ପଦ୍ମାଲ୍ ପାତୁର ଗଜି ଉଠାନ୍ ହୁତ୍ତାଲ୍। |
| ସୁନେଲି | ମୋକେ ସୁନା ବରନ୍ ବଡ଼େ ସରଦା ଲାଗସି। | ନାକୁନ୍ ସୋନା ବୁନାତା ଆଛା ଶ୍ରଦ୍ଧା ଲାଗାଲ୍। |
| ଉଜ୍ଜ୍ୱଳ | ପୁନି ରାତିକେ ବଡ଼େ ଉଜଲ ଦିଶ୍ସି। | ପୁନି ଦିନା ହିକାଟତେ ବାଡ଼ିୟା ଓ୍ୱେତଚ ଡିସ୍ଲାତା । |
| ଜାମକୁଳିଆ | ଗୋଟେକ୍ ଜାମ୍କଲି ରଙ୍ଗର୍ କାମିଜ୍। | ଉଣ୍ଡି ଲେଣ୍ଡି କାୟା ରଙ୍ଗତା କୁଡ୍ତା। |
| ଗୋରା | ରାମ ବେଶି ପାଣ୍ଡୁରୁ ଆଚେ। | ରାମ ଆଛାୟ୍ ପନ୍ଡ୍ରାଲ୍ ମନ୍ତୋଡ୍। |
| ବାଦାମୀ | ଆୟ ଚେରଚନା ରଙ୍ଗର୍ ଗାଡ଼ି ଲଗେ ଚେଗି ଗାଲାନି। | ଓଡ୍ ମୁଙ୍ଗ୍ ପଲିଁ ଗାଡ୍ଡାତେ ତଗ୍ସି ହତ୍ତୁଡ୍ । |

## ସମୟ (ବେଲ୍)

| | | |
|---|---|---|
| ସମୟ | ମୁଇଁ ସମାନ୍ ବେଲାୟେ ଇସ୍କୁଲେ ଯିବିଆଚି। | ନାନ୍ନା ଠିକ୍ ସମୟତେ ଇସକୁଲ୍ ହାନତନା |
| ସକାଳ | ମୁଇଁ ସାକାଲ ବେଲା ଉଠ୍‌ବି। | ନାନା ନାର୍କିଁ ବେରାତେ ତେଦ୍ଓ୍ୱାନା। |
| ପ୍ରଭାତ | ମୋର ବାବା ମୁଁ ଚିନାଚିନା ଆନ୍ଦାର ଘରେ ଖେଟଲା। | ନାଓ୍ୱଡ଼ ବାବାଲ ମାହାଁଡନାହ୍ କିୟାନା ହିକାଟ୍ ତେଓ୍ୱାତୁଡ୍। |
| ବଡ଼ିଭୋର | ମୁଇଁ ଇସ୍କୁଲେ ଯିବା ପାଇଁ ବଡ଼େ ସାକାଲେ ଉଟ୍‌ବି। | ନାନ୍ନା ଇସ୍କୁଲ ହନ୍ଦାନ୍ କାଜେ ହଣ୍ଡ୍‌କାଡିଁ ନର୍‌କି ତେଦ୍ଲାତାନା। |

| | | |
|---|---|---|
| ପ୍ରତ୍ୟୁଷ | : ମୁଇଁ ଆଜି କୁକୁଡ଼ା ଡାକେ ଉଟଲି ଆଚି। | : ନାନ୍ନା ନେଣ୍ଡ କର କୁସୁକ୍ ତେତ୍‌ଥାନା। |
| ମଧ୍ୟାହ୍ନ | : ମଇଁଦାନେ ସୁରଜ୍ ଉଦ୍‌ଶି ଆଚେ। | : ମଇଦେନା ପୋଡ୍‌ଦ୍ ଡସ୍‌ଲାତା। |
| ଦିନ ଘ୧୦ଟାରୁ | : ମୁଇଁ ପେଜ୍ ବେଲାୟେ ଇସ୍କୁଲେ ଥାନ୍‌ନୁ ଘରେ ଗଲି। | : ନାନ୍ନା ଜାଓ୍ୱା ବେରାଦେ ଇସ୍କୁଲତାହ୍ ଲତେ ହାତ୍‌ତା। |
| ପୂର୍ବରୁ | : ମୁଇଁ ସାକାଲ୍‌ବେଲା ସବୁଦିନେ ପାଠ୍ ପଢ଼ବି | : ନାନ୍ନା ନରକୀ ହେଡା ସବ୍‌ଦିନା ପାଠ ପଢହି କିଖା। |
| ଅପରାହ୍ନ | : ଆଡ଼୍‌ବେଲା ମୁଇଁ ଖେଲ୍‌ବାକେ ଯିବି। | : ଉଣ୍ଡିପାହାଡ଼ ନାନ୍ନା କର୍ଷାନ୍ କାଜେ ହାନ୍ଦ୍‌କା। |
| ସଧ୍ୟା | : ମୁଇଁ ସଂଜ୍ ବେଲା କନ୍ତି ନାଜାଇ। | : ନାନ୍ନା ମୁଲାନ୍ ହୋଡା ବଗାୟ୍ ହନ୍ ନୋନ୍ । |
| ଅନ୍ଧ ସଧ୍ୟା | : ମୁଁ ଚିନା ଚିନି ବେଲା କନ୍ତି ନାଯିବାର୍। | : ନାନା ଚିମ୍‌ଜିଲେ ହୋଡା ବକେୟ ହାନୋନ୍। |
| ସୂର୍ଯ୍ୟୋଦୟ | : ପୁରବ୍ ଦିଗେ ବେଲ୍ ଉଦ୍‌ଶି ଆଚେ। | : ପୂର୍ବତିକେ ପୋଡଦ୍ ପଶିଲାତା। |
| ସୂର୍ଯ୍ୟାସ୍ତ | : ପଚିମ୍ ଦିଗେ ବେଲ୍ ବସ୍‌ଲାନି। | : ପଶ୍ଚିମ୍ ଦିକେ ପୋଡ୍‌ଦ୍ ମୁଡୁନ୍ଦ୍‌ଲାତା । |
| ପହରେ | : ଭାତ୍ ଖାଇ ସାର୍‌ବା ପଚେ ପାନି ଖାଇବାର୍। | : ଜଉଡ଼ିତିଞ୍ଜି ମାଡ୍‌ତେକ୍ ଏର୍ ଉଣ୍ଡାନା ଆନ୍ଦ୍ । |
| ଦିନ | : ମୁଇଁ ସବୁଦିନ୍ ଇସ୍କୁଲେ ଗଲିନି। | : ନାନ୍ନା ସବ୍‌ଦିନ ଇସକୁଲତେ ହନ୍ତାନା। |
| ରାତି | : ରାତି ହେଲେ ଜନ୍ ଉଦ୍‌ଶି। | : ନର୍କା ଆତେକ୍ ଲଲେଂଜ୍ ପଷ୍ୟାଲ୍। |
| ସପ୍ତାହ | : ମୁଇଁ ସାତ୍‌ଦିନ୍ ହେଲା ଇସ୍କୁଲେ ନାଜାଇ। | : ନାନ୍ନା ଉଣ୍ଡିହପ୍ତା ଆତ୍ ଇସ୍କୁଲ ହାନନ୍। |
| ପକ୍ଷ | : ଦୁଇଟା ପକ୍ଷକେ ଗଟେକ୍ ମାସ୍‌ଏସି। | : ରାଣ୍ଡଟାନ୍ ପକ୍ଷ ଦେ ଉଣ୍ଡି ମେହନା ଆନ୍ତା । |
| ମାସ | : ମାସ୍‌କେ ତିରିଶ୍ ଦିନ୍ ହେୟସି ଆଚେ। | : ମେହେନା ତେ ତିରିଶ୍ ଦିନା ଆନ୍ତାଲ୍। |
| ଘଣ୍ଟା | : ଆମର୍ ଘରେ ନୂଆ ଘଣ୍ଟା ଗୋଟେକ୍ ଆଚେ। | : ମାଓ୍ୱା ଲତେ ଉଣ୍ଡିଟାନ୍ ନୂଆ ଘଂଟା ମନ୍ତା। |
| ମିନିଟ୍ | : ଗୋଟେକ୍ ମିନିଟ୍‌କେ ୬୦ ସେକେଣ୍ଡ ଆୟ୍। | : ଉଣ୍ଡି ମିନିଟ୍ ଦେ ୬୦ ସେକେଣ୍ଡ ଆନ୍‌ତା। |

## ରତୁ

| | | |
|---|---|---|
| ଗ୍ରୀଷ୍ମରତୁ | : କାରାଦିନେ ଜବର୍ କାରା ହେୟସି। | : ଆଦି ଦିନାତେ ଆଛାୟ ଆଦି ଆନ୍ତାଲ୍। |
| ବର୍ଷାରତୁ | : ବର୍ଷା ଦିନେ ଜବର୍ ବର୍ଷା ହେୟ୍‌ସି। | : ଫିରଦିନା ତେ ଆଚାୟ ଫିର୍ ଆୟାଲ୍। |
| ଶରତ | : କାକର୍ ଦିନେ ଜୟ ଲାଗାୟ୍ କରି ଛେକ୍‌ବାୟ୍। | : ପିନିଦିନା ମାନେୟଲୋଡ୍ କିସ୍ ମାସି ତରସାନୁଡ୍। |
| ଶୀତରତୁ | : ଶିତ୍‌ଦିନେ ମିଶା ଜବର୍ ଶୀତ୍ ଲାଗ୍‌ସି। | : ଫିନିଦିନା ଗାଲା ଆଚାୟ ଫିନି ଅସ୍‌ଲାତା । |

## (ବାର୍‌ମାସ୍)

| | | |
|---|---|---|
| ବୈଶାଖ | : ବିସାକ୍ ମାସେ ପାଚ୍‌ଲା ଆମ ଜବର୍ ମିଲ୍‌ଶି। | : ବୈଶାକ୍ ମେହ୍‌ନାତେ ପାଣ୍ଡେଲେ ମାର୍‌କାଁ ଫୁଟ୍‌ଲାତାଁ। |
| ଜ୍ୟେଷ୍ଠ | : ଲାଣ୍ଡି ମାସ୍-ନୁ ପାନି ମାର୍‌ବାଟା ଆରାମ୍ ହେୟ୍‌ସି। | : ଲାଣ୍ଡି ମହ୍‌ନାତେ ପିରଓ୍ୱାୟାନା ଶୁରୁ ଆନ୍ତାଲ। |

| | | |
|---|---|---|
| ଆଷାଢ | : ଆଷାଢ୍ ମାସେ ଜବର୍ ପାନି ମାର୍‌ସି। | : ଆଷାଡ ମେହ୍‌ନାତେ ଆଛାୟ ପିର୍‌ଓ୍ୱାନ୍ତାଲ୍ |
| ଶ୍ରାବଣ | : ବାନ୍ଦାପନ୍ ମାସେ ଉଁଆସ୍ ପରବ୍ ହେୟ୍‌ସି। | : ଶାଓ୍ୱାନ୍ ମେହ୍‌ନାତେ ଆମୁସ୍ ତିହାର୍ ଆୟାଲା |
| ଭାଦ୍ରବ | : ଅସା ମାସେ ଅସା ପରବ୍ ହେୟ୍‌ସି। | : ଭାଦମ୍‌ମେହନା ଦେ ତିହାଡ଼୍ ଆନ୍ତା। |
| ଆଶ୍ୱିନ୍ | : ଦଶ୍‌ରା ମାସେ ଦିଆଲି ପରବ୍ ହେୟ୍‌ସି। | : ଦାଶହେରା ମେହ୍‌ନାତେ ଦଶହେରା ଆନ୍ତି। |
| କାର୍ତ୍ତିକ | : ଦିଆଲି ମାସେ ଦିଆଲି ପରବ୍ ହେୟ୍‌ସି। | : ଦିଆଲି ମେହ୍‌ନାତେ ଦିଆରି ତିହାର ଆନ୍ତା। |
| ମାର୍ଗଶିର | : ପଣ୍ଡ୍ ମାସେ ଜବର୍ ଶୀତ୍ ହେୟ୍‌ସି। | : ପାଣ୍ଡୁ ମେହ୍‌ନାତେ ଫିନି ଆଚାୟ ଅଶଲାତା। |
| ପୌଷ | : ପୁଷ୍‌ମାସେ ପୁସ୍ ପରବ୍ ହେୟ୍‌ସି। | : ପୁସ୍ ମେହ୍‌ନାତେ ପୁସ୍ ତିହାଡ୍ ଆନ୍ତା। |
| ମାଘ | : ମାଗ୍‌ମାସେ ମାଗ୍ ଯାତ୍ରା ହେୟ୍‌ସି। | : ମାଂଗ୍ ମେହ୍‌ନାତେ ମାଣ୍ଡେଏ ଯାତ୍ରା ଆନ୍ତା |
| ଫାଲ୍‌ଗୁନ | : ଫଗୁନ୍ ମାସେ ହଲ୍‌ପଡ଼ା ଯାତ୍ରା ହେୟ୍‌ସି। | : ଫାଗୁନ୍ ମେହ୍‌ନାତେ ଫାଗୁନ ତିହାର ଆନ୍ତାଲ୍। |
| ଚୈତ୍ର | :ଚଇତ୍ ମାସେ ଆମେ ଚଇତ୍ ପରବ୍ ମାନ୍‌ବୁ। | : ଚଇତ ମାହେନାତେ ମାମୋଚଇତ ତିହାଡ୍ ମାନେ ମନ୍ତୋମା। |

## (ସାତ୍ ଦିନର ନାଉଁ) (ସାତ୍ ଦିନା ଦାଁ ପାଦହ)

| | | |
|---|---|---|
| ରବିବାର | : ରୟ୍‌ବାର୍ ଦିନେ ସବୁ ଇସ୍କୁଲ ଛୁଟି ରେହ୍‌ସି ଆଚେ। | : ଅଇତ୍‌ଓ୍ୱାର ଦିନା ସବ୍ ଇସ୍‌କୁଲ ଛୁଟି ମାନ୍ଦାଲ୍। |
| ସୋମବାର | : ସମାର୍ ଦିନ୍ ଥାନ୍‌ନୁ ଶନିବାର ଯାକ ଇସ୍କୁଲ୍ ରେୟ୍‌ସି। | : ସମାର ଦିନା ତାହଛି ଶନ୍‌ଓ୍ୱାରତକ ସ୍କୁଲ ମାନ୍ତାଲ୍। |
| ମଙ୍ଗଳ ବାର | : ମଙ୍ଗଲ୍ ବାରେ ମୁଇଁ ଇସ୍କୁଲେ ନାଜାଇ। | : ମଙ୍ଗଲ୍ ଦିନ୍ ନାଁନା ଇସ୍କୁଲ ହାନ୍‌ନ୍। |
| ବୁଧବାର | : ବୁଧ୍‌ବାର ଦିନେ ଆମର୍ ଗାଁଏଁ ହାଟ୍ ବସ୍‌ସି ଆଚେ। | : ବୁଧ୍‌ଓ୍ୱାର ଦିନା ମାଓ୍ୱା ଓ୍ୱାଡାତେ ହାଟୁମ ଉଡଲାତା। |
| ଗୁରୁବାର | : ଗୁର୍‌ବାର୍ ଦିନ୍‌କେ ଲକ୍ଷ୍ମୀବାର, ବୋଲି କୟ୍‌ବାୟ୍। | : ଗୁରୁବାର ଦିନା ତୁନ୍ ଲକ୍ଷ୍ମିଓ୍ୱାଡ଼୍ ଆନ୍ଦ ଇଂଜି ଇନ୍ତୋଡ୍। |
| ଶୁକ୍ରବାର | : ଶୁକୁର୍‌ବାରେ ମୁଇଁ ଗାଁକେ ଯିବିବେ। | : ଶୁକୁକ୍ରୁବାର ଦିନା ନ୍ନାନା ଓ୍ୱାଡାତେ ହାନ୍ଦକା |
| ଶନିବାର | : ଶନିବାର୍ ଦିନ୍ ସକାଲିଆ ଇସ୍କୁଲ ହେୟସି ଆଚେ। | : ଶନିବାର ଦିନା ଉଣ୍ଡି ପାହାର ଇସ୍‌କୁଲ ଓ୍ୱାନ୍ତା। |
| ବାର୍ଷିକ | : ବରଷ୍‌କେ ବାର୍ ମାସ୍ ହେୟ୍‌ସି ଆଚେ। | : ଅଡଷାତେ ବାର ମାହେନା ଆନ୍ତା। |
| ସପ୍ତାହିକ | : ସାତ୍ ଦିନ୍‌କେ ଗୋଟେକ୍ ଦିନ ଆମର୍ ଇସ୍କୁଲ୍ ଛୁଟି ରେୟ୍‌ସି । | : ହାପ୍‌ତାତେ ଉଣ୍ଡିଦିନା ମାଓ୍ୱା ଇସକୁଲ ଛୁଟି ଆନ୍ତା। |
| ଆସନ୍ତା ବର୍ଷ | : ଆୟ୍‌ବା ବରଷ୍‌କେ ମୁଇଁ ତିନ୍ କିଲାସ୍ ପଢ଼୍‌ବି। | : ଓ୍ୱାୟାନା ଅଡ୍‌ଷାତେ ନନ୍ନା ମୁଣ୍ଡ୍ ପିଲାସ୍ ପଡ୍ ହିକିକା। |
| ଗତବର୍ଷ | : ଗାଲା ବରଷ୍ ମୁଇଁ ଚାର୍ କିଲାସ୍ ପଢ଼୍‌ତେ ରେଲି। | : ନିଡେ ନନ୍ନା ନାଲୁଙ୍ଗ୍ କିଲାସ୍ ପଢ୍‌ହି କିସକ୍ ମତ୍‌ତାନା। |

# ଦୂରତା (ଧୂର୍) (ଲାପି)

| | | |
|---|---|---|
| ଦୂର | ଆମର୍ ଇସ୍କୁଲ୍ ଜବର୍ ଦୁର୍ ଆଚେ। | ମାଓ୍ୱା ଇସ୍‌କୂଲ୍ ଆଚାୟ୍ ଲାପିତେ ମନ୍ତା। |
| ନିକଟ | ଆମର୍ ଘର୍ ଲଗେ ଡାକ୍ତର୍ ଘର୍ ଗୋଟେକ୍ ଆଚେ। | ମାଓ୍ୱା ଲୋତ୍ ହେଡେ ଡାକ୍ତର୍ ଲୋତ ଉଣ୍ଡିମନ୍ତା। |
| ବହୁଦୂର | ମୁଇଁ ବଡ଼େ ଦୁର୍ ଗାଁ ଗୋଟେକ୍ ଜାଇରେଲି। | ନନ୍ନା ଆଚାୟ ଲାପି ଓ୍ୱାଡାତେ ହଂଜି ମତାନା। |
| ଅଳ୍ପ ଦୂର | କୁଳା ଆରି ସାଗରଗୁଡ଼ା ଖଣ୍ଡେକ୍ ଦୂର୍ ହେୟସି | କୁଳା ଆରୁ ସାଗରଗୁଡା ହୁଡୁକ୍ ଲାପି ଆୟାଲ୍। |
| ପାଦେ | ଗୋଟେକ୍ ପାଦ୍ ଲୋଙ୍ଗ୍‌ଲେ ଆମର୍ ଘର୍ ଖେଟ୍‌ସି । | ଉଣ୍ଡି ଡାକା ଓ୍ୱିତେକ୍ ମାଓ୍ୱା ଲୋତେ ଆଓ୍ୱାଲ୍। |
| ପାଖ | ବନ୍ଦ ପାଲିକେ ବେଡ଼ା ମନ୍ ଆଚେ। | ବାନ୍ଧା ପାଡ଼ି ହେଡ଼େ ଓ୍ୱେଡାଁ ମନ୍ତାଁ। |
| ସେ ପାଖ | ଥେନେ ଏନେ ଲୋକ୍ ମନ୍ ସଡ଼କ୍ ବାଟେ ପାଲାୟଲାୟ୍‌ନି। | ହିକେ ହାକେ ମାନେୟ୍ ଲୋଡ୍ ସଡକ୍ ହରିତେ ତାକ୍‌ସି ଡୟଲାତୋଡ୍। |
| ଏଠାରେ | ଇତି ମୋକେ କାୟ୍‌କଜେ ତୁଇ ଡାକ୍‌ଲିସ୍। | ଇଗା ନାକୁନ୍ ବଁକାଜେ ନିମ୍ମା କେୟ୍‌ତୋନ୍। |
| ସେଠାରେ | ଆୟ୍‌ତି ପିଲାମନ୍ ଖେଲ୍‌ଲାୟ୍‌ନି। | ଆଗାୟ୍ ପିଲାଁ କର୍‌ସ୍‌ଲାତୋଡ୍। |
| କେଉଁଠାରେ | ତମେ କନ୍‌ତି ଯିବାସ୍। | ନିମ୍ମାଟ୍ ବଗା ଦାକିଟ୍। |
| କେବେ | ତୁଇ ଆରି କେବେ ଆୟବିସ୍। | ନିମ୍ମା ଆଉର୍ ବସ୍‌କେ ଓ୍ୱାୟ୍‌କି ? |
| କେତେବେଳେ | ତୁଇ କେଡ଼୍ ଦାୟ୍ ଆୟବିସ୍। | ଇମ୍ମା ବଚ୍‌ହୋଡା ଓ୍ୱାୟକି ? |
| ସେ ସମୟରେ | ତୁଇ ଶଇରେଲିସ୍ ସେଡ଼କି ଦାୟ୍ ତମର୍ ଘରେ ଆୟ୍‌ଲି। | ଇମ୍ମା ରମ୍‌ସି ମତୋନ୍ ଅଚ୍‌ହୋଡାୟ୍ ମିଓ୍ୱା ଲୋତେ ଓ୍ୱାତା। |
| ଡାହାଣ | ହିଣ୍ଡ୍‌ଲା ବେଲେ ସଡ଼କର୍ ବୁଜ୍‌ନି ବାଟେ ହିଣ୍ଡବାର୍ ଆୟ୍। | ତାକାନ୍ ହୋଡା ସଡକ୍‌ତା ଡେବ୍‌ରୀତିକେ ତାକାନା ଆନ୍ଦ୍। |
| ବାମ | ଡେବ୍‌ରି ହାତ ଲଗେ ଭାତ୍ ନାଖାୟ୍‌ବାର୍। | ଡେବରି କଇତେ ଜଉଡି ତିନ୍ଦାନା ଆୟୋ । |
| ପଛ | ମୋର ପଛେ ପଛେ ଡକ୍‌ରା ଗୋଟେକ୍ ଆୟ୍‌ଲାନି। | ନାଓ୍ୱା ପଜା ପଜା ମୁଦ୍ୟାଲ୍ ଅରଡ୍ ଓ୍ୱାତୁଡ୍ । |
| ସମୁଖ | ମୋର୍ ଚମେ ଗାଡ଼ି ମଟର୍ ଆୟ୍‌ଲାନି। | ନାଓ୍ୱା ମୁନ୍ନେ ଗାଡାଁ ମଟରକ୍ ଓ୍ୱାତୁଁ। |
| ଉପର | ଆୟ୍ ଗଚ ଉପ୍‌ରେ ଚେଗ୍‌ଲା ଆଚେ। | ଓଡ୍ ମଡ୍‌ଡା ପରୋ ତକ୍ ତୋଡ୍। |
| ତଳ | ଗଚ୍ ତଳେ ମୁଇଁ ଠିଆ ହେଲି ଆଚି। | ମଡ୍‌ଡା ଦୋଡି ନନ୍ନା ନିତ୍‌ସି ମତ୍‌ତାନା। |
| ଯେଉଁଠାରେ | ତୁଇ ଜେବେ ଯିବିସ୍ ମୁଇଁ ଆୟ୍‌ତି ଆୟ୍‌ବି। | ଇମ୍ମା ବନେଟ୍ ହନ୍ଦ୍‌କି ନନ୍ନା ଆନେଟ୍ ଓ୍ୱାୟ୍‌କା। |
| କେଉଁଠାରେ | ତମେ କାଲିକେ କେନେ ଯିବିସ୍। | ନିମ୍ମାଟ୍ ନାଡ୍‌ଡି ବଗ୍‌ଗା ହନ୍ଦ୍‌କିଟ୍ ? |
| ସମାନ | ଆଜି କାଲି ମାଇଁଜି ଟକି ଆରି ମୁନୁଷ୍ ପିଲା ସମାନ୍ ଆୟ୍। | ଇଦେକ୍ ଆସ୍‌କ୍ ପେକ୍‌କିଁ ଆଉର୍ ପିଲାଁ ସମାନ୍। |
| ସ୍ଥାନ | ନିକ ଯାଗା ଲଗେ ଘର୍ ବାନ୍ଦ୍‌ବାର୍। | ଆଛା ଯାଗା ତିଗ୍‌ଗା ଲୋତ୍ ଦୋହାନା ଆନ୍ଦ୍ । |

## ଦିଗ

| | | |
|---|---|---|
| ଦିଗ | ହିଣ୍ଡ୍‌ବା ବାଟ୍‌କେ ଦେଖି କରି ହିଣ୍ଡିବାର୍ । | ତାକନା ହାରିତୁନ ହୁଡସି ତାକନା ଆନ୍ଧ । |
| ପୂର୍ବ ଦିଗ | ପୁରବ୍ ଦିଗେ ବେଲ୍ ଉଦ୍‌ଷି ଆଚେ । | ଫୁରବ ଦିଗ୍ ତିକେ ଫଡଦ୍ ପସୟାଲ । |
| ପଶ୍ଚିମ | ପର୍ଶ୍ଚିମ୍ ଦିଗେ ବେଲ୍ ବୁଡ୍‌ସି ଆଚେ । | ପର୍ଶ୍ଚିମ୍ ପକାଡ୍ ପଡଦ୍ ଆଡ଼ାଲ୍ । |
| ଉତ୍ତର | ଉତ୍ତ୍‌ରାନି ବାଟେ ମୁଣ୍ଡ୍ କରି ଶଇବାର୍ ନାଇଁ । | ଉତ୍ତର ଦିକେ ତଲ୍ଲା କିସି ରମ୍ମାନା ଆୟ । |
| ଦକ୍ଷିଣ | ଗାଁର ଦକ୍ଷିଣ ଦିଗେ ମନ୍ଦିର୍ ଗୋଟେକ୍ ଆଚେ । | ଓ୍ୱାଡାତା ଦକ୍ଷିଣ ତିକେ ଉଣ୍ଡାନ୍ ମାନ୍ଦିର ମାନ୍ତା । |

## ପୃଥିବୀ, ଆକାଶ ଓ ପାହାଡ଼ (ପୁରତି୍‌ବୀ, ବାଦଲ୍ ଆରି ପର୍ବତ୍) (ଧରତି, ଯୋଜନ, ମାଟା)

| | | |
|---|---|---|
| ପୃଥିବୀ | ପୁର୍‌ତିବୀ ଲଗେ କେତେକ ଜାତିର ଲୋକ୍ ଆଚତ୍ । | ଧର୍ଥୀତେ ବଚକ୍ ଜାତ୍‌କ୍‌ନୋଡ୍ ମାନେୟ ମନ୍ତଡ୍ । |
| ଭୂମି | ଖାରା ଦିନେ ଭୂଇଁ ଟାଙ୍ଗ୍‌ରା ଦିସ୍‌ସି । | ଆଦିଦିନାତେ ନେଲି ଟଟହଲେ ହୁଡ୍‌ଲାତା । |
| ଜଗତ | ନର୍ ଲୋକ୍ ଏ ଜଗ୍‌ତେ ସବୁଥାନ୍‌ନୁ ଚତୁର୍ ଆଚତ୍ । | ମାନେଲଡ ଧରତି ତେ ସାବଲେ ଜାଦା ଚତୁର୍ ଆତୁଡ୍ । |
| ଚାଷଜମି | ବେଡ଼ା ଆନେ ଧାନ୍ ଚାଷ୍ ମନ କର୍‌ବାୟ୍ । | ଓ୍ୱେଡାଦେ ଅଞ୍ଜିକମାଏ କିଏନା ଆଂଦ୍ । |
| ପଦର | ଡଙ୍ଗ୍‌ର ଆନେ କାନ୍ଦୁଲ୍ ମାଣ୍ଡିଆ, ବିରି,ବୁନବାୟ୍ | ଟିକରାଦେ କାନ୍ଦୁଲ ପୁପଲି ଗରାଁ ଓ୍ୱିତ୍‌ଲାତଡ୍ । |
| ପାହାଡ଼ଜମି | ପର୍ବତ୍ ଆନେ ମାଲା ଡଙ୍ଗର୍ ମନ୍ ରେୟ୍‌ସି । | ମଟାଦା ଦଡିଦେ ଟିକରା ମାନ୍ତାଲ୍ । |
| ଝରଣା | ଝଲାର୍ ପାନି ବଡ଼େ ମଦୁର୍ ଆଚେ । | ଜରନ୍ ଏରମିଠା ମନ୍ତା । |
| ପାହାଡ଼ିଆ | ଝଲାବେଡ଼ା / ଜାଡ଼ବେଡ଼ା ବେଡ଼ାୟେ ସବୁବେଲେ ପାନି ରେୟ୍‌ସି । | ଜଲ୍‌ଜଲି ଓ୍ୱେଡାତେ ସବ୍‌ଦାୟଂଏର୍‌ମାନ୍ଦାଲ୍ । |
| ଉପତ୍ୟକା | ଝଲା ଭୁଇଁ ତାନେ ଜବର୍ ଲଦି ରେୟ୍‌ସି । | ଝଲାଓ୍ୱେଡାତେ ଆଚେୟ ଲଦି ମନ୍ଦାଲ । |
| ପର୍ବତର ସମତଳ ଭୂମି | ଲୋକ୍‌ମନ୍ ବନ୍ କାଟି କରି ମାଲା ଡଙ୍ଗର୍ ବନାୟ୍ ବାୟ୍ । | ମାନେୟ ଲୋଡ୍ କମ୍ମା କିସି ନେଲି ବର୍ଟିଁ ବନାହ୍ କିନ୍ତୋଡ୍ । |
| ପର୍ବତ | ପର୍ବତ୍ ଆନେ ଗଛ ପତର୍ ମନ ଜବର୍ ରେୟ୍‌ସି । | ମଟାଦେ ଆଚାଏ ମଡାକ୍ ମନ୍ଦାନୁଁ । |
| ଛୋଟ ପର୍ବତ | କୁପ୍‌ଲି ଆନେ ସାନ୍ ସାନ୍ ଗଛ ମନ୍ ଆଚେ । | କୁପଦେ ହିଡାଲାଁ ହିଡାଲାଁ ମାଡାକ୍ ମତାଁ |
| ବଡ଼ ପର୍ବତ | ପର୍ବତ୍ ଆନେ ବାଘ୍ ଭାଲୁମନ୍ ରେବାୟ୍ । | ମଟାପର ଡୁଆହ୍ ଆଡ଼୍‌ଜାଲିଁ ମାନ୍ଦାନୁଁ । |
| ଗୁମ୍ଫା | ପାର୍ ଭିତରେ ବାଘ୍ ଭାଲୁ ମନ୍ ରେବାୟ୍ । | ଗୁମ୍ପା ଲପାତେ ଡୁଓ୍ୱାଲ୍ ଆଡ୍‌ଜାଲି ମାନ୍ଦାନୁଁ । |

| | | |
|---|---|---|
| ପବନ | ଜବର୍ ପବନ୍ ହେଲେ ଜବର୍ ଧୁରଲି ଉଠ୍‌ସି । | ଜଡଧାର ଅଡ଼ିଓ୍ୱାତେକ୍ ଆଚାୟ ଡୁଡ୍‌କି ତେଦାଲ୍ । |
| ଧୂଳି | ଗାଡ଼େ ଦୁର୍‌ଲି ରେୟସି । | କାଲଦେ ଡୁଡୁକି ମାନ୍ଧାଲ୍ । |
| କାଦୁଅ | ବର୍ଷା ମାସେ ଦାଣ୍ଡ ଜୁଆର୍ ମନ୍ କାଦ ହେୟସି । | ପିର୍ ମେହେନାଦେ ମାଓ୍ୱ ନେଲି ଚିକ୍‌ଲା ଆୟାଲ୍ । |
| ପଥର | ପାକନା ବଡ଼େ ଆଣ୍ଟୁଆ ରେୟ୍‌ସି । | କଲ୍ ଆଚାୟ୍ ଠାଣ୍ଟ୍ ମନ୍ଦାଲ୍ । |
| ଗଛ | ବାଉଁଶ୍ ଗଛ ଜବର୍ ଡେ଼ଙ୍ଗ୍ ଆଚେ । | ଆଦୁର୍ ମାଡା ଆଚାଏ ଡେଙ୍ଗ୍ ମାନ୍ଦାଲ । |

| | | |
|---|---|---|
| ନଦୀ | : ଗାଡ଼୍ ଆନେ ବଡ଼୍ ବଡ଼୍ ମାଛ୍ ରେବାୟ୍। | : ନନ୍ଦୀ ଦେହଜହଜ ମିନ୍‌କ୍ ମାନ୍ଦାନୁଁ। |
| ସମୁଦ୍ର | : ସମୁନ୍ଦର୍ ଆନେ ମଗର୍ ମନ୍ ଆଚତ୍। | : ସମୁଦ୍ରତେ ମଗଡ଼ାଲି ମନ୍ତାଁ। |

## କଥୋପକଥନ

ମଇନା ଓ ଫୁଲ ଦୁଇଜଣ ଅନ୍ତେବାସୀ ଛାତ୍ରୀ, ବିଦ୍ୟାଳୟରେ ଛାତ୍ରୀନିବାସରେ ରହନ୍ତି। ସେମାନେ ନିଜ ନିଜ ଭିତରେ ବିଦ୍ୟାଳୟରେ ଯୋଗଦାନ କଲା ପରେ ପରେ ପ୍ରଥମ ଚିହ୍ନାଚିହ୍ନିରେ ଏହିପରି ନାଆଁ କଥାବାର୍ତ୍ତା ହୁଅନ୍ତି।

| | | |
|---|---|---|
| ମଇନା | : ଏଇ ଏଇ ତୋର ନାଅଁ କାୟ୍ ନାଅଁ? | : ଏ ଏ ନିଓ୍ୱା ପଦର୍, ବାତା ପଦର୍? |
| ଫୁଲ | : ମୋର୍ ନାଅଁ ଫୁଲ ଜାନୀ। | : ନାଓ୍ୱା ପଦର ଫୁଲୋ ଜାନୀ |
| ଫୁଲ | : ତୋର ନାଅଁ କାଇ ନାଅଁ? | : ନିଓ୍ୱା ପଦର୍ ବାତା ପଦର? |
| ମଇନା | : ମୋର୍ ନାଅଁ ମଇନା। | : ନାଓ୍ୱା ପଦର୍ ମଇନା ଆନ୍ଦ୍ |
| ଫୁଲ | : ତମର୍ ଗାଅଁର ନାଅଁ କାୟ୍ ନାଅଁ? | : ମିଓ୍ୱା ଓ୍ୱାଡ଼ାତା ବାତା ପଦର? |
| ମଇନା | : ଆମର୍ ଗାଅଁର ନାଅଁ ଉପରକାଣ୍ଡି। | : ମାଓ୍ୱା ଓ୍ୱାଡ଼ାତା ପଦର ଉପର କାଣ୍ଡି। |
| ମଇନା | : ତମର୍ ଗାଅଁର ନାଅ କାୟଟା? | : ମିଓ୍ୱା ଓ୍ୱାଡ଼ାତା ବାତା ପଦର ? |
| | ମିଓ୍ୱା ଓ୍ୱାଡ଼ାତା ପଦର ବାତା ? | : ମାଓ୍ୱା ଓ୍ୱାଡ଼ାତା ପଦର ଲଚିମପୁର। |
| ଫୁଲ | : ତମର୍ ଘରେ କେତେକ୍ ଲୋକ୍ ଆଚତ୍? | |
| | : ମିଓ୍ୱା ଲୋତେ ବଚକ୍ ଜନନୋଡ଼୍ ମାନେୟ୍ ମନ୍ତୋଡ଼୍? | |
| ମଇନା | : ଆମର୍ ଘରେ ଆଠ୍ ଲୋକ ଆଚୁ। | : ମାଓ୍ୱା ଲୋତେ ଆଠ ଜନଡ଼୍ ମାନେୟ୍ ମନ୍ତମା। |
| ଫୁଲ | : କନ୍ କନ୍ ଆଚତ୍? | : ବୋଡ଼୍ ବୋଡ଼୍ ମନ୍ତୋଡ଼୍? |
| ମଇନା | : ଆମର୍ ଘରେ ମାଁ ବାବା ବାଇ ବଇନି, ଅଜା ଆଇ ଆଚୁ। | |
| | : ମାଓ୍ୱା ଲୋତେ ୟାୟାଲ ବାବା, ଦାଦା, ଦିଦି, ଆଜୋ କାକୋ ମନ୍ତୋମା। | |
| ମଇନା | : ତମର ଘରେ କନ୍ କନ୍ ଆଚତ ? | : ମିଓ୍ୱା ଲୋତେ ବଚକ୍ ମାନେୟ ମନ୍ତୋଡ଼୍ ? |
| ଫୁଲ | : ଆମର ତି ମିଶା ମାଁ, ବାବା, ବାଇ ଉଇନି, ଆଜା, ଆଇ ଆଚୁ। | |
| | : ମାହାଙ୍ଗା ଗଲା ୟାୟ, ବାବା, ଦାଦା, ହେଲାଡ଼୍, ଆଜୋ, କାକୋ ମନ୍ତୋମା। | |
| ମଇନା | : ତମର୍ ଘରେ କେତେକ୍ ଲୋକ୍ ଆଚତ ? | : ମିଓ୍ୱା ଲୋତେ ବଚକ୍ ମାନେୟ ମନ୍ତୋଡ଼୍ ? |
| ଫୁଲ | : ଆମରତି ସାତ୍ ଲୋକ୍ ଆଚୁ। | : ମାହଙ୍ଗା ସାତ୍ ଜନୋଡ଼୍ ମାନେୟ ମନ୍ତୋମା। |
| ମଇନା | : ତମର୍ ବାବାର ନାଅଁ କାୟ୍ ନାଅଁ ? | : ନିଓ୍ୱଡ଼୍ ବାବାନା ପଦର୍ ବାଁ ଆନ୍ଦ୍? |
| ଫୁଲ | : ଆମର ବାବାର୍ ନାଅଁ କୈଳାସ ଜାନୀ। | : ମାଓ୍ୱଡ଼୍ ବାବାନା ପଦଁର୍ କୈଳାସ୍ ଜାନୀ ଆନ୍ଦ୍। |
| ଫୁଲ | : ତମର ବାବାର ନାଅଁ କାୟ୍ ନାଅଁ ? | : ନିଓ୍ୱଡ଼୍ ବାବାନା ପଦର୍ ବାତା ପଦର୍? |
| ମଇଁନା | : ଆମର୍ ବାବାର ନାଅଁ ଶିବ ଜାନୀ। | : ମାଓ୍ୱଡ଼୍ ବାବାନା ପଦର ଶିବଜାନୀ ପଦର୍ ଆନ୍ଦ୍। |
| ମଇଁନା | : ତମର୍ ଭାଇ କେତଟା ଆଚତ୍ ? | : ନିଓ୍ୱଡ଼୍ ଦାଦା ଲୋଡ଼୍ ବଚକ୍ ଜନଡ଼୍ ମନ୍ତଡ଼୍? |
| ଫୁଲ | : ମୋର୍ ତିନ୍‌ଟା ଭାଇ ଆଚତ୍। | : ନାଓ୍ୱଡ଼୍ ମୁଣ୍ଡ୍‌ଜନାଡ଼୍ ଦାଦାଲୋଡ଼୍ ମନ୍ତୋଡ଼୍। |
| ମଇନା | : ତମର ଭାଇ ମନ୍ କାୟ୍ କାୟ୍ କାମ୍ କର୍‌ଲାୟ୍‌ନୀ। | : ନିଓ୍ୱା ଦାଦାଲ୍ ବାଁବାଁ କାମ୍ କିନ୍ତଡ଼୍ । |
| ଫୁଲ | : ଆମର ଭାଇ ସାତ୍ କିଲାସ ପଢ଼ିକରି ନାଗାଲା ଆରି ଏବେ ଘରେ କାମ୍ କରସି ଆଚେ। | |
| | : ନାଓଡ଼୍ ଦାଦାଲ୍‌ସାତ୍ ଗିଲାସ ପଢ଼୍‌ହି କିସି ହନ୍‌ଡ଼୍ ଆରୁ ଇଦେକ୍ ଲୋତେ କାମ୍ କିନ୍ତୋଡ଼୍। | |

ମଇନା : ତମର ଘରେ କେତଟା ଭଇନି ଆଚତ୍ ? : ନିଓ୍ୱା ଲୋତେ ବଚକ୍‌ଜାନାଁ ହେଲାହ୍ ମନ୍ତା ?

ଫୁଲ : ଆମର ଘରେ ତିନଟା ଭଇନୀ ଆଚତ୍। : ମାଓ୍ୱା ଲୋତେ ମୁଣ୍ଡାଜାନାଁ ହେଲାହ୍ ମନ୍ତାଁ।

ମଇନା : ସେମନ୍ କାୟଟା କରଲାୟେନି ? : ଆଉ ବାଁଦ୍ କିନ୍ତାଁ ?

ଫୁଲ : ତିନ୍ ଲୋକ ଭିତରେ ଗୋଟେକ୍ ଭଇନି ବିବା ହେଲାବେ, ଆମେ ଦୁଇ ଭଇନୀ ପାଠ ପଡ଼୍‌ଲୁନି।

: ମୁଣ୍ଡ ଜନାଁ ଲଫାତେ ଉଣ୍ଡି ଜନା ବିହାଓ ଆତ୍, ମମୋ ରଣ୍ଡ୍ ଜନାଁ ପାଠ୍ ପଢ଼ହି କିନ୍ତୋମା।

ମଇନା : ତମର ମାଁ ବାବା କାୟ୍ କାୟ୍ କାମ୍ କଲାୟ୍‌ନି ? : ନିଓ୍ୱଡ଼୍ ୟାୟାଲବାବା ବାଁବାଁ କାମ୍ କିନ୍ତୋଡ଼୍ ?

ଆମର ମାଁ ଆରି : ବାବା ଚାଷ୍ କାମ୍ କଲାୟେନି। : ମାଓ୍ୱଡ଼୍ ୟାୟାଲଆଉର ବାବା ତାଷ୍ କାମ୍ କିନ୍ତୋଡ଼୍ ?

ମଇନା : ଆମର୍ ବାବା ମାଁ ମିଶା ତମର୍ ବାବା ମାଁ ପରା ଚାଷ୍ କାମ୍ କର୍ ଲାୟ୍‌ନି।

: ମାଓଡ଼୍ ବାବା ୟାୟ ମିଶେ ମାସି, ନିଓଡ଼୍ ବାବାଲ୍ ୟାୟାଲ୍ ବୁନା ଚାଷ କାମ କିନ୍ତୋଡ଼୍।

ମଇନା : ତୁଇ ଇ ଇସ୍କୁଲ୍‌କେ କେନ୍ତାର୍ ଜାନ୍‌ଲୁସ ? : ନିମ୍ମା ଇଦ୍ ଇସକୂଲତୁନ୍ ବଦାନ୍ ପୁତିନ୍ ?

ଫୁଲ : ଆମର୍ ବାବାକେ ଦନାଇର ବାବା କାଇଲା , ଗିନେ ଆମର୍ ବାବା ଇସ୍କୁଲ ଥାନେ ଆନ୍‌ଲା ।

: ନାଓ୍ୱଡ଼୍ ବାବାନ୍ ଜନାୟତା ବାବା ଓ୍ୱାହା ତଡ଼୍, ଗୁନେ ନାଓ୍ୱଡ଼୍ ବାବାଲ୍ ଇସକୂଲତେ ଓ୍ୱାତୋଡ଼୍।

ମଇନା : ତକେ ଇ ଇସ୍କୁଲେ ନୂଆଁ ନୂଆଁ କେନ୍ତା ଲାଗ୍‌ତେରେଲା ?

: ନିକୁନ୍ ଇଦ୍ ଇସକୂଲ ପୁନା ପୁନା ବଦାନ୍ ଲାଗସକ୍ ମତାଲ୍ ?

ଫୁଲ : ନିକ ନା ଲାଗ୍‌ତେ ରେଲା। : ଆଛା ଲାଗ୍‌ଓ୍ୱାୟ୍ ମତାଲ୍।

ମଇନା : କାୟ୍‌ଯେ ? : ବାଁ କାଜେ ?

ଫୁଲ : ମୋକେ ନୂଆଁ ନୂଆଁ ସାଙ୍ଗ୍ ମିଶା ହେୟତେରେଲା ।

: ନାକୁନ୍ ପୁନା ପୁନା ସଙ୍ଗଓ୍ୱାରୀ ମିଲା ଓ୍ୱାୟମତା।

ମଇନା : ଆୟଟା ପାଇଁ ତକେ ଭଲ୍ ନା ଲାଗ୍‌ତେ ରେଲା କି ?

: ଆଦେନ କାଜେ ନିକୁନ୍ ଆଛା ଲାଗେ ମାୟଓ୍ୱାୟ୍ ମତାଲ୍ କି ?

ଫୁଲ : ହୟ ଆୟଟା ପାଇଁ ଆୟ। : ଇଙ୍ଗୋତାନ୍ କାଜେ ଆଦ୍।

ମଇଁନା : ତକେ ପୁର୍‌ନା ହେଲାକେ କେନ୍ତା ଲାଗଲା ?

: ନିକୁନ୍ ଜୁନା ଆନାକେ ବଦାନ୍ ଲାଗ୍‌ତ୍ ?

ଫୁଲ : ଟକି ମନ୍ ମୋର ସଙ୍ଗେ ମିଶଲା କଜେ ଭଲ ଲାଗଲା।

: ପେକିଁନା ସଙ୍ଗେ ମିଶେମାତା ଗୁନେ ଆଛା ଲାଗ୍‌ତ୍।

ମଇଁନା : ତୁଇ ଆଗେ କନ୍ ଇସ୍କୁଲେ ପଡ଼ତେରେଲିସ ?

: ନିମ୍ମା ତଲେୟ୍ ବଦ୍ ଇସ୍କୂଲତେ ପଢ଼ିହି କିସକ୍ ମତନ୍ ?

ଫୁଲ : ମୁଇ ଆଗେ ସୁପାଇପୁଟ ଇସ୍କୁଲେ ପଡ଼ତେରେଲି।

: ନନ୍ନା ତଲେୟ ସୁପାଇପୁଟ୍ ଇସ୍କୂଲତେ ପଢ଼ହି କିସକ ମତାନା।

ମଇନା : ଆୟ ଇସ୍କୁଲେ କେନ୍ତା ଲାଗତେ ରେଲା ? : ଆଦ୍ ଇସ୍କୂଲ୍ ବଦାନ୍ ଲାଗ୍ ସୋକ୍ ମତାଲ୍ ?

ଫୁଲ : ଆୟ ଇସ୍କୁଲେ ମିଶା ଭଲ୍ ଲାଗ୍‌ତେ ରେଲା।

: ଆଦ୍ ଇସ୍କୁଲ ଗଲା ଆଛା ଲାଗ୍‌ସୋକ୍ ମତାଲ୍।

ଫୁଲ : ତୁଇ କେନ୍ତାର୍ ଏ ଇସ୍କୁଲକେ ଜାନ୍‌ଲିସ୍ ? : ନିମା ବାଦାନ ଇଦ ଇସ୍‌କୁଲ ତୁନ୍‌ଫୁତି।

ମଇନା : ନାଇଁ ମୋର ବଡ଼ ଭାଇ ଏ ଇସ୍କୁଲେ ପଡତେରେଲା, ଆୟ କୟ୍ଲା ଯେ ଆୟ ଇସ୍କୁଲେ ଯା ବୋଲି କୟ୍ଲା ଗୁନେ ମୁଇଁ ଜାନ୍ଲି ।

ଫୁଲ : ତେବେ ତମର ମାଁ ବାବାର୍ ନାଅଁ କାୟ୍ ବାଅଁ ?

: ତବେ ନିଓଡ୍ ୟାୟା ବାବାନା ପଦର ବାତା ବାତା ?

ମଇନା : ମୋର ନାଅଁ ଫୁଲ୍ମତି ଆରି ବାବାର୍ ନାଅଁ କୈଳାଶ ଆୟ୍ ।

: ନାଓ୍ୱ ୟାୟାନା ପଦର ଫୁଲମତି ଆଉଡ୍ ବାବାନା ପଦର କୈଳାଶ ଆନ୍ଦ୍ ।

ଫୁଲ : ଭାଇ କେତ୍ଟା ଆଚତ୍ ? : ଦାଦା ଲଡବଚକ୍ ଜନଡ଼ ମନ୍ତଡ଼ ?

ମଇନା : ଗୋଟେକ୍ ଭାଇ ଆଚେ । : ଅରଡ଼େ ଦାଦାଲ୍ ମନ୍ତୋଡ୍ ।

ଫୁଲ : ତମର୍ ଭାଇ କାୟ୍ଟା କଲାନି ? : ନିଓଡ୍ ଦାଦାଲ୍ ବାହ୍ କିନ୍ତୋଡ଼ ?

ମଇନା : ମୋର୍ ଭାଇ ପାଠ୍ ପଢ଼ିଲାନି । : ନାଓଡ୍ ଦାଦାଲ୍ ପାଠ ପଢ଼ହି କିନ୍ତୋଡ୍ ।

ଫୁଲ : ତମର୍ ଘରେ ଉଇବି କେତ୍ଟା ଆଚତ୍ ? : ମିଓ୍ୱାଲୋତେ ହେଲାହ୍ ବଚକ୍ଜାନ୍ ମନ୍ତାଁ ?

ମଇନା : ଆମର୍ ଘରେ ତିନ୍ଟା ଉଇବି ଆଚତ୍ । : ମାଓ୍ୱା ଲୋତେ ମୁଣ୍ଡ୍ଜାନା ହେଲାହ୍ ମନ୍ତାଁ ।

ଫୁଲ : ତମର୍ ଉଇନୀ ମନ୍ କାୟ୍ କାମ୍ କର୍ଲାୟ୍ନି ?

: ନିଓ୍ୱା ହେଲାହ୍ ବାତା କାମ କିନ୍ତାଁ ?

ମଇନା : ଆମେ କାମ୍ବା କରୁ ଇସ୍କୁଲେ ପାଠ୍ ପଢ଼୍ଲୁନି ।

: ମମ୍ମୋ କାମ କେଓମ୍ ଇସକୂଲତେ ପଢ଼ହି କିନ୍ତୋମା ।

ଫୁଲ : ତମର ମାଁ ବା କାଇ କାମ୍ କର୍ ଲାୟ୍ନି ।

: ନିଓ୍ୱଡ୍ ୟାୟାଲ୍ ବାବାଲ୍ ବାଆଁ କାମ କିନ୍ତୋଡ୍ ?

ମଇନା : ଆମର୍ ବାବା ମାଁ ମିଶା ତମର୍ ବାବା ମାଁ ପରା ଚାଷ୍ କାମ୍ କର୍ ଲାୟ୍ନି ।
ମାଓଡ୍ ବାବା ୟାୟ ମିଶେ ମାସି, ନିଓଡ୍ ବାବାଲ୍ ୟାୟାଲ୍ ବୁନା ଚାଷ କାମ କିନ୍ତୋଡ୍ ।

ମଇନା : ତୁଇ ଇ ଇସ୍କୁଲ୍କେ କେନ୍ତାର୍ ଜାନ୍ଲୁସ ? ନିମ୍ମା ଇଦ୍ ଇସକୂଲତୁନ୍ ବଦାନ୍ ପୁତିନ୍

ଫୁଲ : ଆମର୍ ବାବାକେ ଦନାଇର ବାବା କାଇଲା , ଗିନେ ଆମର୍ ବାବା ଇସ୍କୁଲ ଥାନେ ଆନ୍ଲା
ନାଓଡ୍ ବାବାନ୍ ଜନାୟତା ବାବା ଓ୍ୱାହା ତଡ୍, ଗୁନେ ନାଓଡ୍ ବାବାଲ୍ ଇସକୂଲତେ ଓ୍ୱାତୋଡ୍ ।

ମଇନା : ତକେ ଇ ଇସ୍କୁଲେ ନୂଆଁ ନୂଆଁ କେନ୍ତା ଲାଗ୍ତେରେଲା ?
ନିକୁନ୍ ଇଦ୍ ଇସକୂଲ ପୁନା ପୁନା ବଦାନ୍ ଲାଗସକ୍ ମତାଲ୍ ?

ଫୁଲ : ନିକ ନା ଲାଗ୍ତେ ରେଲା । : ଆଛା ଲାଗ୍ଓ୍ୱାୟ୍ ମତାଲ୍ ।

ମଇନା : କାୟ୍ଯେ ? : ବାଁ କାଜେ ?

ଫୁଲ : ମୋକେ ନୂଆଁ ନୂଆଁ ସାଙ୍ଗ୍ ମିଶା ହେୟତେରେଲା
ନାକୁନ୍ ପୁନା ପୁନା ସଙ୍ଗଓ୍ୱାରୀ ମିଲ ଓ୍ୱାୟମତା ।

ମଇନା : ଆୟଟା ପାଇଁ ତକେ ଭଲ୍ ନା ଲାଗ୍ତେ ରେଲା କି ?
ଆଦେନ କାଜେ ନିକୁନ୍ ଆଛା ଲାଗେ ମାୟଓ୍ୱାୟ୍ ମତାଲ୍ କି ?

ଫୁଲ : ହୟ ଆୟଟା ପାଇଁ ଆୟ । ଇଙ୍ଗୋଟାନ୍ କାଜେ ଆନ୍ଦ୍ ।

ମଇଁନା : ତକେ ପୁରନା ହେଲାକେ କେନ୍ତା ଲାଗଲା ?
ନିକୁନ୍ ଜୁନା ଆନାକେ ବଦାନ୍ ଲାଗତ୍ ?

ଫୁଲ : ଟକି ମନ୍ ମୋର ସଙ୍ଗେ ମିଶଲା କଜେ ଭଲ ଲାଗଲା।
ପେକିଁନା ସଙ୍ଗେ ମିଶେମାତା ଗୁନେ ଆଛା ଲାଗତ୍।

ମଇଁନା : ତୁଇ ଆଗେ କନ୍ ଇସ୍କୁଲେ ପଡ଼ତେରେଲିସ ?
ନିମ୍ମା ତଲେୟ୍ ବଦ୍ ଇସ୍କୂଲତେ ପଡ଼ିହି କିସକ୍ ମତନ୍ ?

ଫୁଲ : ମୁଇ ଆଗେ ସୁପାଇପୁଟ ଇସ୍କୁଲେ ପଡ଼ତେରେଲି।
ନନ୍ନା ତଲେୟ ସୁପାଇପୁଟ୍ ଇସ୍କୂଲତେ ପଢ଼ହି କିସକ ମତାନା।

ମଇନା : ଆୟ ଇସ୍କୁଲେ କେନ୍ତା ଲାଗତେ ରେଲା ? ଆଦ୍ ଇସ୍କୂଲ୍ ବଦାନ୍ ଲାଗ୍ ସୋକ୍ ମତାଲ୍ ?

ଫୁଲ : ଆୟ ଇସ୍କୁଲେ ମିଶା ଭଲ୍ ଲାଗ୍‌ତେ ରେଲା।
ଆଦ ଇସ୍କୁଲ ଗଲା ଆଛା ଲାଗ୍‌ସୋକ୍ ମତାଲ୍।

ଫୁଲ : ତୁଇ କେନ୍ତାର୍ ଏ ଇସ୍କୁଲକେ ଜାନ୍‌ଲିସ୍ ?: ନିମା ବାଦାନ୍ ଇଦ୍ ଇସ୍‌କୁଲ ତୁନ୍‌ଫୁତି ?

ମଇନା : ନାଇଁ ମୋର ବଡ଼ ଭାଇ ଏ ଇସ୍କୁଲେ ପତତେରେଲା, ଆୟ କୟ୍‌ଲା ଯେ ଆୟ ଇସ୍କୁଲେ ଯା ବୋଲି କୟ୍‌ଲା ଗୁନେ ମୁଇଁ ଜାନ୍‌ଲି।

: : ଆୟୋନାଓଡ଼୍ ହଜରଦାଦାଲ ଇଦ ଇସ୍କୂଲତେ ପଢ଼ହି କିସକ୍ ମତଡ଼୍ ଓଡ଼୍ ଇତୁଡ଼୍ ଯେ ଆଦ୍ ଇସ୍କୂଲ ହନ୍ ଇଞ୍ଜି ଇତୁଡ଼୍ ଗୁନେ ନନ୍ନା ପୁତାନ୍।

ଫୁଲ : ତୁଇ ଏ ଇସ୍କୁଲେ ନୂଆଁ ନୂଆଁ କେନ୍ତାର୍ ଲାଗତେରେଲା ?
ନିକୁନ୍ ଇଦ୍ ଇସ୍କୂଲତେ ପୁନା ପୁନା ବାଦାନ୍ ଲାଗ୍‌ସକ୍ ମାତାଲ୍ ?

ମଇନା : ଭଲ୍ ଲାଗତେ ରେଲା। : ଆଛା ଲାଗ୍‌ସକ୍ ମତାଲ୍।

ଫୁଲ : କାୟକଜେ ? : ବାଁକାଜେ ?

ମଇନା : ଏତି ଆମର ଗାଆଁ ଟୋକିମନ୍ ରେଲାରେ ଆୟ ମନ୍ ମୋର୍ ସଙ୍ଗେ ମିଶି ରେଲାରେ।
: ଇଗା ମାଓ୍ୱା ଓ୍ୱାଡ଼ାତାଁ ପେକିଁ ମାତାଁ ଓଉ ସବୟ ନାଓ୍ୱା ସଙ୍ଗେ ମିଶେ ମାଶି ମତାଁ।

ଫୁଲ : ଆୟଟା ପାଇଁ ତକେ ଭଲ୍ ଲାଗତେ ରେଲା କି ?
: ଆଦେନ୍ କାଜେ ନିକୁନ୍ ବନେ ଲାଗ୍‌ସକ୍ ମତାଲ୍‌କି ?

ମଇନା : ଆୟଟା ପାଇଁ ଆୟ । : ଆଦେନ୍ କାଜେ।

ଫୁଲ : ତକେ ପୁରନା ହେଲା କେନ୍ତା ଲାଗ୍‌ଲାନି ?: ନିକୁନ୍ ଜୁନା ଆତେକ ବଦାନ ଲାଗାଲ୍ ?

ମଇଁନା : ମୋକେ ଭଲ୍ ଲାଗ୍‌ଲାନି । : ନାକୁନ୍ ବନେ ଲାଗ୍‌ଲାତା।

ଫୁଲ : ତୁଇ ଆଗେ କନ୍ ଇସ୍କୁଲେ ପଡ଼୍‌ତେ ରେଲିସ ?
: ନିମ୍ମା ତଲେୟ୍ ବଦ୍ ଇସ୍କୂଲତେ ପଢ଼ହି କସକ୍ ମତୋନ୍ ?

ମଇନା : ମଇ ଆମର ଗାଆଁର ଇସ୍କୁଲ ଥାନେ ପଡ଼ିତେ ରେଲି।
: ନନ୍ନା ମାଓ୍ୱା ଓ୍ୱାଡ଼ାତା ଇସ୍କୂଲତେ ପଢ଼ହି କିସକ୍ ମତାନା।

ଫୁଲ : ଆୟତି କେନ୍ତା ଲାଗ୍‌ତେ ରେଲା ? : ଆଗା ବଦାନ୍ ଲଗ୍‌ସକ୍ ମତ୍‌ତାଲ୍ ?

ମଇନା : ଆୟତି ଭଲ୍ ଲାଗ୍‌ତେ ରେଲାଯେ ଆୟତି ଭଲ୍ ନ ପଡ଼ାୟତେ ରେଲାୟ୍।
: ଆଗାବନେ ଲାଗ୍‌ସକ ମତାଲ୍ ଯେ, ଅଗା ଆଛା ପଢ଼ାଇ ଆୟୋ।

ଫୁଲ : ଓହୋ ତେବେ ତୁଇ ଇତି ଆୟ ଲିସ୍ କି ?: ଓହ୍ ତବ୍ ନିମ୍ମା ଇଗାଓ୍ୱାତିନ୍ କି ?

ମଇନା : ତେବେ ତ ଇତି ଆଇଲି। : ତବେ ତୋ ଇଗା ଓ୍ୱାତାନ୍।

ଫୁଲ : ନିକ ହେଲା ଆ ମିଳିମିଶି କରି ପାଠପଢୁ। : ଆଛା ଆତ୍ ଦାୱ୍ବ ମିଶେମାଶି ପାଠ ଫଢ଼୍ହି କିକାଟ୍।

## ଧାନକଟା ଛୁଟିରୁ ଫେରିଲା ପରେ ଦୁଇ ଜଣ ସାଙ୍ଗ ନିଜ ନିଜ ଅନୁଭୂତି ସଂପର୍କରେ କଥାବାର୍ତ୍ତା

ଫୁଲ : ଧାନ୍‌କଟା ଛୁଟିକେ ତମର୍ ଗାଆଁ କାୟ କାୟ କାମ୍ କର୍‌ଲିସ୍ ?
: ଅଂଜି କୟାନା ଛୁଟିତେ ନିୱ୍ବା ୱ୍ବାଡ଼ାତେ ବାଆଁ ବାଆଁ କାମ କିତି ?

ମଇନା : କାୟ କାମ୍ ଆରି କରବି ଯେ ଧାନ୍ କାଟଲିଆରି ମଣ୍ଡାଇଲି ଆରି ଘରେ ଆନ୍‌ଲୁ।
: ବାଆଁ କାମ ଆଉର କିକାତା ଅଂଜିଁ କୟତମ୍ ଆଉର ୱ୍ବିସତମ୍ ଆଉର୍ ଲୋତେ ତତ୍ ତମ୍।

ଫୁଲ : ତମରତି କାଲି ଧାନ୍ ବୁନି ରେଲାସ୍ କି ?
: ମିହଙ୍ଗା କାଲିଅଞ୍ଜି ୱ୍ବିତ୍‌ସି ମତୋରିଟ୍ କି ?

ମଇନା : ନାଇଁ ମନ୍ କର୍‌ବାଧ ଆୟ୍‌ତି ଲଗାଲୁ ଆଚୁ।
: ଆୟୋ ମନ କିଲେ ଅଂଜିକୁନ୍ ଉର୍‌ସ୍ତମା।

ଫୁଲ : ଆଲେ କାୟ୍ କାୟ୍‌ଟା ଲାଗାୟଲାଆଚସ୍ ?
: ଆଲେ ବାଁ ବାଁ କୁନ୍ ଉର୍‌ସ୍ତରିଟ୍ ?

ମଇନା : ଇଟା ମନ୍ ମିଶାନା ଜାନୁ କି ?
: ଇୱ୍ବେନ୍ ଗଲା ପୁତାରିଟ୍ କି ?

ଫୁଲ : ହଇ କାକା ଆଲପ୍ ଜାନ୍‌ଲେ କାୟହେଲା
: ଇଙ୍ଗୋଇନ୍ ବାୟ ହୁଡ଼୍‌କ୍ ପୁତେକ୍ ବାଁ ଆତ।

ମଇନା : ଆଲେ କଇଲିନି ସୁନ୍ ତେବେ ଆମର୍ ଡଙ୍ଗର୍ ଲଗେ ନାଇଁକି ମାଣ୍ଡିଆ ବିରି, କୋଳଥ, ଗୋଡଁ, ଡଙ୍ଗରରାଣୀ, ଶୁଆଁ, ଗୁରଜି, ଖେଡ଼ଜନା, ଦାଣ୍ଡୀଆଲ୍‌ସୀ ମନ୍ ଲାଗୟଲୁ ଆଚୁ ଆରି ଖଣ୍ଡେକ୍ ତି ମାଟିକାନ୍ଦା ମିଶା କରଲୁ ଆଚୁ ଆଦା ଆରି ହଳଦି ମିଶା ଲଗାୟଲୁ ଆଚୁ।
: ଆଲେ ଇନ୍ଦକା କେଂଜା ତେବେ ମାୱ୍ବା ଡ଼ଙ୍ଗରତିଗା କି ଗରାଁ,ପୁପ୍‌ଲି, କଡ଼େଁ, ଗିହୁଁ, କହଲା, ରେନ୍ଦେ, ଗେଡ଼ା ଜନ୍ଦରା, ପରବତ୍ ଗଲା ଉରସ୍ତମା, ଆଉର ହୁଡୁକ୍‌ତେ ନାଙ୍ଗେଲ୍ ମାଟିଁ ଗଲା କିତମା, ଆଦା ଆଉର କାମ୍‌କା ଗଲା ଉରସ୍ତମା।

ଫୁଲ : ହେଁ... ତମର ଡଙ୍ଗରେ ଜବର ଆକା କରଲାସ୍‌ବୋହଲେ ତମର ବାଡ଼ ନା ଆଟେ କି ?
: ହାଁ ମିୱ୍ବା ଡ଼ଙ୍ଗରତେ ଆଚାୟ ଗଲା କିତୋରିଟ୍ ମିୱ୍ବାୱ୍ବାଡ଼ି ଅଟକେ ମାୟୋୟ ?

ମଇନା : ବାଡ଼ମିଶା ଆଚେ।
: ୱ୍ବାଡ଼ିଗଲା ମନ୍ତାଁ।

ଫୁଲ : ବାଡ଼େ କାୟ କାୟଟା କରଲା ଆଚାସ୍ ?
: ୱ୍ବାଡ଼ିତେ ବାଁ ବାଁ କିତାରିଟ୍ ?

ମଇନା : ଆମର୍ ବାଡ଼େ ଆଲୁ, ବାଇଗନ୍, ଫୁଲକୋବି, ପତରଗୋବି ଲାଉ, କୁମୁଡ଼ା ଲାଗାୟଲୁ ଆଚୁ ।
: ମାୱ୍ବା ୱ୍ବଡ଼ିତେ ଆଲୁଁ, ବାଙ୍ଗାଁ, ଫୁଙ୍ଗାର ଗୁବିଁ, ଚିପଟା ଗୁବି, ତୁମ୍ବାଁ, ଗୁମଡ଼୍ ଉର୍‌ସ ତୋମା।

ଫୁଲ : ତମର୍ ବାଡ଼୍ ବଡେଟା ଆଚେକି ?
: ମିଓ୍ୱାଓ୍ୱାଡ଼ି ହଜୋରେ ମନ୍ତାକି ?

ମଇନା : ହୟ୍ ବଡେଟା ଆକା ଆଚେ।
: ଇଙ୍ଗୋ ହଜୋରେ ଆଦ୍ ମନ୍ତା।

ଫୁଲ : ହେଲେ ଟଟାବାଡ଼ି ଆଚେ କି ବାଇଁ ?ଆତେକ୍ ଆଟାଡ଼୍ ଓ୍ୱାଡ଼ି ମନ୍ତାକି ହିଲେ ?

ମଇଁନା : ଝଟାବାଡ଼ି, ନକରଲାଉ ସିନା କେତଟା ଆମ୍, ଫନସ୍, ଜାମ୍, ମୁନ୍‌ଗା ଲେମ୍ବୁ ଟଭା, କମ୍‌ଲା, ତେତ୍‌ଲି ଆମ୍‌ର ମାଣ୍ଡା ଗଛ ପାରାଗ ମନ୍ ଲାଗାୟ୍‌ଲୁ ଆଚୁ।
: ଝାଟାଁ ଓ୍ୱାଡ଼ି, କେଓ୍ୱାତିଗା ବଚ୍‌କଟାନ୍ ମର୍କା, ପନେସ, ବେଲ୍‌ତି, ମୁଡ଼ଙ୍ଗା, ଲେମୁ, ଟରା, କମଳା, ହିତାଁ ।

ଫୁଲ : ଏତେକ୍ ସବୁ ଚାଷବାସ୍ କର ଲାସ୍‌ନି ତମର୍‌ତି ଫୁଲ ବାଡ଼ ମିଶା ଆଚେ ତ ?
: ପପେୟା ମଡ଼ା କ୍ ଉରସ୍ତମା ମିଓ୍ୱାତେ ଫୁଙ୍ଗାହ୍ ଓ୍ୱଡି ଗଲା ମନ୍ତାଲ୍ ?

ମଇନା : ହର ଦୁଆର ବାଟେ ସାନ୍‌ଟା ଗୋଟେକ ଫୁଲ ବାଡ଼ କରି ହାୟ୍‌ତି ଗୋଲାପ, ସେବତି, ମଲ୍ଲୀ, ଜିନିଆ ବାଟି, ଡାଲିଆ, ଡଗର, ମନ୍ଦାର, ରାନି ଫୁଲ, ମେଣ୍ଡାଫୁଲ ଲଗାୟ୍‌ଲୁ ଆଚୁ ।
: ହରି ଦୁଆରତେ ହିଡ଼ଲା ଉଣ୍ଡାନ୍ ଫୁଙ୍ଗାର ଓ୍ୱାଡ଼ି କିସି ଆଗା ଗୁଲାପ, ସେଓ୍ୱଦି, ମଲ୍ଲୀ,ଜିନିଆ,ଡ଼ାଲିଆ, ଟଗର, ମନ୍ଦାର୍, ରାନୀ ଫୁଙ୍ଗାର ଉରସ୍ତମା।

ମଇନା : ତୁଇ ମକେ ନା ପଚାରି ଲାଗିରା କି କେନ୍ତା ତୁଇ ଆଲେ ଛୁଟିକେ କାଇଟା କର୍‌ଲିସ୍‌ନି ?
: ନିମ୍ମା ନାକୁନ ପୁଚେମାଇ ଲା ଲାଗସି ମତନ୍ ନିମ୍ମା ଆଲେ ଛୁଟିତେ ବାହ୍ କିତନୀ ?

ଫୁଲ : ମୁଇଁ ମିଶା ଛୁଟି କେ ଯାଇ ଧାୟାବୁଆ ସାଗେ ବେଡ଼ାବାଟେ ଗଲି, କଡ଼ପ୍ ଜାଗଲି, ମାଣ୍ଡିଆ, କାଟଲି ଆରି କାୟ୍‌ଟା ତା।
: ନନା ଗଲା ଛୁଟିତେ ହଂଜି ୟାୟା ବାବାନ୍ ସଙ୍ଗୋ ଓ୍ୱେଡ଼ା ତିକେ ହତାନ, କଡ଼ପା ରାଖା କିତା ।

ମଇନା : ଏତ୍‌କି ଆନେ ତୋର ଛୁଟି ସର୍‌ଲାକି ମା ଜାଟି ଝକଲିସ୍ ତୁଇ ?
: ଇଚରେତେ ନିଓ୍ୱା ଛୁଟି ମାଡ଼ତ୍‌କି ମହା ଜାଟି କିତିନ୍ ନିମ୍ମା ?

ଫୁଲ : ତୁଇ ରିସା ନା ହୋ କାୟ କାୟ ଜନେ ଧାନ୍‌କାଟାଲା ଉପରେ କଲ୍‌ଜା ବେଟାକେ ଗଲି, ବେଡ଼ା ଭିତରେ ରେବା କୁଣ୍ଡ ମନ୍‌କର ମାଚ ଧାରଲି ଦାରୁ ମିଶା ଆନ୍‌ବାକେ ଆୟାବୁଆ ସଙ୍ଗେ ଖମ୍‌ନେ ଗାଲି।
: ନିମ୍ମା ରିସ୍ ଆୟମା ବଡ଼ା ବାଁ ବାଁ ତିତାନ୍ ଅଂଜି କୟଲେ ଫତୋତେ ପାହ୍‌କି ଲାହତା ଓ୍ୱେଡ଼ା ଲଫାତେ ମାନ୍ଦଲେ କଦ୍ରାନାଁ ମିନକ୍ ପୟତମ କଟ୍ୟାଁ ତତିଲା ୟାୟାଲ୍ ସଙ୍ଗେ କମନାତେ ହତା।

ମଇନା : ଏଦେ ଏଦେ ଇସ୍କୁଲ୍ ବେଲାହେଲା ଜୁ ପାର୍‌ତନା କରୁ।
: ଦେୟ୍ ଦେୟା ଇସ୍କୂଲ ବେରା ଆତ୍ ଦେୟ୍ ପାରତନା କିକାଟ୍।

## ଶ୍ରେଣୀରେ ପାଠପଢା ସଂପର୍କରେ ଦୁଇ ସାଙ୍ଗଙ୍କ ମଧରେ କଥାବାର୍ତ୍ତା

ରାମ : ଏସୁ ତମର ଇସ୍କୁଲେ କେତେଟା ଦିଦି ଆରି ସାର୍ ଅଚତ୍ ?
: ଇଦ୍‌ଓଡ୍‌ସା ମିଓ୍ୱା ଇସ୍କୁଲତେ ବଚକ୍ ଦିଦି ଆଉର ଆଜ୍ଞାଲଡ୍ ମାନ୍ତୋଡ଼୍ ?

ଶାମ : ଆମର୍ ଇସ୍କୁଲେ ଦୁଇଟା ସାର୍ ଆରି ତିନଟା ଦିଦି ଆଚତ୍।
: ମାଓ୍ୱାଇ ସ୍କୂଲତେ ରଣ୍ଡଜନଡ଼୍ ସାର୍ ଆଉର ମୁଣ୍ଡ୍‌ଜାନଁ ଦିଦିହ୍ ମନ୍ତାଁ।

ରାମ : ତମର ଗଣିତ ମଜା କନ୍‌କନ୍ ପଢାୟଲାୟନି ?
: ମିଓ୍ୱା ଗନ୍‌ତି ତୁନ୍ ବୋଡ଼ ପଢାଦ୍ କିନ୍ତୋଡ଼୍ ?

ଶାମ : ଆମର୍ ଉଷାଦିଦି ପଢ଼ାୟ ଲାନି ।

: ମାଓ୍ୱା ଉଷା ଦିଦି ପଢ଼ାହ୍ କିନ୍ତାଲ୍ ।

ରାମ : ଗଣିତ ପଢ଼ାୟଲା ବେଲେ ଆମର୍ ଇସ୍କୁଲେ ନିମାନ୍ କରି ବୁଜି ନା ଅୟେ ।

: ଗଣିତ ପଢ଼ାହ କିୟାନ ହୋଡ଼ା ମାଓ୍ୱା ଇସ୍କୁଲତେ ଆଛାକିସି ସମଂଜେ ମାଇଆୟୋ ।

ଶାମ : ଆମର୍ ଇସ୍କୁଲେ ବଡ଼େ ନିମାନ୍ ବୁଜାଇ ଦେବାୟେ

: ମାଓ୍ୱା ଇସକୁଲତେ ଆଛା ଢ଼ଙ୍ଗତେ ସମଂଜାହ କେଓ୍ୱାଲୋଡ଼୍ ।

ରାମ : ଆମର୍ ସାର୍ ନାଇକି କଲାପଟା ତାନେ ଗଣିତ ମନ୍‌କେ କରି କରି ଶିକାୟ ଦେବାୟେ ମାତ୍ର ହାଇଟା କେନ୍‌ତା ହେଲା ବୁଜି ନାହେ ଆରି ମନେମନେ କରବି ଦଲେ ଭୁଲ୍ ହୋଇଯାୟସି / ତୁଇ ତମର ଇସ୍କୁଲେ ନିମାନ୍ କରି ଦିଦି ବୁଜାୟବାୟ ବଲ୍‌ଲିସ୍‌ନି ଆଲେ କେନ୍‌ତା କରି ବୁଜାଏବାୟ ଛନେକ୍ କରି ଦକାନି ?

: ମାଓ୍ୱଡ଼୍ ଗୁରୁ ନଇକି କାଳାପଟାତେ ଗନତି କୁନ୍ କିସି କରିହନେ ଚେଓ୍ୱାଲ ମାନ୍ତର ଆଦ୍ ବଦାନ ଆତ୍ ସମଂଜେମାଇ ଆୟ ଅଉରମନ ମନତେ କିତେକ ଭୁଲ ଆୟାଲ୍ । ନିମ୍ମା ମିଓ୍ୱା ଇସ୍କୂଲୁତେ ବନେ କିସି ଦିଦି ସମ୍‌ଜାହ କିୟାନା ଆନ୍ଦ୍ ଆଲେ ବଦାନ କିସି ସମବ୍‌ହ କିୟାଲ ହିଡ଼ିକ କିସି ତୋହା ?

ଶାମ : ଆମ୍‌ର ଦିଦି ନାଇଁ କି ନା ଗଣିତ ବତାୟଲା ବେଲେ ଖେଲାଏସି

: ମାଓ୍ୱା ଦିଦି ଆୟୋକି ଗନତି ଓ୍ୱାହ୍‌ନ୍‌ହୋଡ଼ା ଖରସହାଡ଼୍ ।

ରାମ : ହେଁ ପାଟ ପଢ଼ାୟଲା ବେଲେ କେନ୍‌ତା ଖେଲ୍ ଆରି ତମେମନ୍ ଖେଲ ଲାସ୍‌ନି କଇ ଦେଖ କାୟ ?

: ହାଁ ପାଠ ପଢ଼୍‌ହା କିଆନ ହୋଡ଼ା ବଦାନ କରସାନା ଆଉର ନିମ୍ମାଟ କରସ୍ୱାଲିଟ୍ ଇଂଜିହୁଡ଼ା ବାୟ ?

ଶାମ : ଗଟ୍ ଗଟ୍ ହାର୍ ଆମର୍ କିଲାସର୍ ଦୁଇ ଲୋକକେ ଦୁଇବାଟେ ଠିଆ କର୍‌ସି ଆରି କନ୍ ଥାନ୍‌ର ଚୁଡ଼ି କନ୍ ଥାନର ଫୁଲ କନ୍‌ଥାନର ଗୋଡ଼ି, କାଟି ବାଟି, ତେତ୍‌ଲି ମଂଜି ମନ୍‌କେ ଆନାୟ୍ ଦେୟ୍‌ଶି, ପଚେ ଆରି ଗଟେକ୍ ପିଲାକେ ଡାକି କରି ଆରହାତର ଟା କେତ୍‌ଟା ଆଚେ ଆରି ତାର୍ ହାତ୍‌ର ଟା କେତ୍‌ଟା ଆଚେ ବୋଲି ପଚ୍ଚର୍‌ସି କଇଦେଲା ଉରାରେ ଆରି ଗଟେକ୍ ପିଲାକେ ଡାକିକରି ହାଇଟାକେ ଅଲଗା ଅଲଗା କରା ଆରି ପଟତି ଲେକା ବଲସି, ଆରି ସରାସରି ବେଲେ ଆରି ଗଟେକ୍ ପିଲାକେ ଡାକିକରି ଦୁଇଟା ଯାକ କେ ମିଶାଇ କରି ଗନା ବଲସି ଅନତି କରି ମିଶାଇସି ଆରି ଶିକାୟ୍‌ସି, ହେନ୍‌ତି ତମର କିଲାସେ ପିଲା କେତଟା ଆରି ଟୋକି କେତଟା ଆଚତ୍ ବଲସି ସବୁ ଟୋକି ଆରି ପିଲା ମନ୍‌କେ ଗନକରି କୟଲା ଉପରେ ପିଲାଟକିକେ ମିଶିକରି ଆଚସ୍ ବଲ୍‌ସି । ଏନତି କରି ଆରି କେତେ ପର୍‌କାର କୟକରି ଶିକାୟେ ବାୟେ ।

: ନେଲି ତାଗାତା ଫୁଙ୍ଗାହାବଖଡ଼ାଁ ଗୋଟିଁ, କିଟକାଁ ପାଠି, ହିତା ପଡ଼େକ୍ କୁନ୍ ଚିଚି ହିୟାନ,ପଷାପଜା ଆଉର ଅରନ ପେକାନ କେୟସି ଏନାକୟତେ ବଚକ୍‌ଟାନ୍ ମନ୍ତାଁ ଆଉର ଓନା କୟତେ ବଚକଟାନ୍ ମନ୍ତାଁ ଇଂଜି ପୁଚେମାୟାନ୍ ଇଂଜିହିତୁଡ଼୍ ପରେକ୍ ଆରର୍ ଅରଡ଼୍ ପେକାନ୍ କେୟସି ଆଓ୍ୱେନ୍ ଆଲଗା ଅଲଗା କିସି ଆଉର ସିଲେଟତେ ଲିଖ୍‌କିଇଲା ଇନ୍ଦାନ୍ ଆଉର ମାଡ଼ାନ୍ ହୋଡ଼ା ଆଉର୍ ଅରଡ଼୍ ପେକାନ୍ କେୟସି ରଣ୍ଡସିଁ ଜାକତୁନ୍ ମିଶାହ୍ କିସି ଲଖା ଇନ୍ଦାନ୍ ଅହାନେ ଇଂଜି ମିଶାହ କିଇଲା କରହାନ୍ ଆଦାନେ ମିଓ୍ୱା କାଲାସତେ ପିଲାଁ ବଚକ ଆଉର ପେକିଁ ବଚକଟାନ୍ ମନ୍ତାଁ ଇଂଜି ସବ୍ ପେକିଁ ଆରୁ ପେକୋଡ଼୍ ଲୋଡ଼୍ ଲଖସି କସ ପରୋ ପେକିଁ ପେକେଡ଼୍ ମିଶେମାସି ମନ୍ତୋଡ଼୍ ଇନ୍ଦାନ୍ । ଇଦାନେ କିସି ଆଉର ବଚକ୍ ପରକାର ଇଂଜି କରହାନ୍ ।

ରାମ : ତୋର୍ କାତା ସୁନି କରି ମକେ ତମ୍ର ଇସ୍କୁଲେ ପଢ଼ ପଢ଼ ପରା ଲାଗଲାନି । ଆଲେ ତେବେ ଫେଡ଼ାନ୍ ଥାନେ କାୟ କାୟ କର୍‌ବାସ୍ କଅ କାୟେ ।

: ନିଓାଁ ପଲେଁ କେଞ୍ଜମଞ୍ଜାଲ୍ ନାକୁନ୍ ମିଓ୍ୱା ଇସ୍କୂଲ୍ ପଢ଼ହି କିଇଲା ମନ୍ ଲାଗ୍‌ଲାତା । ଆଲେ ତବେ ଫେଡ଼ାନ୍ ତିଗା ବାଁ ବାଁ କିଆନା ଆନ୍ଦ୍ ଇନ୍ ବାୟ୍।

ଶାମ : ଫେଡାନ୍ ବଲେ ଆରି କାୟଟାତା ହେନତି ଆକା କେଡ଼ କେଡ଼ ଦାଏ ଆମକେ ଆମ ପତର, ଆରି ଜାମ୍ ପତର୍ ତଲି ଆନା ବଲ୍‌ବାୟେ । ତୋଳି ଆନ୍‌ଲା ଉତ୍ତାରେ ଅଲଗା ଅଲ୍‌ଗା କରି ବାଟା ବଲ୍‌ବାୟେ ଆରି ତାର ଉତ୍ତାରେ ଗୋଟେକ୍ ଆମ୍‌ପତର୍ ଆରି ଗୋଟେକ୍ ଜାମ୍ ପତରକେ ମିଶାଇ କରି ଯୋଡ଼ା ଯୋଡ଼ା କରି ସଙ୍ଗା ବଲ୍‌ବାୟେ । ଆମେ କଇଦେଲା ଉତ୍ତାରେ ପତ୍ର କେତେକ ଅଗ୍‌ଲା ବୋଲି ପଋର୍‌ବାୟେ । ତାକେ କଲାପଟାତି ଉପରେ ଲେକୁ, କାୟ କାଜେକି ହାଇଟା ଜବର୍ ରେଲା ଜନଟା ଜବ୍ ରେଇସି ହାଇଟା ବଡ଼ ।

ଜନଟା ଆଲପ୍ ରେୟସି ତାକେ ତଲେ ଲେଖୁ କାୟ ଯେ କି ହାଇଟା ସାନଟା । ଏବର ଆସା ବଡ଼ଟା ଥାନୁ ସାନଟାକେ ଫେଡୁ ତାର ଉତ୍ତାରୁ ଏବେ ମିଶି ଫେଡୁ। ଉତ୍ତର ଆୟସି ତାର୍ ଉତ୍ତାରୁ ଆମ୍ର ଦିଦି ପଋରବାୟେ ହାୟ ଅଗଲି ରେଲା ପତ୍ର ଆରି ଫେଡାଣ ସମାନ୍ ଆଚେ କି ନାଇଁ ପିଲାମନ୍। ତେବେ ସମାନ୍ ଆଚେ ବୋଲେ ତାଲି ମାରା ବଲଲେ ଆମେ ସବୁ ଲୋକ ତାଲି ମାରବୁ ।

: ଫେଡ଼ାତା ହୋଡ଼ା ଆଉର୍ ବାତା ଆଦାନେ ବୁନା ବଚର ବଚର୍ ହୋଡ଼ା ମାମୁନ୍ ମର୍କା ଆକିଁ ଆଉର ଲେଂଡ଼ି ଆକିଁ କୟସି କଇସିତରା ଇନ୍ଦାନୁଡ୍। କଇସି ତତ୍‌ଲେ ପରେକ୍ ଅଲଗା ଆଲଗା କିସି ବନାହ୍ କିଲା ଇନ୍ଦାନୁଡ୍ ଆର୍ ତାନା ପରେକ୍ ଉଣ୍ଡାନ୍ ମର୍କା ଆକି ଆଉର ଉଣ୍ଡାନ୍ ଲେଣ୍ଡି ଆକିତୁନ୍ ମିଶାହ୍ କିସି ଜୋଡ଼ି ଜୋଡ଼ି କିସି ଇରା ଇନ୍ଦାନୁଡ୍। ମମୋ ଇନ୍ଦଲେ ପରେକ୍ ଆକି ବଚ୍‌କ୍ ପିସ୍‌ତୁସ ଇଂଜି ପୁନ୍ଦାନାଆନ୍ଦ୍। ତାନ୍ କାଲାପାଟା ପରୋତେ ଲିଖ୍ କିକମ୍ ବାଁ କାଜେ କି ଆଦ୍ ବଚକ୍ ମର୍ଣ୍ଣାଁ ବଦକି ବଲକା ମନ୍ଦାନୁଁ ଆଦ୍ ହଜୋର। ବଦ୍ କମ୍ ମନ୍ଦାନୁଁ ତାନ୍ ଦୋଡ଼ି ଲେଖ୍ କିକାଟ୍ ବଦ୍‌କି ଆଦ୍ ହୁଡ଼ଲା। ଇଦ୍‌କ୍‌ତାଦାଓ୍ୱା ହଜୋର ତାହ୍ ହିଡ଼ଲା ତୁନ୍ ଫେଡ଼ି କିତେକ୍ ତାନା ଉତ୍ତର ଇଦେକ ମିସେ ମାସି ଫେଡ଼ିକିକାଟ୍। ଉତ୍ତର ଓ୍ୱାଲାତାନା ପରେକ ମାଓ୍ୱା ଦିଦି ପୁଛେମାୟଡ୍ ଆଦ୍ ପିସ୍‌ଲେଁ ଆକିଁ ଆଉର ଫେଡ଼ିଣ ସମାନ ମର୍ଣ୍ଣାଁ କିହିଲେଁ ପିଲାଁ। ଯଦି ସମାନ ମର୍ଣ୍ଣାଁ ହତେକ ତାପଡ଼ି ଜିମ୍‌ଟ୍ ପିସକ୍ ମମୋ ସବୟଲୋଡ୍ ତାପ୍‌ଡ଼ି ଜିକମ୍।

ରାମ : ନାଇଁ ବାବୁ ତାର୍ କତା ସୁନ୍‌ଲା ବେଲକୁ ମୋକେ ତମ୍ର ଇସ୍କୁଲ ଥାନେ ଯିବାକେ ମୁଇଁ ବୁଆ କେ କୟବି ଆରି ଇସ୍କୁଲେ ଆସ୍‌ବି

: ଆୟ ବାବୁ ଓନ୍ନା ପଲୋ କେଞ୍ଜ ନାକୁନ୍ ନିଓ୍ୱା ଇସକୂଲ ତିଗା ହନ୍ଦିଲା ନନା ବାବାନ୍ ଇନ୍ଦକା ଆଉର ଇସ୍କୂଲତେ ଓ୍ୱାୟକା।

## ଦୁଇଜଣ ସାଙ୍ଗ ଅଲଗା ଅଲଗା ସ୍କୁଲରେ ଅଛନ୍ତି ଏ ଦୁଇ ଜଣଙ୍କ କଥାବାର୍ତ୍ତା

ଗୋରୀ : ତମର୍ ଇସ୍କୁଲେ ତକେ କେନ୍ତା ଲାଗ୍‌ସି ସୁନ୍ଦରୀ।

: ନିଓ୍ୱା ଇସକୂଲେ ନିକୁନ୍ ବଦାନ୍ ଲାଗଲାତା ସୁନ୍ଦରୀ ?

ସୁନ୍ଦରୀ : ମୋକେ ବଡ଼େ ନିମାନ୍ ଲାଗ୍‌ସି ଗୋରୀ

: ନାକୁନ୍ ଆଛାୟ ବନେ ଲାଗଲାତା ଗୋରୀ।

ଗୋରୀ : କେନ୍ତାର କଜେ ଏତେ ନିମାନ୍ ଲାଗ୍‌ସି ସୁନ୍ଦ୍‌ରୀ ସତେ ତମର୍ ଇସ୍କୁଲ୍ ନିମାନ୍ ଆଚେକି ଆଲେ କାୟ୍ କଯେ ଏତେ ନିମାନ୍ ଲାଗ୍‌ଲାନି ?

: ବଦାନ୍ କାଜେ ଇଛର ବନ୍ନେ ଲାଗଲାତା ସୁନ୍ଦରୀ ସତେୟ ନିଓ୍ୱା ଇସ୍କୂଲ ବନେ ମନ୍ତାକି ଆଲେ ବାଁ କାଜେ ଇଛର ବନ୍‌ନେ ଲାଗ୍‌ଲାତା ?

ସୁନ୍ଦରୀ : ଆମର୍ ଇସ୍କୁଲେ ଆମେ ପିଲାଟୋକି ମିଶି କରି ଗଟେକ୍ ଗଲେ ରେଲା ପାରା ରେଲୁନି । ଆମର୍ ଇସ୍କୁଲେ ବଗିଚା ବଡ଼େ ସୁନ୍ଦର୍ । ଆମର୍ ସାର୍ ଦିଦି ମନ୍ ପାଠ୍ ପଡାଇବା ସଙ୍ଗେ ସଙ୍ଗେ ଖେଲ୍ ନାଚ ଗୀତ ସିକାୟ୍ ବାୟ୍ ଆରି ଲାଡ୍ କର୍‌ବାୟ୍ । ଆମର୍ ଇସ୍କୁଲେ ସଫାସୁତର ରକ୍‌ବୁ ଆରି ଆନନ୍ଦ୍ ମନରେ ପଢା ପଢି କର୍‌ବୁ ତେବେ ସେ ନିମାନ୍ ଲାଗ୍‌ସି । ଆମର୍ ଇସ୍କୁଲେ ବଡ଼େ ନିମାନ୍ ଆମ୍‌କେ ଘରେ ଦିବାକେ ନା ଲାଗେମନ୍ ।

: ମାଓ୍ୱା ଇସ୍କୂଲତେ ମମୋ ପେକଡ଼ ପେକିଁ ମିଶେମାସି ଉଣ୍ଡିତେ ମନ୍ଦଲେ ବୁନା ମନ୍ତମା। ମାଓ୍ୱା ଇସ୍କୂଲତେ ବଗେଚା ଆଛା ସନ୍ଦୁର। ମାଓ୍ୱାଡ଼୍ ସାର୍ ଦଦିହକୁ ପାଠ ପଢ଼ା କିୟାନା ସଙ୍ଗ୍ ସଙ୍ଗ୍ କରସାନା ଏନ୍ଦାନା ପାଠାଁ କରିହଲାତାଁ ଆଉର ମୟା କିନ୍ତାଁ। ମାଓ୍ୱା ଇସକୂଲତେ ସାପା ସୁତରା କିନ୍ତମା ଆଉର୍ ଶ୍ରଦ୍ଧା ମନତେ ପଢ଼ା ପଢ଼ି କିନ୍ତମା ତବେ ଆଉ ବନେଲାଗ୍‌ଲାତା। ମାଓ୍ୱା ଇସକୂଲତେ ବନେ ଲାଗ୍‌ଲାତା ମାକୁନ୍ ଲୋତେ ମନ୍ଦିଲା ମନଲାଗୋ।

ଗୋରୀ : ତମର୍ ଇସ୍‌କୁଲେ କେତ୍‌ଟା ପାଠ୍ ପଡ୍‌ବା ଘର, ଆଚେ ?

: ମିଓ୍ୱା ଇସ୍‌କୂଲତେ ବଟକଟାନ ପାଠ ପଢ଼ିହି କିୟାନା ଲୋତ ମନ୍ତାଁ।

ସୁନ୍ଦରୀ : ଆମର୍ ଇସ୍କୁଲେ ଗଟେକ୍ ପଡ଼ବା ଘର୍ ଆଚେ।

: ମାଓ୍ୱା ଇସ୍କକୂଲତେ ଆଠଟାନ୍ ପଢ଼ିହି କିୟାନା ଲୋତକ୍ ମାନ୍ତା।

ଗୋରୀ : ତମର୍ ଇସ୍କୁଲେ କେତ୍‌ଟା ଦିଦି ଆରି କେତୋଟା ସାର୍ ଆଚତ୍ ?

: ମାଓ୍ୱା ଇସ୍‌କୂଲତେ ବଟକ ଜନ୍ନା ଦିଦିହ୍ ଆଉର ବଟକ୍ ଜନଡ଼ ସାର୍ ମନ୍ତୋଡ଼୍।

ସୁନ୍ଦରୀ : ଆମର୍ ଇସ୍କୁଲେ ଦୁଇଟା ଦିଦି ଆରି ତିନ୍‌ଟା ସାର୍‌ଆଚେ।

: ମାଓ୍ୱାଇସକୂଲତେ ରଣ୍ଡଦିଦି ଆଉର ମୁଣ୍ଡଜନଡ଼୍ ସାର ମନ୍ତୋଡ଼୍।

ଗୋରୀ : ତମ୍‌କେ ତମର୍ ସାର ମନ୍ ଆରି ଦିଦି ମନ୍ ଲାଡ଼ କରବାୟ୍ କି ନାଇଁ ?

: ମିକୁନ୍ ମିଓ୍ୱଡ଼୍ ସାର୍ ଲୋଡ଼୍ ଆଉର ଦିଦିଲିଁ ମୟା କିନ୍ତାଁକି କେଅଁ ?

ସୁନ୍ଦରୀ : ଇୟା... ଆମର୍ ସାର୍ ଦିଦି ମନ୍ ତ ଆମର୍ ମାଁ ବାବା ଲାଡ଼କର କରଲା ପରା କରବାୟେ ସେନ୍ତିଆବ ।

: ଇଉ ମାଓ୍ୱା ସାର ଦିଦିହ୍ ତୋ ମାଓ୍ୱଡ଼ ୟାୟା ବାବା ମୟା କିନ୍ତୋଡ଼୍ ଆଦାନେ କିନ୍ତୋଡ଼୍।

ଗୋରୀ : ତମର୍ ଇସ୍କୁଲେ ଗୋଟେକ୍ ଲୋକ୍‌କେ ଲାଡ଼୍ କର୍‌ବାୟ୍‌କି ସବୁ ଲୋକ୍‌କେ ?

: ମିଓ୍ୱା ଇସକୂଲ ଅରନେ ମାନେନ୍ ମୟା କେଓ୍ୱାଲୋଡ଼୍ କି ସବୋୟ ମାନେନ୍ ?

ସୁନ୍ଦରୀ : ନାଇଁ ସବୁକେ ଲାଡ଼ କର୍ ବାୟ୍ ଆୟୋ ସବ୍‌କୁନେ ମୟା କିୟାନୁଡ଼୍।

ଗୋରୀ : ତେବେ ତମର୍ ଇସ୍କୁଲେ କାୟ୍ କାୟ୍‌ଟା କର୍‌ଲା ଆଟାସ୍ ?

: ତବେ ମିଓ୍ୱା ଇସ୍‌କୂଲ ବାଆଁ ବାଆଁ କିତୋରିଟ୍ ?

ସୁନ୍ଦରୀ : ଆମର୍ ଇସ୍କୁଲେ ମୀନା ମଞ୍ଚ, ମନ୍ତ୍ରୀମଣ୍ଡଲ୍ ବାଲ୍‌ଅଦାଲତ୍ କର୍‌ଲୁନି ।

: ମାଓ୍ୱା ଇସ୍କୂଲତେ ମୀନମଞ୍ଚ, ମନ୍ତ୍ରୀମଣ୍ଡଲ, ବାଲ୍‌ଆଦାଲତ୍ କିତୋମ୍ ।

ଗୋରୀ : ଆରି କାୟ୍‌ଟା କର୍ ଲାସ୍‌ନି ?

: ଆଉର ବାଁ କିତିରିଟ୍ ?

ସୁନ୍ଦରୀ : ଆରି କେତେକ୍ କରଲୁ ଆଟୁ ।

: ଆନ୍ଦ୍ ଆଉର ବଟକ୍ କିତୋମା ।

ଗୋରୀ : କାୟ କାୟଟା ଆରି କଲା ଆଟାସ୍ ତେବେ କଇଦେକ୍ ଅଲପ୍ ?

: ବାଆଁ ବାଆଁ ଆଉର କିତୋରିଟ୍ ତବେ ଇଂଜିହୁଡ଼ା ହିଡ଼ିକ୍ ?

ସୁନ୍ଦରୀ : ଆଲେ ସୁନ୍ ତେବେ । ଆମେ ନାଇଁକି ଗୀତ୍ ଲେଖିବୁ ଅନୁଭୂତି ଲେଖିବୁ, କୁଇଜ୍ କମ୍ପିଟିସନ୍ କରିବୁ, ଗୀତ ଗାୟ୍‌ବୁ, ଡ୍ରାମା କର୍‌ବୁ ଆରି ନାଚ୍ କର୍‌ବୁ । ଯେତକି ଲେଖିରେବୁ ସେଟାକେ ଆନ୍ୱେଷଣରେ ଅଲାୟଦେବୁ ।

: ଆଲେ କେଂଜା ତେବେ । ମୋମୋ ନାଇକି ପାଠାଁ ଲିଖିକିମ୍ ଅନୁଭୂତି ଲିଖିକିମ୍ ପରନ୍ ଉତ୍ତର କିକମ୍ ପାଟାଁଓାରକମ୍, ଡ୍ରାମା କିକମ୍ ଆଉର ଏଦ୍‌କମ୍ । ବଟର୍ ଲିଖିକିସି ମନ୍ତକମ୍ ଆଓ୍ୱେନ୍ ଅନ୍ୱେଷଣନେ ଓଡିହ୍‌କମ୍ ।

ଗୋରୀ : ଅନ୍ୱେଷଣ କରଲେ କାୟ୍‌ଟା ଯେ ?

: ଆନ୍‌ମାନ୍ ଇତେକ୍ ବାତା ଆନ୍ଦ୍ କି ?

ସୁନ୍ଦରୀ : ଆମର ମନକେ ଜୁନ୍‌ଟା ଆଇଲା, ଗୀତ ହ କି ଗପ ଏହ କି ଆରି କେନ୍ତାଟା ହଉ ସବୁଲେଖିକରି ଗୋଟେକ୍‌ଆନେ ଲଗାଇବାର୍ ।

: ମାଓ୍ୱା ମନ୍‌ତେ ଜୁଟେ ମାୟାନା, ପାଟାଁ କି କାହାନି ଆଇକି ଆଉର ବଦାନା ଆଇ ସବ୍ ଲିଖି କିସି ଉଣ୍ଡିତେ ଲାଗାହ୍‌କିୟାନା ।

ଗୋରୀ : ତେବେ ତମର୍ ଇସ୍କୁଲେ କେତୋଟା ଆପା ଆରି କେତ୍‌ଟା ନନା ଅଟତ ?

: ତବେ ମିଓ୍ୱା ଇସ୍‌କୂଲତେ ବଟକ୍ ଦିଦିହ୍ ଆରୁ ବଟକ୍ ଦାଦାଲୋଡ୍ ମନ୍ତୋଡ୍ ?

ସୁନ୍ଦରୀ : ଆମର ଇସ୍କୁଲେ ଚାର୍‌ଟା ଆପା ଆରି ଦୁଇଟା ନାନା ଆଟତ ।

: ମାଓ୍ୱା ଇସ୍‌କୂଲତେ ନାଲଙ୍ଗଜାନା ଦିଦି ଆଉର ରଣ୍ଡ୍ ଜାନଡ ଦାଦାଲୋଡ୍ ମନ୍ତୋଡ୍ ।

ଗୋରୀ : ତମର୍ ଆପା ନାନା ମନ୍ ନିକ କରି ରାନ୍ଦ୍‌ବାୟ୍‌କି ନାଇଁ ?

: ମିଓ୍ୱଡ୍ ଦିଦି ଦାଦାଲୋଡ୍ ଅଛା କିସି ଅଟଓ୍ୱାଲୋଡ୍ କି ଆଟଡ୍ ?

ସୁନ୍ଦରୀ : ହାଁ ନିକ କରି ସେ ରାନ୍ଦ୍‌ବାୟେ । ଇଙ୍ଗ ଆଛା କିସି ଓଡ୍ ଆଟଓ୍ୱା ଲୋଡ୍ ।

ଗୋରୀ : ତମର୍ ଆପା ମନ୍ ତମର୍ ଯତନ୍ ନେବାୟ୍ କି ନାଇଁ ?

: ମିଓ୍ୱା ଦିଦିହ୍‌ଁ ମିଓ୍ୱା ଯତ୍ନନ୍ ଅନ୍ତା କି ଓୟ୍ ?

ସୁନ୍ଦରୀ : ସବୁ ଆପା ମନ୍ ସବୁକେ ଯତନ୍ କରବାୟ୍ ।

: ସବୟ ଦିଦି ବାବା ଲୋଡ୍ ସବୋୟ କୁନ୍ ଯତନ କେଓ୍ୱାଲୋଡ୍ ।

ଗୋରୀ : ତେବେ ତମେ ଗୀତ୍ ଗାଇ ବାସ୍, ନାଟ୍ କର୍‌ବାସ ଯେ କନ୍ତି ନାଚ୍ କର୍‌ବାକେ ଗଲା ଆଚାସ୍ କି ?

: ତବ୍ ନିମ୍ମା ପାଟାଁଓ୍ୱାଚିକିଟ୍, ଏନ୍ଦାନା କିକିଟ୍ ଯେ ମାନ୍ତର ଏନ୍ଧାନ୍ କାଜେ ବାଗାୟ ହାତାରିଟ୍ କି ?

ସୁନ୍ଦରୀ : ହାଁ ଆମେ ନାଇଁକି ଭୁବନେଶ୍ୱର୍, ସୁନାବେଡ଼ା, କୁନ୍ତରଖାଲ୍ ଆମ୍ବାଗୁଡ଼ା, କୋରାପୁଟ, ନାଚ୍‌ବାକେ ଗଲୁ ଆଚୁ ।

: ହାଁ ମମ୍ମୋ ଆୟକି ଭୁବନେଶ୍ୱର, ସୁନାଓ୍ୱେଡ଼ା, କୁନ୍ତରଖାଲ୍, ଆମାଗୁଡ଼ା, କାରାପୁଟ, ଏନ୍ଦିଲା ହତମା ।

ଗୋରୀ : ତମେ ସାକାଲେ କେତ୍‌ଟା ବେଲେ ଉଠ୍‌ବାସ୍ ?

: ନିମ୍ମିଟ୍ ନରକିଁ ବତ୍ ହୋଡ଼ା ତେଦ୍‌ଓ୍ୱାନ୍ ?

ସୁନ୍ଦରୀ : ଆମେ ସାକାଲେ ୫ଟା ବେଲେ ଉଠ୍‌ବୁ

: ମମ୍ମୋ ନରକିଁ ହଇଙ୍ଗବଜେ ତେଦ୍‌ଓ୍ୱାଲୋଡ୍ ।

ଗୋରୀ : ଉଠିକରି କାୟ୍ କାମ୍ କର୍‌ବାସଂ

: ତେଦସି ବାତା କାମ କେଓ୍ୱାରିଟ ?

ସୁନ୍ଦରୀ : ଉଠିକରି ପ୍ରାର୍ଥନା କରବୁ ଆରି ଦାତୁନ କରବୁ ଜାଡ଼ା ଯିବୁ ଆରି ଡାଣ୍ଡ୍ ବାଡାନ୍‌ବୁ ।

: ତେଦସି ପାର୍ଥନା କିକମ୍ ଆଉର ପର୍କାଲ କେଓ୍ୱାଲୋଡ୍ ବାଟି ହନ୍ଦକମ୍ ଆଉର କରିହାୟଓ୍ୱାଲୋଡ୍ ।

ଗୋରୀ : ସାକାଲ୍ ଓଲି କେଡ଼େବେଲା ପଢ଼ଲାସ୍‌ନି ?

: ନରକିଁ ହୋଡ଼ାବଚ ହୋଡ଼ାପଢ଼ହି କେଓ୍ୱାରିଟ୍ ?

ସୁନ୍ଦରୀ : ସାକାଲ୍ ଅଲି ଆମେ ସାତ୍‌ଟା ବେଲା ପଢ଼୍‌ଲୁନି ।

: ନରକିଁ ହୋଡ଼ା ମମ୍ମୋ ସାତ୍‌ବଜେ ପଢ଼ହି କେଓ୍ୱାଲୋଡ୍ ।

ଗୋରୀ : ଆରି କେତୋଟା ବେଲେ କାୟ୍ କାମ୍ କର୍‌ଲାସ୍‌ନି ?

: ଆଉର ବଚହୋଡ଼ା ବାତା କାମ୍ କେଓ୍ୱାଲିଟ୍ ?

ସୁନ୍ଦରୀ : ନଅଁଟା ବେଲେ ଭାତ୍ ଖାଇବୁ ଆରି ଇସ୍କୁଲ ଯିବୁ ।

: ନଉ ବଜେ ଜଉଡ଼ି ତିନଓ୍ୱାଲୋଡ୍ ଆଉର ଇସ୍କୂଲ ହନ୍‌ଓ୍ୱାଲୋଡ୍ ।

ଗୋରୀ : ଇସ୍କୁଲ କେତ୍‌ଟା ବେଲେ ଛାଡ଼୍‌ବାୟ୍ ।

: ଇସ୍କୂଲ ବଦ୍ ବେରା ଛାଣ୍ଡି କେଓ୍ୱାଲୋଡ୍ ।

ସୁନ୍ଦରୀ : ଘଣ୍ଟେ ବେଲେ ଗୋଟେକ୍ ଥର୍ ଛାଡ଼୍‌ବାୟେ ଆରି ସମାନ ଚାରଟା ହେଲେ ଘରେ ଛାଡ଼୍‌ବାୟ୍ ।

: ଉଣ୍ଡିଘଣ୍ଟା ହୋଡ଼ା ଉଣ୍ଡି ପେକ୍ ଛାଣ୍ଡି କେଓ୍ୱାଲୋଡ୍ ଆଉର ସମାନ ନାଲୁଙ୍ଗ୍ ବେରା ଲୋଟେ ଛାଣ୍ଡି କେଓ୍ୱାଲୋଡ୍ ।

ଗୋରୀ : ତାର୍ ପଛେ କାଇଟା କର୍‌ବାସ୍ ?

: ତାନା ପରେକ୍ ବାତା କେଓ୍ୱାରିଟ୍ ?

ସୁନ୍ଦରୀ : ପିଲାଟିକି ମନ୍‌କେ ଗନ୍‌ବୁ, ଟିଫିନ୍ ଖାଇବୁ ଆରି ଖେଲ୍‌ବୁ ଛନେକ । ଆରି ସଞ୍ଜବେଲେ ଆମର୍ ବଖ୍‌ରା ଆରି ଦାଣ୍ଡ ଝାଡୁ କରବୁ । ଛଅଟା ହେଲେ ଘଣ୍ଟା ବାଜ୍‌ଲେ ହାତ୍ ଗୋଡ଼ ଧଇ କରି ପଢ଼୍‌ବୁ ।

: ପେକିଁ ପୋକୋ ଡ଼କୁନ୍ ଲକିକମ୍ ଜଳଖିଆ ତିନ୍ଦକମ୍ ଆଉର ଡ଼ଣ୍ଡିକ୍ କରସକମ୍ । ଆଉର ମୁଲାନ ହୋଡ଼ । ମାଓ୍ୱା ବାକ୍‌ଡ଼ା ଆରୁ ମଣ୍ଡା ହୟ୍ କମ୍ । ହାରୁଁ ଘଣ୍ଟା ବଜେ ମାତେକ୍ କଇକ୍ କାଲକ୍ ନରସି

ମଞ୍ଜାଲ୍ ପଢ଼ହି କିକମ୍।

| | | |
|---|---|---|
| ଗୋରୀ | : | ତେବେ ତମର୍ ଇସ୍କୁଲେ କେତେକ୍ ଲୋକ ଆଚସ୍ ? |
| | : | ତବେ ମିଓ୍ୱା ଇସ୍କୁଲତେ ବଚକ୍ ମାନେୟ ମନ୍ତରିଟ୍? |
| ସୁନ୍ଦରୀ | : | ଆମର୍ ଇସ୍କୁଲେ ପିଲା ଟକି ମିଶି କରି ୩୦୦ ଲୋକ୍ ଆଚୁ। |
| | : | ମାଓ୍ୱା ଇସ୍କୁଲତେ ପେକଡ଼୍ ପେର୍କିଁ ମିଶେମାଣି ମୁଣ୍ଡ୍ ଶଉକ୍ ମାନେୟ ମନ୍ତମା। |
| ଗୋରୀ | : | ତମର୍ ହଷ୍ଟେଲେ ୩୦୦ ପିଲା ଆଚତ୍ ଯେ କେତ୍‌ଟା ଶୋୟ୍‌ବା ଘର୍ ଆଚେ ? |
| ସୁନ୍ଦରୀ | : | ଟକି ମନର୍ ଚାରଟା ଆଚେ ପିଲା ମନର ପାଚ୍‌ଟା ଆଚେ । |
| | : | ପେର୍କିଁନା ନାଲଙ୍ଗଟାନ ଆରୁ ପେକଡାଁ ହାଇଙ୍ଗଟାନ୍ ମାନ୍ତା। |
| ସୁନ୍ଦରୀ | : | ତୁଇ ମୋର କତା ଶୁନ୍‌ଲୁସ୍ ଯେ ତେବେ ତମର୍ ଇସକୁଲର ମିଶା ଅଲପ୍ କଇଦେକ୍ କାୟ ? |
| | : | ନିମା ନାଓ୍ୱା ପାଲୋ କେନ୍‌ତିଯେ ତେବ ମିଓ୍ୱା ଇସକୁଲ ଦା ଗାଲା ହୁଡୁକ୍ ଓ୍ୱାହ୍‌ଚିମ୍। |
| ଗୋରୀ | : | ଆଲେ ସୁନ୍ ତେବେ କଇଲିନି କେଞ୍ଜା ତେବେ। |
| ସୁନ୍ଦରୀ | : | କଅ କାୟ୍ ଆଲେ ତମର୍ ଇସ୍‌କୁଲ କେନ୍ତାର ଆଚେ ? |
| | : | ଓ୍ୱାହାବାଇ ମିଓ୍ୱାଇସକୁଲ ବାଦାନ ମନ୍ତା। |
| ଗୋରୀ | : | ଆମର୍ ଇସ୍‌କୁଲ୍ ମିଶା ଭଲ୍ ଆଚେ ? |
| | : | ମାଓ୍ୱା ଇସ୍କୁଲ ଗାଲା ଆଚା ମାନ୍ତା? |
| ସୁନ୍ଦରୀ | : | ତମର୍ ଇସ୍‌କୁଲେ କେନ୍ତାର୍ ପାଠ୍ ପଢ଼ାୟ୍ ବାୟ୍ |
| | : | ମିଓ୍ୱା ଇସ୍କୁଲତେ ବହୁନ୍ ପାଠ ପଢହା କିନ୍ତଡ଼୍ ? |
| ଗୋରୀ | : | ଆମର୍ ଇସ୍‌କୁଲେ ମିଶା ଭଲ୍ ସେ ପାଠ୍ ପଡାୟ୍‌ବାୟ୍ । |
| | : | ମାଓ୍ୱା ଇସ୍କୁଲତେ ଗାଲା ଆଋ ପାଠ ପଢହା କିନ୍ତଡ଼୍। |
| ସୁନ୍ଦରୀ | : | ତମର୍ ଇସ୍‌କୁଲେ କେତ୍‌ଟା ସାର୍ ଆରି ଦିଦି ମନ୍ ଅଚତ୍ ? |
| | : | ମିଓ୍ୱା ଇସ୍କୁଲ୍‌ତେ ବାଚର ମାଷ୍ଟ୍ରେର୍ ଆରୁ ମାଷ୍ଟ୍ରେର୍‌ଲିଁ ମାନ୍ତା ? |
| ଗୋରୀ | : | ଆମରି ଇସ୍‌କୁଲେ ୪ଟା ସାର୍ ଆରି ୨ଟା ଦିଦି ମନ୍ ଆଚତ୍ |
| | : | ମାଓ୍ୱା ଇସ୍କୁଲଦେ ୪ ଜାନଡ଼୍ ମାସ୍ତେର୍ ଲୋଡ଼୍ ଆରୁ ୨ ଜାନାଁ ମାଷ୍ଟେର୍ଲିଂ ମାନ୍ତା। |
| ସୁନ୍ଦରୀ | : | ତମ୍‌କେ ଲାଡ଼୍ କର୍‌ବାୟେ କି ନାଇଁ ? |
| | : | ମିକୁନ୍ ମାୟା କିନ୍ତା କି କେଓ୍ୱ? |
| ଗୋରୀ | : | ଲାଡ଼୍ କରବାୟ୍ । |
| | : | ମାୟା କିନ୍ତା। |
| ସୁନ୍ଦରୀ | : | ସୁନ୍‌କାୟ୍ ତମର୍ ଇସ୍କୁଲେ ମନ୍ତ୍ରୀମଣ୍ଡଲ୍ କର୍‌ଲା ଆଚାସ୍ କି ନାଇଁ। |
| | : | କେଞ୍ଜାବାୟ ମିଓ୍ୱା ଇସ୍କୁଲ୍‌ତେ ମନ୍ତ୍ରୀମଣ୍ଡଳ କିତରିଟ୍ କି କେଓ୍ୱିଟ୍? |
| ଗୋରୀ | : | ମନ୍ତ୍ରୀ ମଣ୍ଡଲ୍ ମିଶା କଲୁ ଆଚୁ। |
| | : | ମନ୍ତ୍ରୀମଣ୍ଡଳ ଗାଲା କିତମା। |
| ସୁନ୍ଦରୀ | : | ଖାଲି ମନ୍ତ୍ରୀ ମଣ୍ଡଲ କରଲା ଆଚାସ୍ କି ? |
| | : | ଖାଲି ମନ୍ତ୍ରୀମଣ୍ଡଳ କିତରିଟ୍ କି ? |

ଗୋରୀ : ଅୟ୍ ମନ୍ତ୍ରୀ ମଣ୍ଡଲ୍ ସେ କଲୁ ଆଚୁ ।

: ଆଦ୍ ମନ୍ତ୍ରୀମଣ୍ଡଲ୍ ଗାଲା କିତମା ।

ସୁନ୍ଦରୀ : ମୀନା ମଞ୍ଚ ଆରି ବାଲ ଅଦାଲତ୍ କଲା ଆଚାସ୍‌କି ନାଇଁ ?

: ମୀନା ମଂଚ ଆରୁ ବାଲ୍ ଅଦାଲତ୍ କିତରିଟ୍ କି କେଓ୍ୱିଟେ ?

ଗୋରୀ : ମୀନା ମଞ୍ଚଆରି ବାଲ୍ ଅଦାଲତ ବଲେ କାଇଟା ?

: ମୀନା ମଂଚ ଆରୁ ବାଲ୍ ଅଦାଲତ୍ ଇତେକ୍ ବାଁ ?

ସୁନ୍ଦରୀ : ବାଲ ଅଦାଲତ ବଲେ ଆମେ ପିଲାମନ୍ ଗଟେକ୍ କରଟ୍ କରଲୁ ଆଚୁ ହାଇତି ଆମେ ମନ୍ ଯେ ଭୁଲ୍ କାମ କରସି ତାକେ ଆମେ କରଟ୍ ଥାନେ ନେବୁ ଆରି ବିଚାର କରବୁ ମିନା ମଞ୍ଚ କୟଲେ ବଲେ ପାଟ ପଢ଼ବାଟା ସଫାସୁତର ହେବାଟା, ମୁଣ୍ଡ ହାତେ ଗୋଡ଼େ ତେଲ ଲଗାୟ୍‌ବାଟା ନିଜର୍ ଗାଗ୍‌ଡ଼କେ ନିଜେ ଯତନ୍ ନେବାଟା ଯଦି ଏଟା ମନ୍ ବା କର୍‌ଲେ କରଟ୍ ଲଗେ ଆମର ଭିତରେ ବିଚାର କରବୁ । ଏଟା ମନକେ ମୀନାମଞ୍ଚ, ବାଲ୍ ଅଦାଲତ୍ କୟବାୟ ।

: ବାଲ ଅଦାଲତ୍ ଇତେକ୍ ମମୋ ପିଲାଁ ମିଶେମାସି ଇସ୍‌କୁଲଦେ ଉଣ୍ଡି କଚେରି ବନାହ୍ କିତମା । ବଡ଼େବୁଲ କିତେକ୍ ଅନ୍ ମମୋ କାଚେରିତେ ଅସି ବିଚ୍ଛର କିକମ୍ । ମିନାମଞ୍ଚ ଇତେକ୍ । ପାଠ ପଡଲି କିୟାନା, ସପାସ୍ୱତର, ମେନ୍ଦଲଦେ ନିୟ ଉସାନା, ମେନ୍ଦଲ୍ ଦା ଯତ୍ନୁନ ଅୟାନା ଇଦେନ୍ ମିନାମଂଚ ଇନ୍ତଡ ଆରୁ ବାଲ ଅଦାଲତ ଇନ୍ତଡ୍ ।

ସୁନ୍ଦରୀ : ତମ୍‌ର ଇସ୍କୁଲେ ଲଗେ କେତ୍‌ଟା ଆପା ଆରି ନାନା ଆଚତ୍ ?

: ମିଓ୍ୱା ଇସ୍‌କୁଲଦେ ବାଚକ୍ ନାନା ଦିଦିହ୍ ଆରୁ ଦାଦାଲଡ଼ ମାନ୍ତଡ଼ ?

ଗୋରୀ : ତିନ୍‌ଟା ଆପା ଆରିଦୁଇଟା ନାନା ଆଚତ୍ ।

: ମୁଣ୍ଡ ଜାନାଁ ଦିଦିହ୍ ଆରୁ ରାଣ୍ଡ୍‌ଜାନଡ୍ ଦାଦାଲଡ ମାନ୍ତଡ୍ ।

ସୁନ୍ଦରୀ : ଆୟ ମନ୍ କେନ୍ତାର ରାନ୍ଧାବାଡ଼ କରିଦେବାୟ୍ ?

: ଓଡ୍‌ଲୋଡ୍ ବହ୍ନୁନ୍ ଆଟଲା ତୋଡ୍ ?

ଗୋରୀ : ଆମ୍‌ର ଇସ୍କୁଲେ ମିଶା ଆପା ଆରି ନାନା ମନ୍ ନିକୁ ରାନ୍ଧବାୟ୍ ।

: ମାଓ୍ୱା ଇସ୍‌କୁଲଦେ ଗାଲା ଦିଦିହ୍ ଆରୁ ଦାଦା ଲୋଡ ଆଛା ଆଟଲାତଡ଼ ।

ସୁନ୍ଦରୀ : ତମର୍ ଇସ୍କୁଲେ ଫୁଲ ବାଡ଼ ଆଚେ କି ନାଇଁ ?

: ମିଓ୍ୱା ଇସ୍‌କୁଲତେ ଫୁଲ ବଗିଚ୍ଚ ମାନ୍ତା କି ହିଲେ ।

ଗୋରୀ : ଆମର୍ ଇସ୍କୁଲେ ମିଶା ଫୁଲ ବାଡ଼ ଆଗେ ତମର ଇସ୍କୁଲେ ଆଚେ କି ନାଇଁ ।

: ମାଓ୍ୱା ଇସ୍‌କୁଲେ ତେ ଗାଲା ମାନ୍ତା, ମିଓ୍ୱାତେ ମାନ୍ତା କି ହିଲେ ।

ସୁନ୍ଦରୀ : ହାଁ, ଆଁ ଆମର୍ ଇସ୍କୁଲ ଲଗେ ମିଶା ବଡ଼େ ସୁନ୍ଦର ବାଡ଼ କରଲୁ ଆଚୁ । ଆରି ରଙ୍ଗ୍ ରଙ୍ଗ୍ ପତର ସଜାଇବାୟ୍ ଯେ ଆୟଟାସଙ୍ଗେ ଆମେ ଭାରତ ମାନଚିତ୍ର, ଓଡ଼ିଶା ମାନଚିତ୍ର ଆରି ପାଠ ପଢଲୁନି ଯେ ଗଣିତ ଲଗେ ଆୟତକ୍ଷେତ୍ର, ବର୍ଗକ୍ଷେତ୍ର, ତ୍ରିଭୂଜ ଆରି ଆଚେ ଯେ ସିଟାମନ୍ ରପଲୁ ଆଚୁ ।ବଡ଼ ବଡ଼ ଅଙ୍କାମନ୍ ଆୟଲେ ଶରଧା ଅଇ ଗାଲାୟ୍‌ନି ।

: ହାହାଁ ମାଓ୍ୱା ଇସ୍‌କୁଲତେ ଗାଲା ଆଛା ସୁନ୍ଦର ଓ୍ୱବାଡି ମନ୍ତା । ଆରୁ ବାନିଁବାନିଁ ସଜାହ କିତମା ଆରୁ ଭାରତ ମାନଚିତ୍ର, ଓଡିଶା ମାନଚିତ୍ର, ଆରୁ ପାଡହି କିୟାନ କାଜେ ଗଣିତ ଦା ଆୟତକ୍ଷେତ୍ର, ବର୍ଗକ୍ଷେତ୍ର, ତ୍ରିଭୁଜ, ଆରୁ ମନ୍ତା ଯେ ଆଉ ସାଦାୟ ଭାରୁସ୍‌ତମା ହଜର ମାନେୟ ଓ୍ୱାତେକ୍ ଶରଧା ଆନ୍ତଡ଼ ।

ଗୋରୀ : ତମର୍ ଇସ୍କୁଲ ଲଗେ ଏଟାମନ୍ ଆରି କରଲା ଆଚତ୍ କି ? ଆମର ଇସ୍କୁଲେ ନା କରୁ ?
: ମିଓ୍ୱା ଇସ୍କୁଲଦେ ଇଉଗାଲା କିନ୍ତରିଟ୍ କି ? ମାଓ୍ୱା ଇସ୍କୁଲଦେ କେଓ୍ୱମ୍ ?

ସୁନ୍ଦରୀ : ତମର୍ ଇସ୍କୁଲେ ଗୀତ ନାଚ୍ କରବାସ୍ କି ନାଇଁ ?
: ମିଓ୍ୱା ଇସ୍କୁଲଦେ ପାଟାଁ, ଏନ୍ଦାନା କିନ୍ତରିଟ୍ କି, କେଓ୍ୱିଟ୍ ?

ଗୋରୀ : ଆମେ ମିଶା ଗୀତ ନାଚ୍ କରବୁ କାୟ୍ ।
: ମମୋ ଗାଲା ପାଟାଁ ଏନ୍ଦାନା କିନ୍ତମା ।

ସୁନ୍ଦରୀ : ତମର୍ ଇସ୍କୁଲର ପିଲା ଟକିମନ୍ କୋନ୍ତି ମିଶା ନାଚବାକେ ଗଲା ଆଚତକି ନାଇଁ ?
: ମିଓ୍ୱା ଇସ୍କୁଲ ଦାଁ ପେକିଂ ପେକଡ଼ ବାଗାୟଗାଲା ଏନ୍ଦ୍‌ଲା ହାତରିଟ୍ କି ହାନ୍ ଓ୍ୱିଟ୍ ?

ଗୋରୀ : ନାଇଁ କନ୍ତି ମିଶା ନାଚ୍‌କରବାକେ ନା ଯାଅତ୍ ।
: ହାକାଁ ବାଗାୟ ଗାଲା ଏନ୍ଦ୍‌ଲା ହାନଙ୍ଗେ ।

ସୁନ୍ଦରୀ : ତେବେ ତମର୍ ଇସ୍କୁଲେ କେତଟା ବେଲେ ଉଠ୍‌ବାସ୍ ?
: ତେବେ ମିଓ୍ୱା ଇସ୍କୁଲ୍ ଦେ ବାଚେକା ତେଦ୍‌ଲା ତରିଟ୍ ?

ଗୋରୀ : ଆମେ ଛଅଟା ବେଲେ ଉଠବୁ ।
: ମମୋ ଏରୁଙ୍ଗ ବାଜେ ତେଦ୍‌ଲାତମା ।

ସୁନ୍ଦରୀ : ଛଅଟା ବେଲେ ଉଠଲେ ତ କଡକଦାୟ ଦାତୁନ କରବାସ୍ ବନ୍ଦାଡ଼ ଯିବାସ୍ ଆରି ଗାଦାୟବାସ୍
: ଏରୁଙ୍ଗବାଜେ ତେଦ୍‌ତେକ୍ ବାଚକା ପାର୍‌କାହ୍ ଆରୁ ନାହାୟ୍ କିନ୍ତରିଟ୍ ?

| ହାର୍ମୋନିୟମ | ହାରମୋନିୟମ୍ ବାଜାୟ କରି ଗୀତ ଗାୟବାର ହେୟସି। | ହର୍‌ମୁନ୍ୟା ଗଡ଼ବିହ୍‌ଚି ପାଟାଁ ଓ୍ୱାରାନା ଆନ୍ଦ୍ । |
| ଢୋଲକି | ଡଲକି ବାଜାୟ କରି ନାଚ କରବାର ହେୟସି। | ଡଲ୍ ବାଜା ଗଡ୍‌ଜିଛି ନାଟ୍ କିୟାନା ଆନ୍ଦ୍। |
| ଶବ୍ଦ | ବାଜାକେ ବାଜାୟଲେ ସରି ଜବର ଶବଦ ହେୟସି। | ବାଜାତୁନ୍ ଗଡ୍‌ଜିତେକ୍ ଆଛାୟ ଗର୍ଜନ୍ ଆୟାଲ୍। |
| କମ୍ପି ଉଠିବା | ବାଜା କୀର୍ତ୍ତନ ବାଜାଲେ ସରି କମ୍ପି ଉଠ୍‌ସି। | ବାଜାଁ କିର୍ତ୍ତନ୍ ବାଜାନେ କମ୍ପେ ମାୟାଲ୍। |
| ଆଖଡ଼ା ଘର | ଆଖଡ଼ାଘରେ ନାଚ୍ ଗୀତ ସବୁ କରବାର ଆରି ନାଚ ଗୀତ ହେୟସି। | ମଣ୍ଡପ୍‌ତେ ନାଟ୍ ପାଟାଁ ସବ୍ କିୟାନା ଆଉର୍ ନାଟ୍ ପାଟାଁ ଆୟାନୁଁ। |

| | | |
|---|---|---|
| କଣ୍ଣୁରୁପ | : କଣ୍ଣ ନାଲାଗଲେ କଣ୍ଣ ଜବ୍‌ର ସାଉଣ୍ଡ ହେୟସି । | : କଣ୍ଣ ନାଲା ହତେକ୍ କଣ୍ଣ ନକ୍‌ତେ କୋଲ୍‌ହାଡ୍ ଆୟାଲ୍ । |
| ଖରାଦିନ | : ଖାରାଦିନେ ଜବ୍‌ର କରା ହେୟସି । | : ଆଦିଦିନା ଆଛାୟ ଆଦି ଆୟାଲ୍ । |
| ପାଗ ଗରମ | : ଆଜିର ପାଗ ବଡ଼େ ତପଲା ଆଚେ । | : ନେଟା ପାଗ୍ ଆଛାୟ୍ କାସ୍ତାଲ୍ । |
| ଘଡ଼ ଘଡ଼ି ହେବ | : ଏବେ ଘଡ଼ ଘଡ଼ି ହେୟସି ଆଚେ | : ଇଦେକ୍ ଘଡ୍ ଘଡି ଆନ୍‌ତାଲ୍ । |
| ଝାଳ ବହିବା | : ଜବ୍‌ର କାମ୍ କଲେ ଝାଲ ଭାରସି | : ଆଛାୟ୍ କାମ କିତେକ୍ ଗାହ୍‌ଲାମ୍ ନିନ୍ଦାଡ୍ । |
| ମଧ୍ୟ | : ତୋର ସଙ୍ଗେ ମୁଇଁ ମିଶା ଆୟବି । | : ନିଓ୍ୱା ସଙ୍ଗେ ନନ୍ନା ଗଲା ଓ୍ୱାୟକା । |
| ସ୍ଥାନ | : ଆଜି ଆମେ ଗଟେକ ଜାଗା ଲଗେ ରୁଣ୍ଡୁ । | : ନେଣ୍ଡ୍ ମମ୍ବୋ ଉଣ୍ଡିଜାଗାତେ ଜମ୍ବା ଆୟଓ୍ୱାଲାଟ୍ । |
| ନିଃଶବ୍ଦରେ ଶୋଇଗଲେ | : ଗାଁର ସବୁଲୋକ ଚିମରା ହେଇ ଶଇଗଲାୟ । | : ଓ୍ୱାଡା ତୋଡ୍ ସବ୍‌ମାନେୟ ସୁଦ୍‌ବୁଦ୍ ଆସିରମ୍‌ତୋଡ୍ । |
| ଆକାଶ | : ସରଗେ ତାରାମନ୍ ଦିଶସି । | : ସରଗ୍‌ତେ ହୁକ୍‌କାଁ ଡିସ୍‌ତାଁ । |
| କଳା ହାଣ୍ଡିଆ | : କାଲା ହାଣ୍ଡିଆ ମେଘ ଉଠି ଆୟଲାନି । | : କର୍ୟା ମଲ୍ଲୁ ବୁନା ବାଦର୍ ଘୋଟି କିସି ଓ୍ୱାନ୍ତାଲ୍ । |
| ବିଜୁଳି ଚମକୁ ଥାଏ | : ରାତିବେଶି ବିଜଲୀ ଚମକେତେ ରେଲା । | : ନର୍କା ଆଛାୟ୍ ବିଜଲୀ ଚମ୍‌କେ ମାସକ୍ ମତାଲ୍ । |
| ଘଡ଼ଘଡ଼ି ଶବ୍ଦ | : ଘଡ଼ଘଡ଼ି ସାଉଣ୍ଡ ଜବ୍‌ର ନା ସୁନ୍‌ବାର । | : ଘଡ୍‌ଘଡି କୋଲ୍‌ହାଡ୍ ଆଛାୟ୍ କେଞ୍ଜାନା ଆୟୋ । |
| ପୃଥିବୀ ଥରି ଉଠିଲା | : ଜବର ଘଡ଼ଘଡ଼ି ହେି କରି ବିଜୁଳି ମାରଲ ଧରତନୀ ଡ଼ରିଗଲା । | : ଆଛାୟ୍ ଘଡଘଡି ଆତେକ ବିଜ୍‌ଲି ଜିତେକ୍ ଧରତି ଅରିତ୍ । |
| ନିଦ ଭାଙ୍ଗିଲା | : ଡୁରକା ଦେଖି କରି ମୋକେ ଝୁମ୍‌ରା ଛାଡ଼ିଗଲ । | : ଡୁଓ୍ୱାଲତୁନ୍ ହୁଡ୍‌ସି ନାଓ୍ୱା କୁଡ୍‌କାନା ଚାଣ୍ଡିକିତ୍ । |
| କିନ୍ତୁ | : ଘଡ଼ଘଡ଼ି ହେଲା ମାତର ବରଷ ନା ମାରେ । | : ଘଡ୍ ଘଡି ଆତ୍ ମାଂତର୍ ପିର୍ ଜେଓ୍ୱ । |
| ବୁଦ୍ଧିମାନ୍ | : ସେ ଜବ୍‌ର ଚାଲାକି ଆଚେ । | : ଆଦ୍ ଆଚାୟ୍ ଚଲାକ୍ ମନ୍ତା । |
| ଚାରି ଆଡ଼କୁ | : ସବୁବାଟେ କାକର ଲାଗଲାନୀ । | : ସବ୍ ତିକେ ଓସ୍ ଉଡ୍‌ତାଲ୍ । |
| ଚାହିଁଲ | : ଲୋକ ଗଟେକ୍ ନାଟ୍ ଦେଖିଲାନୀ । | : ମାନେୟ୍ ଉଣ୍ଡି ନାଟ୍ ହୁଡ୍‌ତୁଡ୍ । |
| ଗୋଟିଏ ପଟ | : ଆୟ ଖାତା ଲଗେ ଗଟେକ୍ ପାଠ ଲେଖଲା ଆଚେ । | : ଓଡ୍ ଖାତାତିଗା ଉଣ୍ଡି ପାକାଡ୍ ଲିଖିକିତଡ୍ । |
| ଧୀରେ | : ଆୟ ରାତିର ବେଲା କାଲାସେ ଇଟିଆୟଲା । | : ଓଡ୍ ନର୍କା ହୋଡା କ୍ଲାସତାହ୍ ତେଦ୍‌ସି ଓ୍ୱାତୁଡ୍ । |
| ସୂର୍ଯ୍ୟ ଉଦୟ ହେଉଛି | : ପୁରବ୍ ଦିଗେ ବେଲ୍ ଉଦଲାନୀ । | : ପଡଦ୍ ପସ୍ୟାନା ତିକେ ପଡଦ୍ ପସିତାଲ୍ । |
| ଛିଡ଼ା ହେଲେ | : ପିଲାମନ୍ ଅଗଷ୍ଟ ୧୫ ଦିନେ ଧାଡ଼ି ବାନ୍ଧି କରି ଠିଆ ହେଲାୟ୍ । | : ପିଲାଁ ଅଗଷ୍ଟ ୧୫ ଦିନା ଲାଇନ୍ ତେ ନିତ୍‌ଲାତଡ୍ । |
| ପଛପଟ | : ମୋର ପଚବାଟେ ଗାଡ଼ି ମନ୍ ଆୟଲାନି । | : ନାଓ୍ୱାପରେକ୍ ତିକେଡାହ୍ ଗାଡିଁ ଓ୍ୱାନ୍ତାଁ । |
| ଡାହାଣହାତ | : ବୁଜନି ହାତ୍ ଲଗେ ଭାତ୍ ଖାୟବାର । | : ତିନା କୟ୍‌ତେ ଜଉଡି ତିନ୍ଦାନା ଆନ୍ଦ୍ । |
| ବାମ ହାତ | : ହିଣ୍ଡଗଲା ଦାୟ ସଡ଼କବାଟର ଡେବ୍ରୀ ହାତ ବାଟେ ହିଣ୍ଡବାର । | : ତାକ୍‌ସକ୍ ହନ୍ଦାନ୍ ହୋଡା ସଡକ୍ ହରିତା ଡେବ୍‌ରି ତିକେ ହାନ୍ଦାନା ଆନ୍ଦ୍ । |
| ପହଞ୍ଚିଗଲା | : ଶୁକ୍ରମନ୍ ପରବ୍ ସାରାୟ କରି ଇସ୍କୁଲେ ଖେଟଲା । | : ଶୁକ୍ରୁମନ ତିହାର୍ ମାହ୍‌ଛି ଇସ୍କୁଲତେ ଆଉତୁଡ୍ । |
| ବାଘ ମାମୁର ବାହାଘର | : ବନେ ବାଘ ମାମୁର ବିବା ହେଲାନି । | : କମ୍ବାତେ ଡୁଓ୍ୱାଲ୍ ମାମାନା ବିହାଓ୍ୱ ଆନ୍ତା । |

| | | |
|---|---|---|
| ସଙ୍ଗୀତ ଦଳ | ଗୀତ କୁଡ଼ିୟା ମନ୍ ପରବ୍ ଥାନେ ଗୀତ ଗାୟବାୟ୍ । | ଗୀତ୍ କୁଡିୟା ଲୋଡ୍ ତିହାର୍ ତିଗା ପାଟା ଓ୍ୱଁରଓ୍ୱାଲୋଡ୍ । |
| ଖାଣ୍ଟି ଗୁଆଘିଅ | ନିକ ଗାୟ ଘି କେ ମାପ୍ପୁ ଲଗେ ଦୀପ ଲାଗାୟ ବାର ହେସି । | ଆଚ୍ଛାତା ଟାଲି ପାଲ୍‌ନିୟତେ ମାହାପ୍ରୁନିଗା ଦିଆ ପୟହ୍‌ନା ଆନ୍ଦ୍ । |
| ମିଠା | ଦୁକାନେ କାଜା ପିଟା ବିକଲାୟନି | ଦୁକାନତେ କାଜା ମିଠାଇଁ ମମ୍ପଲାତୋଡ୍ । |
| କ୍ଷୀରି | କ୍ଷୀରି ଧବ୍‌ଲା ରେସି । | କ୍ଷୀରି ପଣ୍ଡ୍ରାଲ୍ ମନ୍ଦାଡ୍ । |
| ମନ ଭରି | ବିବାଘରେ ଲୋକମନ୍ ସାରଦା କରି ଭଜି ଖାୟଲାୟ୍ । | ବିହାଓ୍ୱ ଲୋତେ ମାନେୟ୍‌ଲୋଡ୍ ସର୍‌ଦାଦେ ଜେଓ୍ୱା ତିନ୍‌ଓ୍ୱାଲୋଡ୍ । |
| ଉଭିଦର ଚେର | ବର ଗଛର ଚେର ଜବ୍‌ର ଲମ ଲମ ରେୟସି । | ବେଲେଡ୍ ମଡଡାଟାଁ ସୋଡକ୍ ଆଚାୟ ଲାହ୍‌କ୍ ଲାହ୍‌କ୍ ମନ୍ଦାନୁଁ । |
| ଖରାପ | ମୋର ସାଇକେଲ ମିଲା ଆଚେ । | ନାଓ୍ୱା ସାଇକେଲ ନସେମାତାଲ୍ । |
| ପୂର୍ବ ଭଳି | ଆଗର ପାରା ଏବ୍‌ର ଲୋକ୍ ମନ୍ ବନେ ରତ୍ । | ତଲେୟତାବୁନା ଇଦେକ୍‌ତୋଡ୍ ମାନେୟ କମ୍‌ନାତେ ମନ୍ତଡ୍ । |
| ବର୍ଷାଋତୁ | ବର୍ଷାଦିନେ ବେଡ଼ା ଥାନେ ଧାନ ଚାଷ କରବାର । | ପିର୍‌ଦିନାତେ ଓ୍ୱେଡାତିଗା ରୋପା ଚାଷ କିଆନା ଆନ୍ଦ୍ । |
| ଶୀତ ଋତୁ | ଶୀତ ଦିନେ ଜବର ଶୀତ ହେୟସି । | ପିନିଦିନା ଆଚ୍ଛାୟ ପିନି ଆନ୍ତାଲ୍ । |

## ଖରା, ବର୍ଷା ଶୀତ (ଖାରା, ବର୍ଷା, ଶୀତ)ଆଦି, ପିର୍, ପିନି

| | | |
|---|---|---|
| ମୁକ୍ତାପୁର | ମୁକ୍ତାପୁର ଗଟେକ ଗାର ନାଅଁ । | ମୁକ୍ତାପୁର ଉଣ୍ଷାନ୍ ଓ୍ୱାଡାତା ପଦର ଆନ୍ଦ୍ । |
| ପ୍ରାୟ ଶହେ ଘର | ମୁକ୍ତାପୁର ଗାଁ ଲଗେ ପାଖାପାଖ୍ ଶହେଘର ରେବାୟ୍ । | ମୁକ୍ତାପୁର ଓ୍ୱାଡାତେ ପାଖାପାଖି ଶଉ ଲୋହକ୍ ମନ୍ଧାନୁ । |
| ବ୍ୟକ୍ତି | ଗାଁ ଥାନେ ଲୋକ ମନ୍ ଘର କରି ରେବାୟ୍ । | ଓ୍ୱାଡାତିଗା ମାନେୟଲୋଡ୍ ଲୋହକ୍ କିସି ମନ୍‌ଓ୍ୱାଲୋଡ୍ । |
| ନାତୁଣୀ | ହାୟ ଡକ୍ରିକେ ଦୁଇଟି ନାତନୀ ଆଚତ୍ । | ଆଦ୍ ସେନନା ରଣ୍ଡଟାନ୍ ନାତିହ୍ ମାନ୍ତାଁ । |
| ଜେଜେ | ମୋକେ ଗଟେକ ଡକରା ଦାଦା ଆଚେ । | ନାଓ୍ୱଡ୍ ଅରଡ୍ ମୁଦ୍ୟା ଦାଦାଲ୍ ମନ୍ତୋଡ୍ । |
| ଖରାଦିନ | ଖରାଦିନେ ଜବର ଖରା ହେୟସି । | ଆଦିଦିନା ଆଚ୍ଛାୟ ଆଦି ଆନ୍‌ତା । |
| ଶୀଘ୍ର ସନ୍ଧ୍ୟା ହେଉନାଇଁ | ଖରାଦିନେ ବେଗି ସଂଜ ନାହେ । | ଜେଟ ଦିନା ଜଟ୍‌କେ ମୁଲୋ । |
| ଡେରିରେ ଅସ୍ତ ପାଆନ୍ତି | ଖରା ଦିନେ ବେଲ ବେଲାକେ ବୁଡ଼ସି । | ଆଦି ଦିନାତେ ପୋଡଦ୍ ବେରାତେ ମୁଲାଲ୍ । |
| ଗଛପତ୍ର | ତେତ୍‌ଲି ଗଚେ ଜବର ପତର ରେହସି । | ହିତା ମଡାତେ ଆଚ୍ଛାୟ ଆକିଁ ମନ୍ଦାନୁଁ । |
| ଅଧିକ ଗରମ | ଆଦିର ଖାରା ଜବର ତପଲା ଆଚେ । | ନେଟା ଆଦି ଆଚ୍ଛାୟ କାସ୍ତାଲ୍ । |
| ଗରମ ପବନ | ଖରା ଦିନର୍ ପବନ ବଡ଼େ ଗରମ୍ । | ଆଦି ଦିନାତେ ଓ୍ୱିଡିୟ୍ ଆଚାୟ କାସ୍‌ଲେ । |
| ବର୍ଷା ହୁଏନାହିଁ | ଖରାଦିନେ ବର୍ଷା ନାଅଏ । | ଆଦି ଦିନାତେ ପିର୍ ଓ୍ୱାୟୋ । |

| | | |
|---|---|---|
| ମାଟି ଶୁଖିଯାଏ | : ଖରା ଦିନେ ପାନି ତଳର ମାଟି ଶୁଖି ଯାୟସି। | : ଜେଟ୍ ଦିନା ଏର୍ ଦୋଡିତା ତଡିଇ ଅତ୍ସିହନ୍ଦାଡ୍। |
| ଜମି | : ବେଡ଼ାମନ୍‌କେ ଚାଷବାସ୍ କରବାୟ୍। | : ୱେଡାନେଁ ଚାଷ ବାସ୍ କେଓ୍ୱାଲୋଡ୍। |
| ହଳ | : ରାମ ହଲ୍ ଧରିକରି ବେଡ଼ାୟ ଗାଲାନି। | : ରାମ ହେଡ୍ ପୟସି ୱେଡା ତେହତୁଡ୍। |
| ସପୁରି | : ଲାଙ୍କା ଫନସ୍ ଭିତରେ ହଳଦି ରେୟସି। | : ସପୁରି ପନେସ୍ ଲଫାତେ କମ୍‌କା ମନ୍ଦାଲ୍। |
| ଜାମୁ କୁଳି | : ଜାମକଲି କାଲିଆ ରେୟସି। | : ଲେଣ୍ଡିକାୟାଁ କର୍‌ୟା ମନ୍ଦାଲ୍। |
| ମଲ୍ଲୀ | : ମଲ୍ଲୀ ବଡ଼େ ବାସନା। | : ମଲ୍ଲୀ ଫୁଙ୍ଗାର୍ ଆଛା ବସ୍‌ନା ହିନ୍ତା। |
| ମାଳତୀ | : ମାଲତୀଫୁଲ ସପୁର ରେୟସୀ। | : ମାଲତୀ ଫୁଙ୍ଗାର୍ ସପୁର୍ ମନ୍ଦାଲ୍। |
| ଟଗର ଫୁଲ | : ଟଗର ଫୁଲ ଦେଖବାକେ ଧବ୍ ରେୟସି। | : ଟଗର୍ ଫୁଙ୍ଗାର୍ ହୁଡାନାତେ ପଣ୍ଡ୍ରାଲ୍ ମନ୍ଦାଲ୍। |
| ରଜ ପର୍ବ | : ରଜ ପରବକେ ଟକି ମନ୍ ଡଲି ଝୁଲବାୟ୍। | : ରଜ ପରବତେ ପେକିଁ ଝୁଲନା ଝୁଲାନୁଁ। |
| ଚାରିଆଡ଼େ କାଦୁଅପଚପଚ: | ପଚାପଚି ହେଲା ଆଚେ। | : ଚିକ୍‌ଲା ଲଦ୍‌ଲଦ୍ ଆତାଲ୍। |
| ଝଡ଼ିବର୍ଷା | : ବେଶି ଦିନ ଧରି କରି ବର୍ଷା ହେବାଟା ବଡ଼େ ବର୍ଷା କୟବାୟ। | : ନକ୍‌ତେ ଦିନା ପଇସ୍ ପିର୍ ଆତାଲ୍ ଜାଦା ପିର୍ ଇନ୍ଦାନୁଡ୍। |
| ନଈବଢି | : ନଦୀ ଲଗେ ପୁର ପାନି ଆୟସି। | : ନନ୍ଦି ତିଗା ଉସା ଏର୍ ଓ୍ୱାତାଲ୍। |
| ଅସୁବିଧା | : ରାମ ଡାବୁ ପାଇଁ ଜବ୍‌ର କାକୁରତି ହେଲାନି। | : ରାମ ପଇସାକାଜେ ଆଚାୟ କାକୁର୍ତ୍ତି ଆତଡ୍। |
| କାଗଜଡଙ୍ଗା | : ପିଲାମନ୍ କାଗଜ ଡଙ୍ଗା ବନାୟ ଲାୟନି। | : ପେକୋଡ୍ କାଗେତ୍ ଡଙ୍ଗାଁ ବନାହ୍ କିତଡ୍। |
| ସେମିତି କହନା : | ତୁଇ ମକେ ସେମିତି ନାକହ। | : ନିମ୍ବା ନାକୁନ୍ ଆଦାନ୍‌ଇନମ୍ବା। |
| ମରୁଡ଼ି | : କୁକୁଡ଼ା ମନ୍‌କେ ମରଡ଼ି ଧରସି ଆଚେ। | : କର୍‌କୁନ୍ ମର୍‌ଡି ପୟଲାତା। |
| ଧାନ ବୁଣା ହୁଏ: | ବେଡ଼ାୟ ଧାନ ବୁନ୍ଦା ଯାୟସି। | : ୱେଡାତେ ଅଞ୍ଜି ଓ୍ୱିତାନା ଆନ୍ଦ୍। |
| ଭେଣ୍ଡି | : ଭେଣ୍ଡି ବିଚଲ୍ ଲାଗସି। | : ଭେଣ୍ଡି ବିଲଙ୍ଗ୍‌ଟ୍ ଲାଗାଲ୍। |
| ଜହ୍ନି | : ଜନିକେ ଶାଗ୍ ରାନ୍ଧି ଖାଇବର ହେୟସି। | : ତୋରାଁୟାକୁନ୍ କୁଶ୍ରୀ ଅଟ୍‌ସି ତିନ୍ଦାନା ଆନ୍ଦ୍। |
| ସାରୁ | : ସାରୁକାନ୍ଦାକେ ଅବକା ଖାୟଲେ ସରି ଟଟ୍ରୀ ଖଜାୟସି। | : ଗୁଣ୍ଡେଁ କୁନ୍ ଅବ୍‌ଗ ତିତେକ୍ ଟୋଡ୍ରା ହୋହାଲ୍। |
| ସବୁଜ ପରିବା : | ଅମୃତ ମାଣ୍ଡା କାଚା ପତରିଆ ରେୟସି। | : ପପେୟା କାଚା ସେମିରଗ୍ୟାଲ୍ ମନ୍ଦାଲ୍। |
| ମକା | : ମକେ ଦାନ ବେଡାର ପାନି ଦେଖି କରି ବଡ଼େ ସାରଦା ଲାଗଲା। | : ନାକୁନ୍ ଅଞ୍ଜିଁ ୱେଡାତେ ଏର୍ ହୁଡ୍‌ତେକ୍ ବନେ ଶର୍‌ଦା ଲାଗ୍‌ଲାତା। |
| ବସ୍ତା | : ଧାନ ମିଣ୍ଡାୟ କରି ବାସ୍ତାଲଗେ ସଙ୍ଗାୟ ବାର। | : ଅଞ୍ଜିଁ ଓ୍ୱିସି ପୋତାନେ ଇରାନା ଆନ୍ଦ୍। |
| ଥଣ୍ଡା | : ମୋକେ ବଡ଼େ କାକର ଲାଗଲାନି। | : ନାକୁନ୍ ଆଛାୟ୍ ପିନି ଅସ୍‌ଲାତା। |
| ନିଆଁ | : ତୁଇ ଆରି ମୁଇ ଜୟ୍ ଲାଗାୟ୍ କରି ଛେକୁ। | : ନିମ୍ବା ଆଉରନନ୍ନା କିସ୍‌ମାସି ତର୍‌ସିଟ୍। |
| ପକ୍ଷୀ | : ଚେଡେ ମନ୍ ଗଚେ ବାସା କର୍‌ବାୟ୍। | : ପିଟେଁ ମଡ୍‌ଡାତେ ଗୁଡ଼ା କିସିମନ୍ଧାନୁ। |
| ଅଂଜଳ | : ଗାଁ ଆନେ ଲୋକ ମନ ରେବାୟ୍। | : ଓ୍ୱାଡାନେ ମାନେୟ ଲୋଡ୍ ମନ୍ଦାନୁଡ୍। |
| ବୈଶାଖ | : ବୈଶାକ୍ ମାସେ ବଡ଼େ ଖାରା ହେୟସି। | : ବୟଶାକ୍ ମେହ୍‌ନାତ ଆଛାୟ୍ ଆଦି ଆୟାଡ୍। |

| | | |
|---|---|---|
| ପ୍ରଚଣ୍ଡ | ଏବେ ଆଗର୍ ଥାନୁ ଅଧିକ ଖାରା ହେଲାନି । | ଇଦେକ୍ ତଲେୟ ତାହ୍ଲେ ଆଛାୟ୍ ଆଦି ଆନ୍ତାଲ୍ । |
| ଆଷାଢ | ଆଷାଢ ଗଟେକ୍ ମାସର୍ ନାଁଅ ଆୟ୍ । | ଆଷଡ୍ ଉଣ୍ଡାନ୍ ମେହ୍ନାତା ପଦର । |
| ଶ୍ରାବଣ | ଶାରାବନ ମିଶା ଗଟେକ୍ ମାସର ନାଁଅ ଆୟ୍ । | ଶାଓ୍ୱନ୍ ଗଲା ଉଣ୍ଡାନ୍ ମେହ୍ନାତା ପଦର୍ । |
| ନିର୍ମଳ | ମକେ ପାନି ଧୟଲା ଗିନେ ବଡେ ନିକ ଲାଗ୍ଲା । | ନାକୁନ୍ ନିର୍ମଲ୍ ଏର୍ ଉଟେକ୍ ବଡ୍ୟା ଲାଗଡ୍ । |
| ଜଗତ | ସାରା ଗଜତର୍ ଲୋକ ଦୁଃଖ ସୁଖ ବାଟା କରି ରେବାୟ୍ । | ସାରା ଦୁନିୟାତୋଡ୍ ମାନେୟ୍ ଦୁଃଖ ସୁଖତେ ମନ୍ଦାନା ଆନ୍ଦ୍ । |
| ଉତ୍ସବ | କାଲିକେ ଆମର୍ ଗାୟେଁ ପର୍ବ ମାନ୍ବାୟ୍ । | ନାଡ଼ି ମାଓ୍ୱା ଓ୍ୱାଡା ତେତିହାର ମାନେମାୟାନା ଆନ୍ଦ୍ । |
| କଇଁଫୁଲ | କଇଁ ଫୁଲ ବନ୍ଦେ ରେୟ୍ସି । | ବଡେନ୍ଦା ଫୁଙ୍ଗାର ବାନ୍ଦାତେ ମନ୍ଦାଲ୍ । |
| ଉତ୍କଳ | ଓଡ଼ିଶା କେ ଉତ୍କଲ୍ ବୋଲି କୁହାଯାୟ୍ସି । | ଓଡିଶାତୁନ୍ ଉତ୍କଲ ଇଞ୍ଜି ଇନ୍ତୋଡ୍ । |
| ବିଶ୍ୱବିଦ୍ୟାଳୟ | ବଡ଼େ ଇସ୍କୁଲେ ପାଠ୍ ପଡ୍ବାକେ ଯିବାର୍ । | ହଜର ଇସ୍କୂଲତେ ପାଠ ପଡ଼ହି କିଇଲା ହାନ୍ଦାନା ଆନ୍ଧ୍ । |
| ଫେରିଲା | ସେ ଇସ୍କୁଲ ତାନ୍ନୁ ଘରେ ଲେଉଟ୍ଲା । | ଓଡ୍ ଇସ୍କୂଲ ତାହ୍ଲେ ଲୋତେ ମଲ୍ତୁଡ୍ । |
| ଯୁବକ | ଭେଣ୍ଡିଆ ପିଲାକେ ଭୁତେକ୍ ବପୁ ରେୟ୍ସି । | ଲୟଡ୍ ପେକାନ୍ ଆଛାୟ ବଳ ମନ୍ଦାଲ୍ । |
| ଚାକିରି | ରାମ ମାଷ୍ଟେର୍ ଚାକ୍ରି କର୍ସି ଆଚେ । | ରାମ ମାଷ୍ଟେର ଚାକିରୀ କିନ୍ତୋଡ୍ । |
| ପାହାଡ଼ | ପର୍ବତ୍ ଗନେ ବାଘ୍ ବାଲୁ ମନ୍ ରେବାୟ୍ । | ମାଟାକ୍ କମ୍ଭାତେ ଡୁଓ୍ୱାହ୍ ଆଡ୍ଜାଲି ମନ୍ଦାନୁଁ । |
| ପଡ଼ିଆ | ବାଟା ଲଗେ ଗୋରୁ ଗାୟ୍ ମନ୍ ଘାଁସ୍ ଖାୟ୍ଲାୟ୍ନି । | ଭଟିତିଗା ଟାଲିହ୍ କନ୍ଧାଁ ଲାଟା ତିନ୍ତାଁ । |
| ଜାଗା | ଭଲ୍ଯାଗା ଥାନେ ଘର୍ ବାନ୍ଦ୍ବାର୍ । | ଆଛାଜାଗା ତିଗା ଲୋହକ୍ ବନାହ୍ କିଆନା ଆନ୍ଦ୍ । |
| ଉଚ୍ଚ | ଢେପ ଜାଗା ଲଗେ ଠିଆ ହେଲେ ସବୁ ଜିନିଷ ପତର୍ ଦେଖା ଯାଇସି । | ଢିପ୍କା ଜାଗାତିଗା ନିତ୍ତେକ୍ ସବ୍ ଜିନିଷ ପତର୍ ହୁଡି ଆୟାଡ୍ । |
| ଛେଳି | ଛେଲି ଡାଲ୍ ମୁଲ୍ ଖାୟ୍ସି । | ଏଟିଁ ଡାରାଁ ପଦ୍ଲା ତିନ୍ଦାନୁଁ । |
| ଚିତ୍କାର | ସାପ୍କେ ଦେକି କରି ପିଲାମନ୍ କଲାର୍ ହେଲାୟ । | ତରାସତୁନ୍ ହୁଡ୍ସି ମଞ୍ଚାଲ୍ ପିଲାଁ କଲହାର୍ କିତୁଡ୍ । |
| ଝରଣା | ଝର୍ନା ଲଗେ ପାନି ଗାଲାନି । | ଝରନ୍ ତିଗା ଏର୍ ହାନ୍ତାଲ୍ । |
| କଥାବାର୍ତ୍ତା | ସେ ମନ୍ କାତାବାର୍ତ୍ତା ହେଲାୟ୍ନି । | ଓଡ୍ଲୋଡ୍ ଅଡ୍କା ଅଡ୍କି ଆ୍ତଡ୍ । |
| ଗବର ଖତ | ଗବର୍ ଖତ୍କେ ବେନାୟ୍ ପାକାୟ୍ ବାର୍ । | ହଡାପ୍ ଖତ୍ତୁନ୍ ଓ୍ୱେଡାତେ ଲିକାନା ଆନ୍ଦ୍ । |
| ଉତ୍କୃଷ୍ଟ ସାର | ନିକ ଖତ୍ ବେଡ଼ାୟ୍ ପକାୟ୍ ବାର୍ ଆୟ୍ । | ବନ୍ନେ ଖତ୍ ଓ୍ୱେଡାତେ ହିଆନା ଆନ୍ଦ୍ । |
| ଫସଲ୍ | ଧାନ୍ ଚାଷ୍ ବେଡ଼ାୟ୍ କର୍ବାର୍ । | ଅଞ୍ଜିଁ ଚାଷ ଓ୍ୱେଡାତେ କିଆନା ଆନ୍ଦ୍ । |
| ଆପଣ | ତୁଇ ମକେ ଡାବୁ ଦେବି ବୋଲି କଇ ରେଲିସ୍ । | ନିମ୍ମାଟ୍ ନାକୁନ୍ ରୂପ୍ୟା ହିକା ଇଞ୍ଜି ମତୋନ୍ । |

| | | | | |
|---|---|---|---|---|
| ବର | : | ଟକି ସଙ୍ଗେ ଯେ ବିବା ହେସି ତାକେ ବର କୟ୍‌ବାୟ୍ । | : | ପେଗଡ଼ି ସଙ୍ଗେ ବିହାଓ୍ୱ ଆୟାଓ୍ୱାନ୍ ଦୁଲହା ଇନ୍ଦା ନୁଡ୍ । |
| ଅଶ୍ୱତଥ | : | ପିପଲ୍ ଗଛ ଗଟେକ ଗଛର ନାଅଁ ଆୟ୍ । | : | ପିକ୍‌ଡି ମଡ୍‌ଡା ଉଣ୍ଡାନ୍ ମଡ୍‌ଡାତା ପଦର । |
| ଶାଳ | : | ଶର୍‌ଗି ଗଛର୍ ଖେନ୍ଦା ମନ୍ ସାନ୍ ସାନ୍ ହେୟ୍‌ସି । | : | ହର୍‌ଙ୍ଗି ମଡ୍‌ଡାତା ଖାନ୍ଦାଁ ହିଡ୍‌ଲାଁ ହିଡ୍‌ଲାଁ ଆୟାନୁଁ । |
| ଦେବଦାରୁ | : | ଦେବଦାରୁ ଗଛ୍ ବଡ଼େ ଲମ୍ ରେୟ୍‌ସି । | : | ଦେବଦାରୁ ମଡ୍‌ଡା ଆଛାୟ ଲାମ୍ ମନ୍ଦାଡ୍ । |
| ତେନ୍ତୁଳି | : | ତେତୁଲି ଆମ୍‌ଲି ଲାଗ୍‌ସି । | : | ହିତ୍‌ତା ଟିଙ୍ଗ୍‌ଟିଙ୍ଗା ଲାଗାଲ୍ । |
| ଜାମୁ | : | ବନ୍ଦାଡ଼୍ ଧରଲେ କଷି ଜାମ୍ ଖାୟ୍‌ଲେ ସରି ବନ୍ଦାଡ଼୍ ଛାଡ୍‌ସି । | : | ଝାଡା ଆତେକ୍ କଷି ଲେଣ୍ଡିଁ ତିତେକ୍ ପେଲ୍‌ନା ବନ୍ଦ୍ ଆୟାଲ୍ । |
| ଖଜୁରୀ | : | ଖାଜ୍‌ରୀ ଗଛେ ଖାଜ୍‌ରୀ ପାଚ୍‌ଲା ଆଚେ । | : | ହିନ୍ଦି ମଡ୍‌ଡାତେ ହିନ୍ଦିଁ ପଣ୍ଡ୍‌ତାଁ । |
| ଉପାୟ | : | ସେ ବଡ଼େ ନିକ ଉପାୟ୍ ପାଞ୍ଚିଲା ଆଚେ । | : | ଓଡ୍ ହଜୋରେ ଆଛା ଉପାୟ ବିଚାର୍ କିତଡ୍ । |
| ବ୍ୟବହାର | : | ସବୁ ଜିନିଷ୍‌କେ ବେବାର୍ କର୍‌ବାକେ ଯାନ୍‌ବାର୍ ଆଚେ । | : | ସବ୍ ତିଜ୍‌କୁନ୍ ବେବାର୍ କିଇଲା ପୁନ୍ଦାନା ମନ୍ତା । |
| କୁକୁଡ଼ା | : | ଏବେ କୁକଡ଼ା ଡାକ୍‌ଲାନି । | : | ଇଦେକ୍ କର୍ କୁସ୍ତବେ । |
| ଛେଳିଫାର୍ମ | : | ଛେଲି ପାରମ୍ ଲଗେଛେଲି ମନ୍ ଆଚତ । | : | ଏଟି ପାର୍‌ମ୍‌ତେ ଏଟିଁ ମନ୍ତାଁ । |
| ତା ସହ | : | ମୁଇ ତାର୍ ସଙ୍ଗେ ଇସ୍କୁଲେ ଯିବି । | : | ନନ୍ନା ଓନ୍ ସଙ୍ଗେ ଇସ୍କୂଲତେ ହନ୍ଦ୍‌କା । |
| ବିରି | : | ବିରିକେ ଡାଲି ବନାୟ୍‌ବାର୍ ହେୟ୍‌ସି । | : | ପୁପ୍‌ଲିଁକୁନ୍ ଡାଡାଁ ବନାହ୍ କିଆନା ଆୟାଲ୍ । |
| ମୁଗ | : | ମୁଗ୍ ଡାଲି ଚାପ୍‌ରା ଚାପ୍‌ରା ଲାଗ୍‌ସି । | : | ପସ୍‌ଲି ଡାଡାଁ ପଚ୍ ପଚା ଲାଗାଲ୍ । |
| ସୋରିଷ | : | ସୋରଷୁକେ ତେଲ୍ ବନାୟ୍‌ବାର ହେୟ୍‌ସି । | : | ହଡ୍‌ସୁମ୍ ତୁନ୍ ନିୟ୍ ପେରି କିୟାନା ଆନ୍ଦ୍ । |
| ଆଳୁ | : | ଆଲୁ କାନ୍ଦାକେ ଭାଜି ଖାୟ୍‌ବାର୍ ହେୟ୍‌ସି । | : | ଆଲୁମାଟିଁ କୁନ୍ ପିଡି ହ୍‌ଚି ତିନ୍ଦାନା ଆନ୍ଦ୍ । |
| ବାଇଗଣ | : | ବାଇଗନ୍‌କେ ଶାଗ୍ ରାନ୍ଧ୍‌ବାର୍ ହେୟ୍‌ସି । | : | ବାଙ୍ଗାଁକୁନ୍ କୁଶ୍‌ରୀ ଆଟାନା ଆନ୍ଦ୍ । |
| କପା | : | କପାକେ ଘାଆ ଥାନେ ସୋୟବାର୍ ହେୟ୍‌ସି । | : | କାପସ୍‌ତୁନ୍ ଘାଅତିଗା ତାସାନା ଆନ୍ଦ୍ । |

# ଆମ ପର୍ବ ପର୍ବାଣି (ଆମର ପରବ ଯାତରା) ମାଓ୍ୱା ତିହାଡ୍ ଜତ୍‌ରା

| | | | | |
|---|---|---|---|---|
| ଚିତ୍ର | : | ଆୟ୍ ତାନେ ବଡ଼େ ସୁନ୍ଦର୍ ବାନା ମନ୍ ଆଚେ | : | ଆଗା ଆଛା ସୁନ୍ଦର ବାନାଁ ମନ୍ତାଁ । |
| ଠାକୁରାଣୀ | : | ଆମର୍ ଗାୟେଁ ଠାକରାଣୀ ମନ୍ଦିର୍ ଗଟେକ୍ ଆଚେ । | : | ମାଓ୍ୱା ଓ୍ୱଡାତେ ଠାକୁରାନୀ ଗୁଡିଉଣ୍ଡାନମନ୍ତା । |
| ପୂଜା | : | ଲୋକମନ୍ ମାପ୍ରୁ ଘରେ ପୂଜା କର୍‌ବାୟ୍ । | : | ମାନେୟଲୋଡ୍ ମାହାପ୍ରନ୍ନା ଲୋତେ ପୂଜା କେଓ୍ୱାଲଡ୍ । |
| ଅମାବାସ୍ୟା | : | ଜନ ଉଦି ୧୫ ଦିନ୍‌କେ ଅମାବାସ୍ୟା ହେୟ୍‌ସି । | : | ଲାଲେଂଜ୍ ତୋହଲେ ପନ୍ଦାରା ଦିନାତେ ଆନ୍ଧ୍ୟାରୀ ଆୟାଡ୍ । |
| ଦୀପାବଳି | : | ଦୀପାବାଲୀ ଦିନେ ବାନ୍ ଫୁଟାୟ୍ ବାୟ୍ । | : | ଛିକିଡିଁ ଦିନାତେ ଫଟାକାଁ ପିର୍‌ହାନୁଡ୍ । |
| ପାଳନ | : | ଆଜି ଆମର୍ ଗାଁଏ ପରବ୍ ମାନ୍‌ଲାୟ୍‌ନି । | : | ନେଣ୍ଡ୍ ମାଓ୍ୱା ଓ୍ୱାଡାତେ ତିହାଡ୍ ମାନେ ମାନ୍ତଡ୍ । |

| | | |
|---|---|---|
| ପୂର୍ବ ପୁରୁଷ | ଆଗର୍ ଲୋକ୍ ମନ୍ ବଡ଼େ ସୁନ୍ଦର୍ ସୁନ୍ଦର୍ କତାନୀ କୟ୍‌ବାୟ୍ । | ତଲେୟତୋଡ୍ ମାନେୟ ଆଛା ସୁନ୍ଦର ସୁନ୍ଦର ପଲୋଁ ଇନ୍ଦାନୁଡ୍ । |
| ମୁସଲମାନ | ମୁସଲ୍‌ମାନ୍ କୟଲେ ସରି ଗଟେକ୍ ଜାତି ଧରମର୍ ଲୋକ । | ମୁସଲମାନ ଇତେକ୍ ଉଣ୍ଡାନ ଜାତିତା ଧରମ୍ ତଡ୍ ମାନେୟ । |
| ଉପବାସ | ସୀତା ଆଜି ଉପାସ୍ କର୍‌ଲାନୀ । | ସୀତାଲ୍ ନେଣ୍ଡ୍ ଉପାସ୍ କିତାଲ୍ । |
| ବହୁତ | ସେ ଭୂତେକ୍ ପାଠ୍‌ପଡ଼୍‌ଲା ଆଚେ । | ଆଦ୍ ଆଛାୟ୍ ପଢହି କିତାଲ୍ । |
| ଡିସେମ୍ବର | ପୁସ୍ ମାସେ ପୁସ୍ ପରବ୍ ମାନ୍‌ବାୟ୍ । | ପୁସ୍ ମେହ୍‌ନାତେ ପୁସ ତିହାର୍ ମାନେମାୟନା । |
| ଜନ୍ମ | ତାଙ୍କରତି ପିଲା ଗଟେକ୍ ଜନମ୍ ହେଲା । | ଅନ୍ନାଦିଗା ଫିଲା ଉଣ୍ଡାନ୍ ଜନମ୍ ଆତାଲ୍ । |
| ରଥଯାତ୍ରା | ଗୁନଚା ଗଲା ଦିନେ ମୁଇଁ ନୁଆଁ ଡ୍ରେସଘେନି କରିନେବି । | ଗୋନଛା ଦିନା ନନ୍ନା ପୁନା ଡ୍ରେସ୍ ଆସି ଅୟକା । |
| ଆଷାଢ ମାସ | ଆଷାଢ଼୍ ମାସେ ଗୁନ୍‌ଚା ପରବ୍ ମାନ୍‌ବାୟ୍ । | ଆଷାଢ୍ ମେହ୍‌ନାତେ ଗୋନଚା ତିହାଡ୍ ମାନେ ମାୟନୁଡ । |
| ପୁରୀ | ପୁରୀ ଥାନେ ଜଗନ୍ନାଥ୍ ମନ୍ଦିର୍ ଆଚେ । | ପୁରୀ ତିଗା ଜଗନ୍ନାଥ ମନ୍ଦିର୍ ମନ୍ତା । |
| ବିଶ୍ୱ ପ୍ରସିଦ୍ଧ | ସାରା ଜଗତ୍ ଜାନ୍‌ବାଟା ବିଶ୍ୱ ପ୍ରସିଦ୍ଧ କୟ୍‌ବାୟ୍ । | ସାରା ଜଗତ୍ ପୁନ୍ଦାନାତେ ବିଶ୍ୱ ପ୍ରାସିଦ୍ଧ ଇନ୍ଦାନୁଡ୍ । |
| ଗଣେଶ ପୂଜା | ଆମର୍ ଇସ୍କୁଲେ ଗଣେଶ ପୂଜା ମାନ୍‌ବୁ । | ମାୱା ଇସ୍କୂଲତେ ଗନେଶ ପୂଜା ମାନେ ମାୟକମ୍ । |
| ଦେବୀ | ମାଇଜି ମାପ୍ଟୁକେ ଦେବୀମାତା କୟ୍‌ବାୟ୍ । | ଆଡ୍ ମାହାପୃତୁନ୍ ଦେବୀମାତା ଇନ୍ଦାନୁଡ୍ । |
| ମାଘ ମାସ | ମାଘ୍ ମାସେ ଇସ୍କୁଲେ ସରସ୍ୱତୀ ପୂଜା କର୍‌ବାୟ୍ । | ମାଙ୍ଗ୍ ମେହ୍‌ନାତେ ସରସ୍ୱତୀ ପୂଜା କିଆନୁଡ୍ । |
| ମହାତ୍ମା ଗାନ୍ଧୀ | ମାତ୍‌ମା ଗାନ୍ଧିକେ ସବୁ ଲୋକ୍ ଜାନତ୍ । | ମାତ୍‌ମା ଗାନ୍ଧିନ୍ ସବୋୟ୍ ପୁନ୍ତୋଡ୍ । |
| ମସିହା | ମୋକେ ୧୫ ବରଷ ହେଲା ଆଚେ । | ନାକୁନ୍ ପନ୍ଦାରା ଅଡ୍‌ଷା ଆତାଲ୍ । |
| ଅକ୍ଟୋବର ମାସ | ଅକ୍ଟୋବର୍ ମାସେ ଦଶ୍‌ରା ହେୟସି । | ଅକ୍ଟୋବର ମେହ୍‌ନାତେ ଦଶ୍‌ହାରା ଆୟାଡ୍ । |
| ଭାରତ | ଆମର୍ ଦେଶର୍ ନା ଭାରତ୍ ବଲ୍‌ବାୟ୍ । | ମାୱା ଦେଶ୍‌ତୁନ୍ ଭାରତ ଇନ୍ଦାନୁଡ୍ । |
| ମୁଖ୍ୟ | ଆମର୍ ଘରେ ଆମର ବାବା ମେନ୍ ଲୋକ ଆୟ୍ । | ମାୱାଲୋତେ ମାୱେଡ୍ ବାବାଲ୍ ମୁଖ୍ୟା ମାନେୟ । |
| ପ୍ରତି ବର୍ଷେ | ସବୁ ବର୍‌ଷେ ମୁଇଁ ଆମର୍ ଦାଦି ଘର୍‌ଗାଁ କେ ବୁଲ୍‌ବାକେ ଯିବି । | ସବ୍ ଅଡ୍‌ଷାତେ ନନ୍ନା ମାୱେଡ୍ ଦାଦିନା ଲୋତ ୱ଼ଡାତେ ଅଲିଲା ହନ୍ଦ୍‌କା । |
| ଗୁରୁ ଦିବସ | ଇସ୍କୁଲ ମନ୍‌କେ ଗୁରୁ ଦିବସ ପାଳନ୍ କର୍‌ବାୟ୍ । | ଇସ୍କୂଲକ୍‌ନେ ଗୁରୁ ଦିବସ୍ ପାଳି କେୱ୍ୱାଲୋଡ୍ । |
| ରାଷ୍ଟ୍ରପତି | ଆମ୍‌ର ଦେଶର୍ ବଡ଼ଲୋକ୍ କେ ରାଷ୍ଟ୍ରପତି କୟ୍‌ବାୟ୍ । | ମାୱା ଦେଶତଡ୍ ହଜୋର୍ ମାନେନ୍ ରାଷ୍ଟର୍ ପତି ଇନ୍‌ୱ୍ୱାଲୋଡ୍ । |
| ଜାନୁୟାରୀ | ମାଘ୍‌ମାସେ ନୁଆଁବରଷ୍ ମାନ୍ ବାୟ୍ । | ମାଙ୍ଗ ମେହ୍‌ନାତୁନ୍ ପୁନ୍ନା ଅଡ୍‌ଷା ମାନେ ମନ୍ତଡ୍ । |
| କାର୍ଯ୍ୟ | କାୟ୍ ହେଲେ କାମ ଦାମ ଜାନିରେବାର । | ବତାୟ୍ ଆତେକ୍ ଗାଲା କାମ୍ ଦାମ୍‌ତୁନ୍ ପୁଞ୍ଜି ମାନ୍ଦାନୁଡ୍ । |
| ସାଧାରଣତନ୍ତ୍ର ଦିବସ | ଜାନୁୟାରୀ ୨୬ ତାରିଖ୍‌କେ ସାଧାରଣ ତନ୍ତ୍ର ଦିବସ୍ କୟ୍‌ବାୟ୍ । | ଜାନୁୟାରୀ ୨୬ ତାରିଖତୁନ୍ ସାଧାରଣତନ୍ତ୍ର ଦିବସ୍ ଇନ୍ଦାନୁଡ୍ । |

| | | |
|---|---|---|
| ଜାତୀୟ ପର୍ବ | : ଆମର୍ ମେନ୍ ପରବ୍ ଚଇତ୍ ପରବ୍ । | : ମାଓ୍ୱା ହଜୋର ପରବ୍ ଚଇତ ଫାରବ୍ । |
| ପତାକା | : ଇସ୍କୁଲେ ରେଣ୍ଡା ଉଠାୟ୍‌ଲାୟ୍‌ନି । | : ଇସ୍କୂଲତେ ଝଣ୍ଡା ତେହ୍‌ତୁଡ୍ । |
| ସଙ୍ଗୀତ | : ଆୟ ଗୀତ ଶୁନ୍‌ଲାନି । | : ଓଡ୍ ପାଟାଁ କେଞ୍ଜ୍‌ତୁଡ୍ । |
| ମହାନ୍ | : ଦେଶର କଜେ ନାଁରଖିବା ଲକ୍‌କେ ବଡ୍ ଲୋକ୍ କୟ୍ ବାୟ୍ । | : ଦେଶକାଜେ ପଦର୍ ଇରଓ୍ୱାନ୍ ମାନେୟ୍‌କୁନ୍ ହଜୋର୍ ମାନେୟ୍ ଇନ୍ଦାନୁଡ୍ । |
| ସବୁ ସ୍ଥାନରେ | : ଆୟ ସବୁବାଟେ କାମ୍ କର୍‌ବାକେ ଜାନେ । | : ଓଡ୍ ସବ୍‌ହରିନାଁ କାମ କିଇଲା ପୁତଡ୍ । |
| ଗାଁ ଗହଳି | : ଗାଁଗଲିର ଲୋକ୍ ମନ୍ ଜବର୍ ଧରମ୍ ରେବାୟ୍ । | : ନାର୍ ଗଲିଦୋଡ୍ ମାନେୟ୍ ଆଛା ଧରମ୍ ତୋଡ୍ ମନ୍ଦନୁଡ୍ । |

## ସ୍ୱାଧୀନତା ଦିବସ (ସ୍ୱାଧୀନତା ଦିବସ୍)

| | | |
|---|---|---|
| ସକାଳ | : ଅଗଷ୍ଟ୍ ୧୫ ଦିନ୍‌କେ ସାକାଲ୍ ସାକାଲ୍ ଇସ୍କୁଲେ୍ ଯିବାର୍ । | : ଅଗଷ୍ଟ୧୫ ଦିନା ନର୍‌କିଁ ନର୍‌କିଁ ଇସ୍କୁଲ ହନ୍ଦାନା । |
| ଅଗଷ୍ଟ ମାସ | : ବର୍ଷା ମାସେ ଜବର୍ ବର୍ଷା ହେୟ୍‌ସି । | : ପୀର୍ ଦାଁଏ ଜାଦା ପୀରଓ୍ୱାନ୍ତା । |
| ଭିତରେ | : ଅଗଷ୍ଟ୍ ୧୫ ଦିନ୍‌କେ ଗାଁ ଭିତ୍‌ରେ ବୁଲ୍‌ବାର୍ । | : ଅଗଷ୍ଟ ୧୫ ଦିନ୍‌ତେ ଓ୍ୱାଡ଼ା ଲାପା ଓଲିହନ୍ଦାନା । |
| ଆଗ୍ରହ | : ମୋକେ ମାଉସ ଶାଗ ଖାୟବାକେ ଜବର୍ ମନ୍ ଲାଗ୍‌ସି । | : ନାକୁନ୍ ହଓ୍ୱିଁ କୁସ୍ରି ତିନ୍ଦିଲା ମନଓ୍ୱାନ୍ତା । |
| କୃଷ୍ଣଚନ୍ଦ୍ର | : କୃଷ୍ଣ ଚନ୍ଦର୍ ଗଟେକ୍ ଲୋକର୍ ନାଅଁ । | : କୃଷ୍ଣ ଚନ୍ଦ୍ର ଉଣ୍ଡି ମାନେ ନା ପାଦୋର । |
| ସଫା | : ଗାଗଡ଼୍‌କେ ପର୍‌ଚଲ୍ କର୍‌ବାର୍ । | : ମେନ୍ଦଲଦୁନ୍ ସାଫ୍ କିୟାନା ଆନ୍ଦ୍ । |
| ପ୍ରଧାନଶିକ୍ଷକ | : ଅଗଷ୍ଟ ୧୫ ଦିନେ ଇସ୍କୁଲେ ଜେଣ୍ଡା ଉଡ଼ାୟସି । | : ଅଗଷ୍ଟ ୧୫ ଦିନତେ ଇସ୍କୁଲତେ ପତକା ଉଡହ୍ କିନ୍ତୋଡ଼ । |
| ଅତିଥି | : ଆମର୍ ଘରେ ଗତଲକ ଆୟ୍‌ବାୟ୍ । | : ମାଓ୍ୱା ଲୋତେ ଶାଗା ଓ୍ୱାୟାନୁଡ୍ । |
| ରଙ୍ଗିନ୍ କାଗଜ | : ରଙ୍ଗ କାଗଜକେ ଫୁଲ କାଟ୍‌ର ହେୟ୍‌ସି । | : ରଙ୍ଗ୍ କାଗଜଦୁନ ଫୁଙ୍ଗାର କାଟିକିନ୍ତୋଡ୍ । |
| ସ୍ଥିର | : କାତାନି କୟ୍‌ଲାକେ ପିଲାମନ୍ ଚିମ୍‌ରା ଏଇ ଗାଲାୟ୍ । | : ଓ୍ୱେସର କେଞ୍ଜ୍‌ସି ପେକଡ୍ ଛୁପ୍ ଆତୁଡ । |
| ଠିକ୍ ସମୟ | : ଠିକ୍ ବେଲାକେ ଇସ୍କୁଲେ ଯିବାର୍ । | : ଠିକ୍ ଟାଇମ୍‌ଦେ ଇସ୍କୁଲ ହନ୍ଦାନା । |
| ଉତ୍ତୋଳନ | : ପିଲାମନ୍ ଇସ୍କୁଲେ ପତ୍‌କା ଉତ୍ତଲନ୍ କର୍ ଲାୟ୍ । | : ପିଲାଁ ସ୍କୁଲତେ ପତକା ଉଡ଼ାହ୍ କିନ୍ତୋଡ୍ । |
| ଛିଡ଼ା ହେଲେ | : ମାଷ୍ଟେର୍ ଇସ୍କୁଲ ଭିତ୍‌ରେ ଆୟ୍‌ଲା କେ ପିଲାଟକି ମନ୍ ଠିଆ ହେଲାୟ୍ । | : ମାଷ୍ଟେର ଇସ୍କୁଲ ଲପା ଓ୍ୱାତୁଡ୍ ତାନା ପଜା ପେକାଁ/ପେକ୍‌ଡ଼ିଁ ତେଦ୍‌ତୁଡ୍ । |
| ସଙ୍ଗୀତ ଗାଇଲେ | : ଟକିମନ୍ ଗୀତ୍ ଗାୟ୍‌ଲାୟ୍ । | : ପେକିଁ ପାଟା ଓ୍ୱାର୍‌ତୁଁ । |
| ଭାଗ୍ୟ | : ତାର୍ କରମେ କାୟଟାନା ହେ । | : ଓନ୍ ଭାଗ୍‌ତେ ବାତାୟ ଆୟ୍ । |
| ବିଧାତା | : ମାପ୍ରୁକେ ପୁଜାକର୍ ବାର୍ ହେୟ୍‌ସି । | : ଠାକୁର ଦୁନ ପୂଜା କିଆନା ଆନ୍ଦ୍ । |
| ସିନ୍ଧୁ | : ସମୁଦ୍ର ଲୋଗେ ମତାର ମନ୍ ରେବାୟ୍ । | : ସମୁନ୍ଦର ହେଡେ ମାନ୍ଦାନା ମାନ୍ ମାନ୍ତାଲ । |
| ଶୁଭ | : ସକାଲ୍ ସକାଲ୍ ପୁଜା କର୍‌ଲେ ଶୁଭ୍ କାମ୍ ହେୟ୍‌ସି । | : ନରକି ନରକି ପୂଜା କିତେ ବନେ କାମ ଆନ୍ତା । |

| | | |
|---|---|---|
| ଯମୁନା | : ଯମୁନା ଗଟେକ୍ ନଦୀର୍ ନାଆଁ ଆୟ୍ । | : ଯମୁନା ଡଂଟାନ୍ ନନ୍ଦୀଦା ପାଦୋର୍ ଆନ୍ଦ୍ । |
| ଇଂରେଜ ମାନେ: | ଆମର୍ ଦେଶେ ଇଂରେଜ୍ ମନ୍ ଶାସନ୍ କର୍‌ତେ ରେଲାୟ । | : ମାଓ୍ୱା ଦେଶ୍‌ଦେ ଇଂରେଜ ଲୋଡ୍ ଶାସନ୍ କିଷୋଡ ମାତ୍‌ଡ । |
| ଶାସନ | : ଇଂରାଜୀ ମନ୍ ଜବର୍ କଡ଼ା ଶାସନ୍ କର୍‌ତେ ରେଲାୟ୍ । | : ଇଂରେଜ ଲୋଡ୍ ଯାଦା ଓଡ଼ଶା ଶାସନ କିସକ୍‌ମାତୋଡ୍ । |
| ତିନୋଟି ରଙ୍ଗ | : ପତ୍‌କା ଲଗେ ତିନ୍‌ଟା ରଙ୍ଗ୍ ଆଚେ । | : ପତ୍‌କାତେ ମୁଂଟାନ୍ ରଙ୍ଗ ମନ୍ତା । |
| ସାହସର ପ୍ରତୀକ: | ସବୁ କାମ କର୍‌ବାକେ ସାହାସ୍ କର୍ ବାର୍ ଆଚେ । | : ସବ୍ ଦୁନ କାମ କିତେକ୍ ଦମ୍ ଇଲା ଆୟାଲ୍ । |
| ଧଳା ରଙ୍ଗ | : ସେ ଧବ୍‌ଲା ଫଟି ପିନ୍ଦ୍‌ଲା ଆଚେ । | : ଓଡ୍ ପଣ୍ଡ୍ରା ରଙ୍ଗ୍‌ଦା କରତୋଡ୍ । |
| ଶାନ୍ତି | : ପିଲାମନ୍ ମାଷ୍ଟେର୍ ଆୟ୍‌ଲାକେ ଅଗାଇ ଗାଲାୟ୍ । | : ପିଲାଁ ମାଷ୍ଟେର୍ ଓ୍ୱାଏନା ସମୟଦେ କୁମାଇ ଆତୁଡ୍ । |
| ସବୁଜ ରଙ୍ଗ | : ଗଛର୍ ପତର୍ କାଚାପତ୍‌ରିଆ ରେୟ୍‌ସି । | : ମଡ଼ା ଆକି ସବୁଜ ରଙ୍ଗ୍ ଆନ୍ଦ୍ । |
| ମଝିରେ | : ସେ ମଝିଲଗେ ବସ୍‌ଲା ଆଚେ । | : ଓଡ୍ ନଗଡେ ଉଡ୍‌ତୋଡ୍ । |
| ଚକ୍ର | : ସାଇକଲ୍‌କେ ଦୁଇଟା ଚକା ରେଇ୍‌ସି । | : ସାଇକେଲ ଦାନ ରଣ୍ଡଟାନ୍ ଚକା ମନ୍ତା । |
| ନୀଳ ରଙ୍ଗ | : ବାଦଲ୍ ନିଳିଆ ରେୟ୍‌ସି । | : ବାଦର୍ ନିଳିଆ ରଙ୍ଗ ଆନ୍ଦ୍ । |
| ଶିଶୁ | : ପିଲା ମନ ପାଠ୍ ପଡ୍‌ଲାୟ୍‌ନି । | : ପିଲାଁ ପଡହି କିନ୍ତୋଡ୍ । |
| ଉକତି | : ଆମର୍ ଗାଁ ବେଶି ଉନତି ହେଲାନି । | : ମାଓ୍ୱା ଓ୍ୱାଡ଼ା ଜ୍ୟାଦା ଉନ୍ନତି ଆତାଲ । |
| ଆବଶ୍ୟକ | : ମୋକେ ଜବର୍ ଟାବୁ ଦରକାର ଆଚେ । | : ନାକୁନ ଜ୍ୟାଦା ପଇସା ଦରକାର ମାନ୍ତା । |
| ଦେଶ | : ଆମର ଦେଶର ନାଆଁ ଭାରତ୍ ଆୟ୍ । | : ମାଓ୍ୱା ଦେଶଦା ପାଦୋର ଭାରତ । |
| ଲଢ଼ିବା | : ଦୁଇଟା କୁକୁଡ଼ା ଗାଞ୍ଜା ଗାଲି ଲାଗ ଲାୟ୍‌ନି । | : ରଣ୍ଡଟାନ୍ ଗାଞ୍ଜା କରକ୍ ଲଢେମାନ୍ତା । |

## ମା ପରି ମୋର କିଏ ସେ ହେବ (ଆୟା ପାରା ମର କେ ସେ ଏଇସି)
## (ୟାୟାନ୍ ବୁନା ନାଓ୍ୱଡ଼ ବଡ଼ ଆୟାନ୍)

| | | |
|---|---|---|
| ମା | : ମୋକେ ଗଟେକ୍ ଆୟା ଆଚେ । | : ନାଓ୍ୱା ଉଣ୍ଡି ଆୟାଲ୍ ମନ୍ତା । |
| ଶୁଆଇ ଦେବ | : ମାଁ ପିଲାକେ ଶୁଆଇସି । | : ଆୟାଲ୍ ପେକାନ୍ ରମ୍‌ହାଲ୍ । |
| କୋଳେ ଧରିବ | : ଆୟାପିଲା ମନ୍‌କେ କଲେ ଧାର୍‌ସି । | : ୟାୟାଲ୍ ପିଲାଁକୁନ୍ କୋଡାତେ ପୟାଲ୍ । |
| ଗେଲ କରିବା | : ମୋର୍ ମାଁ ମକେ ଲାଡ୍ କର୍‌ସି । | : ମାଓ୍ୱା ଆୟାଲ୍ ନାକୁନ୍ ମୟା କିନ୍ତା । |
| ହସେଇ ଦେବ | : ମୁଇଁ କାନ୍ଦ୍‌ଲେ ମୋର ମାଁ ମକେ ହଁସାୟ୍‌ଦେସି । | : ନନ୍ନା କିଲ୍‌ତେକ୍ ନାଓ୍ୱା ୟାୟାଲ୍ ନାକୁନ କଓ୍ୱିହଲାତା । |
| ଅଳି ଅଝଟ | : ସେମନ୍ ଲାଗାଲାଗି ହେଲାୟ୍ । | : ଓଡ୍‌ଲୋଡ୍ ଲଢ଼ାଇ କିନ୍ତୋଡ୍ । |
| ଗପ | : ମୋର ଆଇ ମୋକେ କତାନି କଇଦେୟ୍‌ସି । | : ମାଓ୍ୱା ଆଜି ନାକୁନ କାହାନୀ ଓ୍ୱାହାଲ୍ । |
| ବୁଝେଇ ଦେବ | : ଘରେ ଲାଗାଲାଗି ହେଲେ ସରି ଆୟା ବୁଜାୟ୍‌ସି । | : ଲୋତେ ଜଗଡ଼ାଁ ଆତେକ୍ ୟାୟାଲ ସମଝାହ କିୟାଲ୍ । |
| ବିଛଣା | : ମୋକେ ଶୟ୍‌ବା ପାଇଁ ମୋର୍ ମାଁ ମକେ ଆଚ୍‌ନା ପକାୟ୍ ଦେୟ୍‌ସି । | : ନାକୁନ ରମ୍‌ମାନା କାଜେ ମାଓ୍ୱା ୟାୟାଲ୍ ଟାର୍‌ସିଆଲ୍ । |

| | | | | |
|---|---|---|---|---|
| ପୋଷାକ ପିନ୍ଧେଇ ଦେବ: | | ମୋର ମା ମତେ ଡେରେସ୍ ପିନ୍ଧାୟ୍ ଦେଇସି। | : | ମାଓ୍ୱା ୟାୟାଲ୍ ନାକୁନ କୁଡ୍‌ତା କରିହ୍‌ଚିନ୍ତା। |
| ଦେଖାଇଦେବ | : | ପିଲାମନ କାନ୍ଦ ଲେ ମାଁ ଜନ୍‌କେ ଦେଖାୟ୍‌ସି। | : | ପିଲାଁ କିଲ୍‌ତେକ ୟାୟାଲ୍ ଲାଲେଂଜ ଦୁନ୍ ତହଚିଲାତା। |
| ବହି ବସ୍ତାନି | : | ମୋର୍ ଫାଟା ମୁଣା ସଜାୟ୍ ଦେଇସି। | : | ମାଓ୍ୱା ବହି ପତର ସଜାଡି କିସିନ୍ତା। |
| ଅନେଇ ଥିବ | : | ମୁଇଁ ଇସ୍କୁଲେ ଯାଇରେଲେ ମୋର୍ ବାଟ୍‌କେ ଦେଖି ତେ ରେୟ୍‌ସି। | : | ନାନ୍ନା ଇସ୍କୁଲ ହଞ୍ଜି ମତେକ୍ ମାଓ୍ୱା ହରି ଦୁନ ହୁଡ଼ିସକ୍ ମାନ୍ତା। |
| ଦୁନିଆଁ | : | ଆୟାମୋର ଦୁନିଆର ପିଲା ଥାନ୍‌ନୁ ଜବର୍ ଭଲ୍ ବୋଲି କୟ୍‌ସି। | : | ନାକୁନ ୟାୟାଲ୍ ଦୁନିଆଁ ଦେ ସବଲ୍ଲେ ଆଛା ପିଲା ଇଞ୍ଜି ଇନ୍ତାଲ। |

## ଚିତ୍ରଦେଖ ଓ କୁହ (ବାନାଦେକା ଆରି କୁଆ) (ସିଙ୍ଗାର ହୁଡ଼ାଟ୍ ଆରୁ ଓ୍ୱହାଟ୍)

| | | | | |
|---|---|---|---|---|
| ଗଛ | : | ବାଉଁଶୁ ଗଛ୍ ବାଡ଼େ ଲମ୍ଁ ରେୟ୍‌ସି। | : | ଅଦୁର୍ ମଡା ଲାମ୍ ମନ୍ତା। |
| ସାପ | : | ସାପ୍ ବେଲେ ମର୍‌ବାର୍ ହେୟ୍‌ସି। | : | ତରାସ୍ ଖସ୍କତେକ୍ ହାଇଆୟାଲ୍। |
| ଚଢେଇ | : | ଚେଡେ ମନ୍ ଗଛେ ରେବାୟ୍। | : | ପିଟେ ମଡାକ୍‌ନେ ମାନ୍ଦାନା ଆନ୍ଦୁ। |
| କଣ୍ଢେଇ | : | ପୁତ୍‌ଲା ଧରି କରି ପିଲାଟକି ମନ୍ ଖେଲଲାୟ୍‌ନି। | : | ପୁତରା ପଇସି ପେକିଁ ପେକଡ୍ ଖାରସ୍‌ଲା ତଡ୍। |
| ଜହ୍ନ | : | ରାତିର୍ ବେଲା ଜନ ଉଦ୍‌ଶି। | : | ନର୍‌ଖା ଲାଲେଂଜ୍ ପାସ୍‌ୟାଲ୍। |
| କଇଁଛ | : | କଚିମ୍ ପାନି ଭିତ୍‌ରେ ରେୟ୍‌ସି। | : | କେଚୁମ୍ ଏର୍‌ଦେ ମାନ୍ଦାନା ଆନ୍ଧ୍। |
| ପତ୍ର | : | ଟେକ୍ ପତର୍ ବଡ଼ ବଡ଼ ରେୟସି। | : | ଡେଙ୍ଗ କାଲକ୍ ହଜହ୍ ହଜହ୍ ମାନ୍ତା। |
| ଠେକୁଆ | : | ଖାଡ଼ା ବନେ ରେୟ୍‌ସି। | : | ମାଲୋଡ୍ କମ୍‌ନା ଦେ ମାନ୍ଦାନା ଆନ୍ଦ। |
| ରାସ୍ତା | : | ସଡ଼କ୍ ଲଗେ ଲୋକ୍ ମନ୍ ହିଣ୍ଡି ଗାଲାୟ୍‌ନି। | : | ସଡ଼କ୍‌ଦେ ମାନେଏ ତାକ୍‌ଷକ୍ ଦାନ୍‌ତୋଡ୍। |
| ଘର | : | ଘର୍‌ଥାନେ ନର୍ ଲୋକ୍ ରେବାୟ୍। | : | ଲତେ ମାନେ ମନଓ୍ୱାଲଡ଼ୋ ଆନ୍ଦୁଡ଼। |
| ସ୍ତ୍ରୀ | : | ମାଇଜୀ ମନ ଫାଟି ପିନ୍ଦ୍‌ବାୟ୍। | : | ଆସ୍କ ମାନେ ଗାଜି ହୁତାନା ଆନ୍ଦୁ। |
| କୁକୁର | : | ଆମର୍ ଘରେ କୁକୁର୍ ଆଚେ। | : | ମାଆ ଲତେ ନାୟ୍ ମନ୍ତା। |
| ସ୍ତ୍ରୀ ବଣେ ପାରି ନେଉଛି : | | ପାନୀ ନେଲାନି। | : | ଆସ୍କ ମାନେଏ ଏର୍ ଅନ୍ତାଁ। |
| ଝାଡୁ କରୁଛି | : | ମାଇଜୀ ଗଟେକ୍ ବାଡ଼ାନ୍ ଲାନୀ। | : | ଆସ୍କ ମାନେୟ୍ ହାଏଲାତାଁ। |
| ରୋଷେଇ କରୁଛି : | | ମାଇଜି ଗଟେକ୍ ରାନ୍ଧ୍‌ଲାନି। | : | ଆସ୍କ ମାନେଏ ଅଟାନା ଆନ୍ଦୁଁ। |

## ସେହି ମୋ ପ୍ରିୟ ଜନମ ଭୂଇଁ (ସେଟା ମୋର ଜନମ୍ ମାଟି)
## (ଆଦେ ନାଓ୍ୱା ଜନମ୍ ତଡ଼ିଇ)

| | | | | |
|---|---|---|---|---|
| ଦେଶ | : | ଆମର ଦେଶର ନାଉଁ ଭାରତ୍। | : | ମାଆ ଦେଶ୍‌ଦା ପାଦର୍ ଭାରତ। |
| ଜନମ | : | ଭାରତ ଆମର୍ ଜନମ ମାଟି। | : | ଭାରତ ଦେଶ ମାଓ୍ୱା ଜନ୍ମ ମାଟି। |
| କୋଳେ | : | ମାତାର କୋଲେ ପିଲାକେ ବସେଇଲା ଆଟେ। | : | ୟାନା କୋଡାନ୍ଦେ ପେକାନ୍ ଉପିହତାଲ୍। |
| ବଢୁଛି ମୁହିଁ | : | ଆମର ପାଡ଼େ କେଡ଼େ ସୁନ୍ଦର ଆମ ଗଛ ବାଡ଼ଲିନୀ। | : | ମାଓ୍ୱା ପାଡିଦେ ବଛର୍ ସୁନ୍ଦର ମର୍‌କା ମଡା ବଡ଼୍‌ସାଲାତା। |
| ଜନନୀ | : | ଆୟାର କାତା ମାନ୍‌କାର୍। | : | ୟାନା ପୋଲଦୁନ୍ ମାନେ ମାୟାନା ଆନ୍ଦ। |

| | | |
|---|---|---|
| ପାଳୁଛି | : ଆମେ ଦିଆଲିମାସେ ଦିଲାଲି ପରବ୍ ମାନଲୁନି । | : ମାମ୍ପ ଦିଓ୍ୱାଲି ମେହେ୍ନା ଦେ ଦିଓ୍ୱାଲି ତିହାର୍ ମାନେମାନ୍ତୋମା । |
| ଜନମ ଭୂଇଁ | : ଗାଉଁ ଆମର୍ ଜନମ୍ ମାଟି । | : ଓ୍ୱାଡ଼ା ମାଓ୍ୱା ଜନମ ତଡିୟ୍ । |
| ଗହନ ବଣ | : ଖମନ୍ ଆଗେ ତିରଲେଚିଏନର ଖମନ୍ ରେୟସି । | : କମ୍ନାଦା ବଟି ଖମନା ମନ୍ଧାଲା । |
| ଶ୍ୟାମଳ ତରୁ | : ଦୁରର୍ ପରବତର୍ କଚାପତ୍ରିୟା ଗଛ୍ କଡ଼େ ସୁନ୍ଦର୍ ଦିଶ୍ଲାନି । | : ଲାପିଡା ମଠା ଟଟା ଟଟା ମଡ଼ାକ୍ ବଛର ସୁନ୍ଦର ହୁଡ଼୍ଲାତା । |
| ଲତା | : ଘର୍ ଉପ୍ରେ କୁମ୍ଡ଼ା ମାଲ୍ ଗାଲା ଆଛେ । | : ଲତ୍ ପର ଗୁମଡ଼୍ ଟଡାଂ ତାକ୍ତାଲ୍ । |
| ଡାଳରୁ ଡାଳେ | : ମାଙ୍କଡ଼୍ ଖେନ୍ଦାକେ ଖେନ୍ଦା ଡ଼ଗାୟ୍ ବୁଲ୍ଲାନି । | : ବେନ୍ଦରାଲ୍ ଇଦ୍ କାନ୍ଦା ଆଦ୍ କାନ୍ଦଦେ ମିରସି ଓ୍ୱଲିଲାତା । |
| ବିହଙ୍ଗ | : ଚେଡ଼େ ଉଡ଼୍ଲାନି । | : ପିଟେ ପରିଲତା । |
| ମଧୁର | : ପାଚ୍ଲା କେନ୍ଦୁ ବଡ଼େ ସୁଆଦ୍ ଆଚେ । | : ପାଣ୍ଡଲେ ତୁମଡି ବଚର ମିଲିଙ୍ଗ ଲତା । |
| ତାରକା | : ସଂଜ୍ ହେଲେ ତାରା ବାର୍ବାୟ୍ । | : ମୁଲତେକ୍ ହୁକାଁ ଡିସ୍ଲାତାଁ । |
| ଜୋଛନା | : ପିଟ୍ପାରା ଜନ୍ ଉଜଳ୍ । | : ପୁନିଦିନା ଜାଦା ଓ୍ୱେଡ୍ଚି । |

## ଆସରେ ଧରିବା ଜହ୍ନ (ଏସାରେ ଧେରୁ ଜନ) (ଦାଓ୍ୱାଟ୍ ରା ପାଇକାଟ ଲାଲେଞ୍ଜ)

| | | |
|---|---|---|
| ଦଳେ | : ଗଟେକ୍ ମାନ୍ଦା ଲୋକ ଆଇଲାୟ୍ନି । | : ଉଣ୍ଡି ଦଲ ମାନେଏ ଓ୍ୱାନ୍ତଡ୍ । |
| ପିଲାମାଙ୍କଡ଼ | : ସାନ୍ ସାନ୍ ମାଙ୍କଡ଼୍ ଡଗାଇ୍ ଡଗାଇ୍ ବୁଲଲେନି । | : ହିଡ଼୍ଲ ହିଡଲା ବେନ୍ଦରାଲି ମିର୍ସି ମିର୍ସି ଓ୍ୱାଲିଲାତାଁ । |
| ଜଣେ | : ସର୍ଗେ ଗଟେକ୍ ଉଡ଼ାଯାହାଜ ଉଡ଼୍ଲାନି । | : ବାଦରଦେ ଉଣ୍ଡଟାନ୍ ଉଡାଯାହାଜ୍ ପରିଲାତା । |
| ଗଲ | : ନାଟ୍ ଦେଖିବାକେ ଯୁ ବେ । | : ନାଟ ହୁଡ଼୍ଲା ଧାକମ୍ ଧାଟ୍ବେ । |
| କେମତି | : ତୁଇ କିନ୍ତା ଆଚୁସ୍ । | : ନିମା ବହୁନ ମାନ୍ଥି । |
| ସମସ୍ତେ | : ସବୁପିଲା ମନକେ ଇସ୍କୁଲେ ନୂଆ ଡେରେସ୍ ମିଲ୍ସି । | : ସବ୍ ପିଲାଁକୁନ୍ ପୁନା ଡ଼େରେସ୍ ପୁଟାନୁ । |
| ଉପାୟ | : ଗାଁର୍ ନାଏକ୍ ଗାକେ ନିମାନ୍ ରକ୍ବାକେ କାଇ ଯୋଜ୍ନା ପାଞ୍ଜ୍ଲାନି । | : ଓ୍ୱାଡ଼ାତଡ୍ ନାୟକ ଆଚା ଇରକା ଇଞ୍ଜି ଚିନ୍ତା କିନ୍ତଡ୍ । |
| ଆଗ | : ଘର ଆଗେ ସଡ଼କ୍ ଆଚେ । | : ଲୋଡ୍ ମୁନେ ସଡ଼କ ମନ୍ତା । |
| ବ୍ୟସ୍ତ | : ଗଟେକ୍ କାଚା ଶୁନି ଗାବରା ନହେବାର୍ । | : ଉଣ୍ଡି ପାଲୋ କେଞ୍ଜସି ଗାବରା ଆୟାନା ଆୟୋ । |
| ଚିନ୍ତା | : କାଇଟା ଚିନ୍ତା କଲୁନି । | : ନିମ୍ମା ବାତା କାଜେ ଚିନ୍ତା କିନ୍ତି । |
| ଗଲା | : ସନିଆ ତାର୍ ମାମା ଗାଆଁ ଗାଲା ଆଚେ । | : ସନିଆ ଅନ୍ ମାମା ହାଡ଼ା ଲିଗା ହାଞ୍ଜି ମାତଡ୍ । |
| ଅନ୍ୟମାନେ | : ଭିନ୍ଲୋକ୍ । | : ଆଉଡ୍ ମାନେୟ୍ । |
| ବୋଧହୁଏ | : ଆଜି ଉଡ଼େଇ ହେଲେ ହୋଇରଏସି । | : ନେଣ୍ଡ ଡ଼ାଇସି ଆତେକ ଆସିମନ୍ଓ୍ୱାଲ୍ । |
| ଡରିଗଲା | : ଆୟ୍ ପିଲା ଗଟେକ୍ ସାପ୍ ଦେକି ଡରିଗାଲା । | : ଉଣ୍ଡି ପିଲା ଉନଟାନ ତାରସ ଦୁନ୍ ହୁଡସି ଓରିତୁ । |
| ଜୁଡୁବୁଡୁ | : ଆୟ୍ କାଦ ବୁଟ୍କୁଟା ହେଲା ଆଚେ । | : ଓଡ୍ ଚିକ୍ଲାଦେ ବୁଟ୍ ବୁଟ ଆତଡ଼ । |

| | | |
|---|---|---|
| କିଛି | : ତୁଇ କେତେକ୍ ପାଠ୍ ପଢ଼୍‌ଲୁ ଆଚୁସ୍ । | : ନିମ୍ମା ବାଚର ପାଢ଼େହି କିତନ୍ । |
| ସମୟ | : ସକାଲେ ବେଲ୍ ନା ଉଦ୍‌ତେ ଉଟ୍‌ବାର୍ । | : ନାରକି ପୋଡ଼ତ୍ ପାସିଆନ୍ ଲେହେଛି ତେଦାନା ଆନ୍ଦ୍ । |
| ପୁଣି | : ରାମ ଆରି ସୀତା କମ୍‌ନେ ଗାଲାୟ୍ । | : ରାମ ଆଉର ସିତା କାମନାତେ ହାତୁଡ୍ । |
| ବାରମ୍ବାର | : ତୁଇ ଗଟେକ ଖରାପ୍ କାମ୍ ବାର୍ ବାର୍ କରଲୁସନି । | : ନିମ୍ମା ଉଣ୍ଡି ଖାରାପ୍ କାମ୍ ବାରମ୍ବାର କିନ୍ତି । |
| ପାଖରେ | : ଆମର ଗାଆଁ ଲଗେ ଖମନ୍ ଆଚେ । | : ମାଓ୍ୱା ଓ୍ୱାଡ଼ା ହେଡ଼େଏ କାମ୍‌ନା ମାନ୍ତା । |
| ପୁଣି | : ତୁଇ ଆରି କାତା ନା ମାନି କରି ଡ଼ଣ୍ଡ୍ ପାଇଲିସ୍ । | : ନିମ୍ମା ପାଲୋଁମାନେ ମାୟଓ୍ୱି ତାହ୍‌ନେକ୍ ଦଣ୍ଡ ପଡ଼ତି । |
| ଇଛା | : ପାଟ୍ ପଢ଼ବାକେ ମନ୍ କଲେ ସରି ପାଟ୍ ଏଇସି । | : ପାଠ ପଢହେ କିଲା ହାତେକ୍ ପାଠ୍ ଆୟାଲ୍ । |
| ଧରିବା | : ଆୟ୍‌ମନ୍ ମାଛ୍ ଦାର୍‌ବାକେ ଗାଲାଏ୍ । | : ଓ୍ୱଡ଼ ମିନକ୍ ପାଇଲା ହାତୁଡ୍ । |
| ନୂଆ | : ତାର ନୂଆଁ କାମିଜ୍ ବଡ଼େ ଡଉଲ୍ ଦିଶ୍‌ଲାନି । | : ଅନା ପୁନା କାମିଜଂ ଆଚ୍ଚ ସୁନ୍ଦର ହୁଡ଼ତା । |
| ଚୁପ୍ ଚୁପ୍ | : ଦିରେ ଦିରେ ସେମନ୍ କାତା ହେଲାୟନି । | : କୁମାଏ କୁମାଏ ଓଲଡ୍ ଓଡ଼କ୍ ଲାତଡ୍ । |
| ସ୍ଥିର କଲେ | : ଗାଆଁ ନିର୍‌ମଲେ କର୍‌ବାକେ ବିଚାର୍ କଲେ । | : ଓ୍ୱାଡ଼ାତେ ସପାକିଲା ବିଚ୍ଚର କିନ୍ତଡ୍ । |
| ହଠାତ୍ | : ତୁଇ ଧାପରେ ଭାରି ଆଇଲୁସ୍ । | : ନିମ୍ମା ହଠାତ୍ ବାହାଡ଼ି ଓ୍ୱାତି । |
| ଫେରିଲା | : ସେ ଜୟପୁର୍ ଥାନ୍‌ନୁ ବାଉଡ଼୍‌ଲା । | : ଅଡ୍ ଜୟପୁର୍ ତିକେ ହାତୁଡ୍ । |

## କହିବା ଆଗରୁ କରିବା (କୟବା ଆଗେ କରବାର)

| | | |
|---|---|---|
| ପଚାରିଲା | : ମାଷ୍ଟେର୍ ମକେ ପ୍ରଶ୍ନ ପଚାର୍‌ଲା । | : ନାକୁନ୍ ମାଷ୍ଟର୍ ପ୍ରଶ୍ନ ପୁଚେ ମାତୁଡ୍ । |
| ପାଳନ | : ଆମର୍ ଗାଁର ଲୋକ୍ ମନ୍ କାଲିକେ ପୁସ୍ ମାନ୍‌ବାୟ୍ । | : ମା ଓ୍ୱାଡ଼ା ତଡ୍ ମାନେଏ ଲଡ୍ ନାଡ଼ି ପରବ୍ ପୁସ୍‌ତିହାଡ଼୍ ମାନେ ମାୟାନୁଡ୍ । |
| ଫଟୋଚିତ୍ର | : ଆମର୍ ଇସ୍କୁଲେ ଗାନ୍ଧୀ ମାପ୍ରୁର୍ ଫଟ ଚିତ୍ର ଆଚେ । | : ମାଓ୍ୱ ଇସ୍କୁଲତେ ଗାନ୍ଧୀ ମାପ୍ରୁନା ଫଟ ଚିତ୍ର ମାନ୍ତା । |
| ବିଷୟ | : ଆୟ୍ ମୋକେ ତୋର୍ ବିଷୟରେ କୟ୍‌ଲା । | : ଅଡ୍ ନାକୁନ୍ ନିଓ୍ୱା ବାରେ ଦେ ଓ୍ୱାହେତୁଡ଼ । |
| କାହାଣୀ | : ଆମର୍ ଗାଁର ଗୀତ୍ କୁଡ଼ିଆକେ କେତେକ୍ କାତାନୀ ଜାନା । | : ମାଓ୍ୱା ଓ୍ୱାଡ଼ାତେ ଓ୍ୱେସର୍ ବାଚର ପୁନ୍ତଡ଼ । |
| ଶୁଣାଇଲେ | : ସରପଞ୍ଚ୍ ବାବୁ ମାଇକ୍ ଥାନେ ସରକାରର୍ କାମ ସବୁ ଶୁନାୟଲା । | : ସରପଂଚ ବାବୁ ମାଇକତେ ସରକାର ତା କାମକ୍ କୁନ୍ ଓ୍ୱାହ୍‌ତୁଡ଼ । |
| ମଜା | : ପର୍‌ଦିନ କେ ବଡ଼େ ସାର୍‌ଦା ତାକେ ଗୀତ୍ ନାଟ୍ ହେଇସି । | : ପାରେକ ଦିନା ବହୁତ ସୁନ୍ଦର ପାଟା ତାନାଟ୍ ଆୟାଲ୍ । |
| ପିଲାଦିନର | : ଦାଦି ମକେ ତାର୍ ସାନ୍ ବେଲର୍ କତା ମନ୍ ମୋକେ କୟ୍‌ସି । | : ଦାଦି ନାକୁନ୍ ହୁଡୁର୍ ମନ୍ଦାନ୍ ହଡ଼ାଦା ପାଲୋ ନାକୁନ୍ ଓ୍ୱାହାନ୍ । |
| ଚମତ୍କାର | : ତୁଇ ସେନ୍ତାର କାବା କର୍‌ବା କାତା ମୋକେ ନାକଅ । | : ନିମା ଆହନେ ବାକୁଆ କିୟାନା ପାଲୋ ନାକୁନ୍ ଓ୍ୱାହ୍‌ମା । |
| ଘଟଣା | : ଆମର୍ ଗାୟେଁ ଜବର ବଡ଼୍ ଘଟନା ଗଟେକ ହେଲା ଆଚେ । | : ମାଓ୍ୱ ଓ୍ୱାଡ଼ାତେ ହଜର୍ ଦୁର୍ଘଟନା ଆତା । |

| | | |
|---|---|---|
| ବଡ଼ଦିନ୍ | : ଯୁଶୁ ମାପୁର ଜନମ୍ ଡିସେମ୍ବର ୨୫ ତାରିଖେ ମାସର୍। | : ଯିଶୁ ଭଗବାନଦା ଜନମ ଡ଼ିସେମ୍ବର ମେହ୍ନା ୨୫ ତାରିଖ ତେ। |
| ଖୁବ୍‌କମ୍ | : ଏସୁର ପାଚି ଜବର୍ କମ୍ ହେଲା। | : ଇଦ୍ ଅଡ଼ଷାତେ କମାଇ କମ୍ ଆତ୍। |
| କହୁଛି | : ମୁଇଁ କୟଲିନି ତୁଇ ସବୁ ଦିନେ ଇସ୍କୁଲ ଜା। | : ନାନା ୱାହ୍‌ଲାତନା ସବଦିନା ନିମ୍ମା ଇସ୍କୁଲତେ ହାନ୍ଦକି । |
| ଶୁଣ | : ପିଲାମନ୍ ଲୋକର୍ କାତା ଶୁନ୍‌ବାଟା ନିମାନ୍। | : ପେକଡ଼୍ ବଡ଼ାଙ୍ଗେ ଓଡ଼କାନା ପାଲୋଁକୁନ୍ କେଞ୍ଜମାଟ୍। |
| ଥରେ | : ଗଟେକ୍ ଥର୍ ମୁଇଁ ଗୁଣ୍ଡେଶ୍ୱର ଜାଇରେଲି। | : ଉଣ୍ଡି ଗାଡ଼ଁ ନାନା ଗୁପ୍ତେଶ୍ୱର ହାଞ୍ଜି ମତନା। |
| ବେମାର | : ଏଡ଼ସ୍ ରୋଗ ଗଟେକ୍ ଭଲ୍ ନା ହେବା ରୋଗ୍ ଆୟ୍। | : ଏଡ଼ସ୍ ବେମାର ଉଣ୍ଡି ଆରୁ ଆୟାନା ବେମାର ଆୟ। |
| କିଛିବି | : ତୁଇ କୟଟା ମିଶା ନା କଉସ୍ ମୋକେ। | : ନିମା ନାକୁନ୍  ବାଙ୍ଗେପାଲୋ  ୱେୱି। |
| ସଫଳ | : ମୋର କାମ ସବୁ ସଫଲ ହେଲା। | : ନାୱା କାମ ସାତେଏ ମାଡ଼ତ ବେ। |
| ଚିନ୍ତିତ | : ତୋର କଜେ ମୁଇଁ ଜବର୍ ଚିନ୍ତା କରବି ଆଛି | : ନିୱା କାଜେ ନାନା ଆରୁୟ ଚିନ୍ତା କିନ୍ତାନା । |
| କିଛିଟା | : ତୁଇ କେତ୍‌ଟା ପ୍ରଶ୍ନର୍ ଉତ୍ତର ନା ଲେକୁସ୍। | : ନିମ୍ମା ବାଚର ପ୍ରଶ୍ନ ଉତର ଲେଖେ କେୱି। |
| ଉପକାର | : ସେ ମୋକେ ଜବର୍ ଉପକାର୍ କଲାନି। | : ନିମ୍ମା ନାକୁନ ଜାଦା ଉପକାର କିନ୍ତି। |
| ଉପଦେଶ | : ସାର ଆମର୍ ଭଲ ପାଇଁ କୟ୍‌ବାୟ୍। | : ମଷ୍ଟେର୍ ମାୱା ଆରୁକାଜେ ଇନ୍ତୋଡ୍। |
| ମନସ୍ଥ | : ତୁଇ ମନ୍ ଲଗାୟ୍ କରି ପାଠ୍ ପଡ୍। | : ନିମା ମନ୍ ଲଗାହ୍ କିସି ପାଠ୍ ପଢହି କିମ୍। |
| ବନ୍ଦ କରି ଦିଅ | : ଘର୍ କପାଟ୍ ଅଲପ୍ ଢାପି ଦିଆସ୍। | : ଲୋତା ମାରି ତୁନ୍ ହିଡ଼ିକ୍ କାହଚିମ୍। |
| ଧେତ୍ | : ଥେତ୍ ତୁଇ କାଇଟା କାତା ନା କଉସ୍। | : ନିମା ନାକୁନ୍ ବାଆଁ କାଜେ ଅଡ଼କୱି। |
| ବିନା | : ତାର୍ କାୟ୍ କାମ୍ ନାହେଁ ଗଡ଼ା। | : ଓନା ଦ୍ୱାରତେ ବାଥାଏ କାମ ଆୟ। |
| ସୁସ୍ୱାଦ | : ପାକ୍‌ଲା ଆମ ବଡ଼େ ସୁଆଦ୍। | : ପାଣ୍ଡଲେ ମାରକା ଆଛା ମିଲିଙ୍ଗାଲ୍ । |
| ଅବୁଝା | : ଅବୁଜା ଲୋକ୍ ସଙ୍ଗେ କାତା ହେଇ ନାପାରି ହେ। | : ଅବୁଝା ମାନେନ୍ ସଙ୍ଗେ ଆଡ୍‌କି ପରିଆୟୋ। |
| ଖରାପ | : ମୋକେ ତୋର୍ କାତା ସବୁ ବାୟା ଲାଗ୍‌ଲା | : ନାକୁନ୍ ନିୱାଁ ପଲୋଁ ସବ୍ କେଞ୍ଜି କାବା ଲାଗ୍‌ଲାତା। |
| ଛାଡ଼ି ଦେଲେ | : ସୀତାକେ କମ୍‌ନେ ଛାଡ଼ିଦେଲାୟ୍। | : ସୀତାନ୍ କମ୍‌ନାତେ ଛାଣ୍ଡି କିସିତୁଡ୍। |
| ଆରୋଗ୍ୟ | : ଓଷ ପତର୍ ଖାଇଲେ ସରି ରୋଗ୍ ଛାଡ଼ସି। | : ମତ୍‌ସତ୍ ତିତେକ୍ ରୋଗ୍ ଛାଣ୍ଡିକିଆଲ୍। |
| ଶୁଖାଇ | : ରାମର ଥମ୍‌ନା ଶୁଖ୍‌ଲା ଆଚେ। | : ରାମନା ଟଡି ଅତ୍‌ତାଲ୍। |
| ଯଦି | : ଯଦି ବୁଆ କାୟଲେ ସରି ମୁଇଁ ଜୟପୁର୍ ଯିବି। | : ବାହ୍‌ନେ ବୁବାନ୍ ଆତେକ୍ ନନ୍ନା ଜୟପୁଡା ହନ୍ଦ୍‌କା। |
| ଠିକ୍ | : ନିମାନ୍ କରି ପାଠ ପଡ଼୍‌ଲେ ସରି ଚାକ୍‌ରି ମିଲ୍‌ସି। | : ବନ୍ନେ କିସି ପାଠ ପଢିହି କିତେକ ଚାକ୍‌ରୀ ଆୟାଲ୍। |
| କଥା | : ତୋର୍ କତା ମୋକେ ମନ୍‌କେ ଗାଲା। | : ନିୱା ପଲୋ ନାୱା ମନ୍‌ତେ ୱାତ୍। |
| ପର | : ତୁଇ ମୋକେ ଭିନ୍ ଲୋକ୍ ବୋଲି ନାଭାବ୍। | : ନିମ୍ମା ନାକୁନ୍ ଆଉର୍ ମାନେୟ୍ ଇଞ୍ଜି ଭାବେ ମାୟ୍‌ମା। |
| ଅନ୍ୟ | : ସେ ଆମର୍ କାୟଟା ନାଲାଗେ। | : ଓଡ୍ ମାୱା ବାତାୟ୍ ଲାଗଡ୍। |

| | | |
|---|---|---|
| ଉଚିତ୍ | ଏ ପରା ହେବା କାତା। | ଇଦ୍ ରକମ୍ ଆୟାନା ପଲୋ। |
| ଉପରେ | ଗଛ ଉପରେ୍ ଗଟେକ୍ ମାଙ୍କଡ଼୍ ବସ୍‌ଲା ଆଚେ। | ମଡ୍‌ଡା ପରୋ ଉଣ୍ଡାନ୍ ବେନ୍ଦ୍ରାଲ୍ ଉଠ୍‌ତାଲ୍। |
| କାର୍ଯ୍ୟକାରୀ | ମୁଇଁ ଲୋକ୍ ମନ୍‌କେ ଆମର ଘର କାମେ ଲଗାୟ୍‌ଲି ଆଚି। | ନନ୍ନା ମାନେୟ କୁନ୍ ମାଓ୍ୱା ଲୋତ୍ କାମତେ ଲଗାହ୍ କିତନା। |
| ଏଥର | ଏଥର୍ ତୁଇ ମୋକେ ଡାବୁ ଦେ। | ଏଦାୟ୍ ନିମ୍ମା ନାକୁନ୍ ପଇସାଁ ହିମ୍। |
| ଜିନିଷ | ଦୁକାନେ କେଡ଼କ୍ ସୁନ୍ଦର୍ ସାମାନ୍ ମନ୍ ଆଚେ। | ଦୁକାନ୍‌ତେ ଆଛା ସୁନ୍ଦର୍ ଜିନିଷକ୍ ମନ୍ତାଁ। |
| ଗୋଟିଏ ବର୍ଷ | ଗଟେକ୍ ବରଷର୍ କାମ ସରେଇବାକେ ହେଇସି। | ଉଣ୍ଡି ଅଡ୍‌ଷାତା କାମତୁନ୍ ମାହିଲା ଲାଗାଲ୍। |
| ବାରଣ | ମୁଇଁ ତକେ କେତେକ୍ ମନା କଲି ହେଲେ ମିଶା ତୁଇ ଗଲିସ୍ । | ନନ୍ନା ନିକୁନ୍ ବଚୋର୍ ମନା କିତା ତେବ୍‌ଲେ ଗଲା ନିମ୍ମା ହତ୍‌ତୀ। |
| ସତକୁ ସତ | ସତକେ ସତ୍ ତୁଇ ମକେ କୟଲିସ୍। | ସତେୟ ତୁନ୍ ସତ୍ ନିମ୍ମା ନାକୁନ୍ ଇତି। |
| ମୁହୂର୍ତ୍ତ | ସେଡ଼େକ ବେଲା ତୁଇ କନ୍ତି ରେଲିସ୍। | ଆଛହୋଡା ନିମ୍ମା ବଗା ମତୋନୀ। |
| ଗ୍ରହଣ | ଢ଼ନ ଆମ ଗଟେକ୍ ନେଲା। | ବୋଡ୍ ମର୍କା ଉଣ୍ଡାନ୍ ଅତୁଡ୍। |
| ଆଚରଣ | ରଘୁ ଘରର୍ ଦୁଆରି ମନ୍ ପରା ଚଲନ୍ ଜବର ଭଲା। | ରଘୁନାଲୋହ୍‌କ୍ ନାଁ ମଣ୍ଡାଁ ଗଲିଁ ଆଛାୟ ବନେ ମାନ୍ତା। |
| ଏଣିକି | ଏଥର୍ ଆମର ବୁଆ ମୋକେ ସାଇକେଲ ଗଟେକ୍ ଆନି ଦେସିବେ। | ଇଦେକ୍ ମାଓ୍ୱେଡ୍ ବାବାଲ ନାକା ସାଇକେଲ ଉଣ୍ଡାନ୍ ତାଛି ହିଆନ୍। |
| ଶୀଘ୍ର | ମୁଇଁ ବେଲା ବେଲି ଇସ୍କୁଲେ ଯିବି ଆଛି। | ନନ୍ନା ବେରାବେରୀ ଇସ୍କୂଲତେ ହନଓ୍ୱାନା। |
| ସୁସ୍ଥ | ମୋର ଗାଗଡ଼ ଏବେ ଅଲପ୍ ନିମାନ୍ ଆଚେ। | ନାଓ୍ୱା ମେନ୍ଦଲ୍ ଇଦେକ୍ ହିଡିକ୍ ଆଛାମନ୍ତା। |
| ଅନ୍ୟମାନେ | ଆୟ ମନ୍ ଗାଅଁ ଯିବାୟ୍। | ଓଡ୍‌ଲୋଡ୍ ନାର୍ ହନ୍‌ଓ୍ୱାଲୋଡ୍। |
| ପକାଇବ | ଗାଁର ଲୋକ ମନ୍ ସଡ଼କ ବାଟେ ଗୋଡ଼ିମାଟି ପକାୟ୍ ଲାୟ୍‌ନି। | ନାର୍‌ତୋଡ୍ ମାନେୟ୍ ସଡକ୍ ତିକେ ମୁରୁମ୍ ଦସ୍‌ଲାତୋଡ୍। |
| ବିଚାର | ତୁଇ କାଇ କତା ନାଭାବ। | ନିମ୍ମା ବାତାୟ ପଲୋ ଭାବେମାୟ୍‌ମା। |
| ସଂକଳ୍ପ | କମନ୍‌ର ଗଛ ବାଡ଼ାୟ୍‌ବାକେ ସବୁ ଲୋକ ପରମାନ୍ କରବାର ଆଚେ। | କମନ୍‌ତାଁ ମଡକ୍ ବଡ୍‌ସାହାନ୍ କାଜେ ସବ୍‌ମାନେୟ ପରମାନ୍ କିତୋଡ୍। |
| ଉଠିଲେ | ପିଲାଟକି ମନ୍ ସକାଲ୍ ସକାଲ୍ ଉଠଲାୟ୍। | ପେକିଁ ପେକୋଡ୍ ନର୍କିଁ ତେତ୍‌ଡ୍। |
| ଏମିତିକା | ତୁଇ ମୋକେ ଏମିତିଟଗ ବୋଲି ଭାବ୍‌ଲୁସ୍ କି ? | ନିମ୍ମା ନାକୁନ ଇଦାନେ ଠଗ୍ ଇଂଜି ଭାବେ ମାତୋନ୍ କି ? |
| ସେଥିପାଇଁ | ଆୟଟା ଲାଗି ତୋର୍ କାମ୍ ନାହେଲା। | ଆଦେନ୍ କାଜେ ନିଓ୍ୱା କାମ୍ ଆଇପରୋ। |
| ମଣିଷ | ନର୍ ଲୋକକେ ବୁଦ୍ଧି ଆଚେ। | ନର୍ ମାନେନା ବୁଦ୍ଧି ମନ୍ତା। |
| ସଂଗ୍ରାମ ବେଳେ | ଅଗଷ୍ଟ ୧୫ ତାରିଖ ଦିନେ କେତେକେ ମରି ଗାଲାୟ୍। | ଆଗଷ୍ଟ୍ ୧୫ ତାରିଖଦିନା ବଚୁଡ୍ ହାସିତୁଡ୍। |
| ଏକ୍‌ଜୁଟ | ସବୁଲୋକ ଗଟେକ୍ ଲଗେ ହେଇ ରେଲାୟେ | ସବୋୟ ମାନେୟ ଉଣ୍ଡିତିଗା ଆସି ମନ୍‌ତଡ୍। |
| ସମଗ୍ର | ଦେଶର ସବୁ ବାଟେ ସଂଗ୍ରାମ ଚାଲାଆ। | ଦେଶତା ସବ୍‌ତିକେ ଲଢାଇ ଲାଗ୍‌ତାଲ୍। |
| ଚାଲୁଥିଲେ | ଗାନ୍ଧୀ ମାପୃର କତାକେ ମାନିକରି ସବୁ ଲୋକ ଚାଲତେ ରେଲାୟ୍। | ଗାନ୍ଧୀ ମାପୃର୍‌ନା ପଲୋଁକୁନ୍ ମାନେମାସି ସବୋୟ୍‌ମାନେୟ୍ ଚଲେ ମାସକ୍ ମତୋଡ୍। |

# ଭାସି ଯାଆ ମୋର କାଗଜ ଡଙ୍ଗା (ବଅଁଲି ଯାଆ ମୋର କାଗଜ୍ ଡଙ୍ଗା)

| | | |
|---|---|---|
| ଭାସି ଯାଆ | ଜବର ମାରଲେ ସରି ନାଲ୍ ମନକେ ପାନି ବଅଁଲି ଯାଇସି। | ଆଛାୟ ପିର୍ ଜିତେକ୍ ନାଲକ୍‌ନେ ଏର୍ ଉସା ପଙ୍ଗସି ହନ୍ଦାଲ୍। |
| ଝିପିଝିପି | ଝିପରି ଝିପରି ପାନି ମାର୍‌ଲାନି। | ଝିପିର୍ ଝିପିର୍ ପିର୍ ଜିନ୍ତାଲ୍। |
| ବରଷଇ | ପାନି ଆୟଲାନି ଛାଡ଼ି କରି ଯା। | ପିର୍ ଓ୍ୱାନ୍ତାଲ୍ କାଲ ପୟସି ମଞ୍ଜାଲ୍ ହନ୍। |
| ଚମକେ | ବିଜ୍ ମାରଲେ ସରି ଆନ୍ଧାର ରାତିବେଳେ ଚମକି ଗାଲି। | ବିଜ୍ ଜିତେକ୍ ଗଲା ହିକାଟ୍ ନର୍କାହୋଡ୍ ଚମକେ ମାତାନ୍। |
| ଘଡ଼ ଘଡ଼ି | ବାଦଲ୍ ଗରଜଲେ ସରି ପାନି ମାରସି। | ବାଦର ଗଡଜ୍‌ତେକ୍ ପିର୍ ଜିୟାଡ୍। |
| ପଡ଼େ | ଛାନି ଉପର ଥାନୁ ଅଦରଲାନି। | ଛନି ପରୋ ଦାହ୍‌ଲେ ଗସ୍‌ରେ ମାନ୍ତାଲ୍। |
| ଫଟକା | ଗରମ୍ ପାନି ହାତେ ହେଲାକେ ହାତେ ଫୁଟ୍‌କା ହେଲା। | କାସ୍‌ଲେ ଏର୍ କୟତେ ଆତେକ୍ କୟ ଫଟ୍‌କାଲ୍ ଆତ୍। |
| ଅସୁମାରି | ଆମର କୁପଲି ଥାନେ ଜବର୍ ଗଛ ମନ୍ ଆଚେ। | ମାଓ୍ୱା କୁପ୍‌ତିଗା ଆଛାୟ ମାଡାକ୍ ମନ୍ତାଁ। |
| ପାଣିରେ | ପାନି ଲଗେ ମାଛ ମନ୍ ରେବାୟ୍। | ଏର୍ ତିଗା ମୀନ୍‌କ୍ ମନ୍ଦାନୁଁ। |
| ଡରି ଯିବୁ ନାହିଁ | ସତ୍‌କତୋ କୟବାକେ ନାଡ଼ର୍। | ସତ୍ ପଲୋଁ ଇନ୍ଦିଲା ଅରିମା। |
| ଝୁଲିଝଲି | ଟକି ମନ୍ ରଜକେ ଡଲି ଝୁଲବାୟ୍। | ପେକିଁ ରଜ୍‌ତେ ଦୋଲି ଝୁଲାନୁଁ। |
| ଦୂର | ବଡ଼େ ଦୂରକେ ନାଯାଆ। | ଆଛାୟ ଲାପିତେ ହନ୍‌ମା। |
| ମେଲାଇ | ଗଉଡ଼ ସକାଲ ସକାଲ୍ ଗୋରୁ ଡିଲ୍‌ସି। | କୋପାଲ୍ ନର୍କିଁ ନର୍କିଁ କନ୍ଦାଁ ମୁୟା ଡିଲି କିଆନ୍। |
| ଦରିଆ | ସମଦୂର ପାନି ବଡ଼େ ଖରିୟା। | ସମ୍‌ଦୂର୍‌ତା ଏର୍ ଆଛାୟ୍ କାଡିଆଲ୍। |
| ସାଧବ | ଅଗତୁ ଲୋକମନ୍ ଦୂରେ ଦୂରେ ଜାଇକରି ବେପାର କର୍‌ତେ ରେଲାୟ୍। | ତଲେୟତାହ୍ ମାନେୟଲୋଡ୍ ଦୁର୍ ଦୁର୍‌ତେ ହଞ୍ଜି ମଞ୍ଜାଲ୍ ବେପାର୍ କିସ୍‌କ୍ ମତୋଡ୍। |
| ଝଡ଼ତୋଫାନ୍ | ଜବର ପାନି ପବନ୍ ହେଲେ ସରି କୁଡ଼ିଆ ଘର ମନକେ ଉଡ଼ାଇ ନେଇସି। | ଆଚାୟ୍ ଏର୍ ଅଡି ଆତେକ୍ କୁଡିଆ ଲୋହ୍‌କୁନ୍ ପରିହ୍‌ଛି ଅୟାଲ୍। |
| ଡିଳେ | ଆୟ ମୋକେ ଖଣ୍ଡେକ୍ ମିଶା ନିଆରି ଦେକେ ନାହିଁ। | ଓଡ୍ ନାକୁନ୍ ହିଡିକ୍ ଗଲା ହୁଡ଼ଡ୍ ଆତୁଡ଼୍। |
| ତାଙ୍କର | ତାକର ଗଟେକ ମଟର୍ ଗାଡ଼ି ଆଚେ। | ଓନ୍ନା ଉଣ୍ଟାନ୍ ମଟର ଗାଡ୍‌ଡା ମନ୍ତା। |
| ଆସୁଥିଲେ | ଇସ୍କୁଲ ଥାନେ ପିଲାମନ୍ ଆସ୍‌ତେ ରେଲାୟେ | ଇସ୍କୂଲ ତିଗା ପେକଡ୍ ଓ୍ୱାସକ୍ ମତୋଡ୍। |
| ଫେରି | ବେଲ୍‌ହେଲାକେ ଆରି ପିଲାମନ୍ ଲେଉଟି ଗାଲାୟ୍। | ବେରା ଆନାକେ ଆଉର ପିଲାଁ ମଲ୍‌ସିହତୁଁ। |
| ସାରି | ତୁଇ ପାଇଟି ସରାଇ କରି ମୋର ଲଗେ ଆୟ। | ନିମ୍ବା ଓ୍ୱାଡି କାମ୍ ମାହ୍‌ଛି ନାଓ୍ୱାତିଗା ଓ୍ୱାୟକି। |
| କାରବାର | ଆୟ କାୟଟା କାର୍‌ବାର ନାଜାନେ। | ଓଡ୍ ବାତାୟ କାର୍‌ବାର୍ କିଲା ପୁନୋଡ୍। |
| ଭରି | ବାସ୍ତା ଥାନେ ଧାନ ମନ୍ ପୁରାଇବାର। | ପୋତାତେ ଅଂଜିଁ ନିହାନା। |
| ଦଉଲତ | ପାଠ୍ ପଢି କରି ସମ୍ପତ୍ତି ଅରଜବାର୍। | ପାଠ୍ ପଢ଼୍‌ହି କିସି ଧନ୍ ଆର୍ଜିକିୟାନା। |
| ମିଳିମିଶି | ବଡ଼ କାମକେ ମିଶି କରି କରବାର। | ହଜୋର କାମ୍‌ତୁନ୍ ମିଶେମାସି କିୟାନା। |
| ମଙ୍ଗେ | ଗାଁ ମୁଣ୍ଡେ ହୁଣ୍ଡି ଘର ଆଚେ। | ଓ୍ୱାଡ୍‌ଡା ଦଡିତେ ହୁଂଡି ଲୋନ୍ ମାନ୍ତା। |
| ଶୁଭ | ସକାଲ ସକାଲ ଉଟି କରି ମାପ୍ରୁକେ ପୂଜା କଲେ ଶୁଭ କାମ ହେଇସି। | ହଣ୍ଡକଡ଼ିଁ ତେଦ୍‌ସି ମାହାପ୍ରୁନ୍ ସେଓ୍ୱା କିତେକ୍ ଶୁଭ୍ କାମ୍ ଆୟାଲ୍। |

| | | |
|---|---|---|
| ନାରିକେଳ | ଆମର ଘରେ ଗଟେକ୍ ନଡ଼ିଆ ଗଛ ଆଚେ। | ମାଓ୍ୱା ଲୋତେ ଉଣ୍ଟାନ୍ ନଡ୍‌ହେଲ୍ ମଡ୍‌ଡା ମନ୍ତା। |
| ଜଳ | ବନ୍ଦେ ଜବର୍ ପାନି ଆଚେ। | ବାନ୍ଧାତେ ଆଛାୟ୍ ଏର୍ ମନ୍ତା। |
| ଜାଳି | କୁପି ଲାଗାଇ କରି ପାଠ ପଡ଼ବାର। | ଚିମ୍ନି ମାସି ପାଠ୍ ପଢ୍‌ହି କିୟାନା। |
| ଯାଉଛି | ଆୟ ଇସ୍କୁଲେ ସବୁ ଦିନେ ଗାଲାନି। | ଓଡ୍ ଇସ୍କୂଲତେ ସବ୍ ଦିନା ହନ୍ତଡ୍। |
| କାଳ | ତାର କାଲ୍ ଖେଟଲାକେ ମରିଗଲା। | ଓନ୍ନା କାଲ୍ ଆଓ୍ୱନା କେ ହାତୁଡ୍। |
| ଏବେ | ଏବର ଟକି ମନ୍ ପାଟ ପଡ଼ବାକେ ଇସ୍କୁଲେ ଯିବାୟ୍ ଆଚତ୍। | ଇଦେକ୍ ଦାଁ ପେକିଁ ପାଠ୍ ପଢ୍‌ହି କିଲା ଇସ୍କୂଲତେ ହନ୍ତାଁ। |
| ନୂଆ | ଚଇତ୍ ପରବ ନୂଆଁ କାମିଜ ଘେନ୍‌ବାୟ୍। | ଚଇତ୍ ତିହାଡ୍ କାଜେ ପୁନ୍ନା କୁଡ୍‌ତା ଆସାନୁଁ। |
| ବେଳା | ପେଜ୍ ହେଲାବେ ଆସା ଘରେ ଜୁବେ। | ଜାଓ୍ୱାହୋଡା ଆତ୍‌ବେ ଦାଓ୍ୱାଟ୍ ଲୋତେ ହାନ୍ଦ୍‌କାଟ୍। |
| ଆସିଛି | ଏବେ ବୁଆ ଘରେ ଆଇଲା ଆଚେ। | ଇଦେକ୍ ବୁବାଲ ଲୋତେ ଓ୍ୱାତୋଡ୍। |
| ଭେଳା ଭେଳା | ଧାନ କାଟି କରି ବେଡ଼ାୟେ କୁଡ଼ା କୁଡ଼ା କର୍‌ଲା ଆଚତ୍। | ଅଂଜିଁ କୟ୍‌ସି ଓ୍ୱେଡାତେ ଦିବାଁ ଦିବାଁ କିତଡ୍। |
| ଅଟକି ଗଲୁକି | ସେ ଜାଇତେରେଲା ଆରି ମୋକେ ଦେଖି କାରି ଥେବ୍‌ଲା। | ଓଡ୍ ହଞ୍ଜାକ୍ ମତୋଡ୍ ଆଉର ନାକୁନ୍ ହୁଡ୍‌ସି ଥେବେ ମାତୁଡ୍। |
| ବିଦାୟ | ସେ ଆମର୍ ଥାନୁ ଗାଲା। | ଓଡ୍ ମାଓ୍ୱା ହିଗ୍ ଡାହଲେ ହାତୁଡ୍ । |
| ଦେଉଛି | ଇସ୍କୁଲେ ପିଲା ମନ୍‌କେ ଖାଦି ଦେଲାୟ୍‌ନି। | ଇସ୍କୂଲତେ ପିଲାଙ୍କୁନ୍ ତିନ୍ଦିଲା ହିତବେ। |
| ତୋତେ | ତକେ ଯେନ୍ତି କରି ମିଶା ପାଠ୍ ପଡ୍‌ବାକେ ହେଇସି। | ନିକୁନ୍ ବାହ୍‌ନେ କିଶି ଗଲା ପାଠ୍ ପଢ୍‌ହି କିୟିଲା ଲାଗାଲ୍। |
| ହସି ହସି | ତାର କାତା ଶୁନି କରି ହାସି ହାସି ମୋର୍ ପେଟ୍ ଦୁକ୍‌ଲା । | ଓନ୍ନାଁ ପଲୋଁ କେଞ୍ଜି କୌନେ କୌନେ ନାଓ୍ୱା ପଟ୍‌ଟା ନୋତ୍ । |
| ଏଇ | ଏ ପେନ୍ ତୋର୍‌ଟା କି ? | ଇଦ୍ କଲମ୍ ନିଓ୍ୱା କି  ? |
| ଗଢିଛି | ମୁଇଁ କୁଡ଼ିଆ ଗଟେକ୍ ବାନାୟ୍‌ଲି ଆଚି। | ନନ୍ନା କୁଡିଆଲୋତ ଉଣ୍ଟାନ୍ ବାନାହ୍ କିତାନା। |

## ସାନ ସିନା ଦାନ ତା ମହାନ (ସାନ୍ ସିନା ଦାନ୍ ତାର ବଡ଼)

| | | |
|---|---|---|
| ତୋଳାଇବାକୁ | କୋଣାର୍କ ମନ୍ଦିର ବନାଇବାକେ ବାରସ ଲୋକ କାମ କର୍‌ତେ ରେଲାୟ୍। | କୋନାର୍କ ମନ୍ଦିର ବନାହ୍ କିଲା ବାରାସଉ ମାନେୟ୍ କାମ କିଇଲା ମତଡ୍। |
| ବଛାଗଲା | ଭଲ୍ ଭଲ୍ ଲୋକ୍ ମନ୍‌କେ କାମ୍ କର୍‌ବାକେ ବାଛ୍‌ଲାୟେ। | ବନ୍ନେ ବନ୍ନେ ମାନେୟ୍‌କୁନ୍ କାମ୍ କିଇଲା ଆଛକ୍ ମତଡ୍। |
| ସିମେଣ୍ଟ | ସିମେଣ୍ଟ ଅଲପ୍ ଗେରୁ ମାଟିଆ ରେୟ୍‌ସି | ସିର୍‌ମିଟ୍ ହିଡିକ୍ ଗେରୁତଡିୟ୍ ମନ୍ଦାଲ୍। |
| ଚୂନ | ଚୂନ୍‌କେ ଘରେ ଲିପ୍‌ବାୟ୍। | ଚୂନ୍‌ତୁନ୍ ଲୋତେ ଉସାନୁଁ। |
| ଢେଳା | ମୁଇଁ ଗୋଟେକ୍ ଘର ତିଆର୍ କର୍‌ବି ଆଚି। | ନନ୍ନା ଉଣ୍ଟାନ୍ ଲୋତ୍ ବନାହ୍ କିନ୍ତାନା। |
| ଦଧିନଉତି | ଧର୍ମପଦ୍ କୋଣାର୍କ ମନ୍ଦିରର୍ ମୁଣ୍ଡି ବନାଇଲା ଆଚେ। | ଧର୍ମପଦ୍ କୋନାର୍କ ମନ୍ଦିର୍‌ତା ତଲ୍ଲା ବନାହ୍ କିତୋଡ୍। |

| | | |
|---|---|---|
| କଟାହେବ | ବିଷ୍ଣୁ ମହାରଣା କୋଣାର୍କ ମନ୍ଦିରର୍ ମୁଣ୍ଡିକେ ନବନାଇଲେ ସର୍ କାଟ୍‌ବି ବୋଲି କଇରେଲା | ବିଷ୍ଣୁମହାରନା କୋନାର୍କ ମନ୍ଦିରତା ତଲ୍ଲା ବନାହ୍ କେଓ୍ୱେକ୍ ପୁଛ୍‌କା ଇଞ୍ଜି ମତଡ୍। |
| ଏକୁଟିଆ | ଧର୍ମପଦ୍ ଏକଟା ଆକା ମନ୍ଦିରର୍ ମୁଣ୍ଡି ତିଆର୍ କର୍‌ଲା ଆଚେ। | ଧର୍ମପଦ୍ ଅରଡେହୁଡା ମନ୍ଦିର୍ ତଲ୍ଲା ବନାହ୍ କିତୋଡ୍। |
| ଭରସା | ତକେ ମୁଇଁ ବିଶାସ୍ କର୍‌ଲି । | ନିକୁନ୍ ନନ୍ନା ବିଶ୍ୱାସ୍ କିତାନ୍ । |
| ଖେଳିଛି | ମୁଇଁ ଦିନେକ୍ ହେଲେ ମିଶା କ୍ରିକେଟ ଖେଳ୍‌ଲି ଆଚି। | ନନ୍ନା ଅଣ୍ଡିଦିନା ଗାଲା କ୍ରିକେଟ୍ କର୍‌ସ୍‌ତାନା। |
| ସାଥେ | ମୋର୍ ସଙ୍ଗେ ସେ ମିଶା ହାଟେ ଆୟ୍‌ସି। | ନାଓ୍ୱା ସଙ୍ଗ୍ ଆଉର୍ ଓଡ୍ ଗାଲା ହାଟୁମ୍ ଓ୍ୱାୟାନ୍। |
| ବାଟଯାକ | ବାଟ୍‌ଯାକ ଜବର ଚାଟି ମନ ବୁଲଲାୟ୍‌ନି। | ହର୍‌ରିଯାକ ଆଛାୟ୍ ପତେଁ ଅଲିଲାତାଁ। |

## ପୁଣି ସେମାନେ ହସିଲେ (ଆରି ସେମନ୍ ହସ୍‌ଲାୟେ) (ପେର୍ ଅଡ଼୍‌ଲୋଡ଼୍ କାଓ୍ୱୁତୁଡ଼ା)

| | | |
|---|---|---|
| ଦୁଇଜଣ | ଦୁଇଲୋକ୍ ମିଶି କରି ଗାଁଅ ଗାଲାୟେ୍। | ରାଣ୍ଡଜାନଆସି ଓ୍ୱାଡ଼ା ହାତୁଁ। |
| ଖୁବ୍ | ଜବର୍ ଦିନ୍ ହେଲା ଘରେ ନାଯାଉଁ। | ଆଝୟ ଦିନା ଆତାଲ୍‌ଲତେ ହାନନେ। |
| ପାଖାପାଖି | ଘର୍ ଲଗେ ଲଗେ ଗଚ୍ ମନ୍ ଆଚେ। | ଲନ୍ ହେଡ଼େ ହେଡ଼େ ମାଡାକ୍ ମାନ୍ତା। |
| ସକାଳୁ | ସାକାଲ୍ ସାକାଲ୍ ପିଲା ମନ୍ ଉଠି କରି ପାଠ୍ ପଢ଼ିବାର୍ ଆୟ୍। | ନାରକି ନାରକିପେକଡ଼୍ ତେଦ୍‌ସି ପଢିହି କିନ୍ତଡ୍ । |
| ଉଠିଲେ | ସାକାଲ୍ ସାକାଲ୍ ଇସ୍କୁଲେ ଯିବା କଜେ ପିଲାମନ୍ ଉଠ୍‌ଲାୟେ। | ନାରକି ନାରକି ଇସ୍କୁଲ୍ ହାନ୍ଦାନା କାଯେ ତେତୁଡ। |
| ଦେଖାଦେଖି | ସମାରି ଆରି ସମରୁ ଆଜି ହାଟେ ଭେଟ୍ ଘାଟ୍ ହେଲାୟ୍। | ସମାରି ଆରୁ ସମ୍‌ରୁ ନେଣ୍ଡହାଟୁମ୍‌ତେ ମିଲେ ମାତୁଡ଼୍। |
| ବିପଦ ଆପଦରେ | ଦୁଃଖ୍ ସୁଖରେ ଆୟ୍‌ମନ୍ ଆକା ଆଡ଼ି ହେବାୟ୍। | ଦୁଃଖତେ ଅଡ଼୍ ଭଗେ ମାନ୍ତଡ୍। |
| କାନ୍ଧକୁ କାନ୍ଧ | ଆୟ୍‌ମନ୍ ଦୁଇ ଲୋକ୍ କାନ୍ଦ କେ କାନ୍ଦ୍ ମିଶାଇ କରି ଗଲାୟ୍‌ନି। | ଅଡ଼୍‌ଲୋଡ଼୍ ରାଣ୍ଡସିଂଜାନଡ଼୍ ହାଟାଁକୁନ୍ ହାଟାମିଶେ ମାଶି ହାତୁଡ୍। |
| ଯାନି ଯାତ୍ରା | ବଜାର ଯାତ୍ରା ଦିନେ ଜବର୍ ଲୋକ୍ ରୁଣ୍ଡି ରେଲାୟ୍। | ହାଟୁମ୍ ଯାତ୍ରାଦିନା ଆଝୟ୍ ମାନେୟ ଜମା ଆସି ମାତଡ଼୍। |
| ପୁନେଇ | ଆମର ଦେଶିୟା ଆନେ ଫୁସ୍ ପୁନିକେ ବଡ଼୍ ପରବ୍ ବୋଲି ମାନ୍‌ବୁ। | ମାଓ୍ୱା ଦେଶିୟାମାନେଲୋଡ ପୁଷ ପୁନିତୁନ୍ ହଜର ତିହାରଇଞ୍ଜି ମାନେମାନ୍ତଡ୍। |
| ମିଶି ପାଳନ୍ତି | ଆମର୍ ଗାଁର ସବୁ ଲୋକ୍ ମିଶି କରି ପରବ୍ ମାନ୍‌ବାୟ୍। | ମାଓ୍ୱା ଓ୍ୱାଡ଼ାତେ ସବ୍ ମାନେୟ ମିଲେ ମାଶି ତିହାର ମାନେ ମାନତଡ଼୍। |
| ଦୁହେଁ | ଦୁଇ ଲୋକ୍ ମିଶି କରି ହାଟେ ଗାଲାୟ୍। | ଇରୁଡଜାନା ମିଶେ ମାସି ହାଟୁମ୍ ହାତୁଡ୍। |
| ଗୋଟିଏ ଶ୍ରେଣୀ | ପିଲା ମନ୍ ଗୋଟେକ୍ ବଖ୍‌ରା ଥାନେ ବସ୍‌ଲା ଆଚ୍‌ତ। | ପେକଡ଼୍ ଲଡ଼୍‌ଉଁନ୍‌ଟାନ୍ ଲାପାତେ ଉଡ୍‌ତଡ୍। |
| ପାଖା ପାଖି ବସନ୍ତି | ପିଲାମନ୍ ଲଗେ ଲଗେ ବଡ଼ିକରି ପାଠ୍ ପଢ଼୍‌ବାୟ୍ । | ପେକଡ଼୍ ଟଟାଟଟି ଉଡ଼୍‌ସି ପାଢ଼୍‌ହିକିନ୍ତଡ଼୍। |

| | | |
|---|---|---|
| ଏକାଠି | ଗୋରୁ ଛେଳି ମନ୍ ଗୋଟେକ୍ ଲଗେ ଘାଁସ୍ ଖାଇଲାୟ୍‌ନି। | କନ୍ଦାଁ ଏଟିଇଁ ଇଣ୍ଡିତେ ଲାଟା ତିନ୍ତାଆଁ। |
| ବୁଲନ୍ତି | ଆନ୍ଧାର ହେଲେ ସରି ପଦାୟେ ବାଘ ଭାଲୁ ମନ୍ ବୁଲ୍‌ବାୟ୍। | ହିକାଟ ଆତେକ୍ ଡୁଓ୍ୱାଲି ଆଡ଼ଜାଲିଁ ଅଲିଲାନ୍ତା। |
| ଗଳିଥାଏ | ରାମ୍ ଗଟେକ ଛେଳି ପିଶଲାନି। | ରାମ ଉଁଟାନ ଏଟିପଶେ କିତଡ଼। |
| ସଡକରେ | ଅୟା ତାର ପିଲାକେ ଲାଡ୍‌ରେ ବାଡାୟ୍‌ଲା ଆଚେ। | ୟାଲ୍ ତାନା ପିଲାତୁନ ଲାଟିଦେ ହାଲି ଲାତାଲ୍। |
| ପ୍ରଥମେ ପ୍ରଥମେ | ତୁଇ ପରତୁମ୍ ପରତୁମ୍ ଆମର୍ ଘରେ ଆଇଲୁ ଆଚୁସ୍। | ନିମା ମୁନେୟ ମାଓ୍ୱା ଲତେ ଓ୍ୱସି ମତନ୍। |
| ସହିବ | ଆୟ ଯେତ୍‌କି ଦୁଃଖ ଆଇଲେ ମିଶା ସୟ୍‌ସି। | ଅଡ଼ ବାଚରେ ଦୁଃଖତନ ଗାଲା ସହି ମାନ୍ତଡ। |
| ଜବତ | ମୁଇ କେଡ଼େ କଷ୍ଟେ ତାର ଡାବୁ ଜବତ୍ କର୍‌ଲି। | ନାନା ବଚର କଷ୍ଟତେ ଅନାଁ ପଇସାଁ ଜବ୍‌ତି କିତନା। |
| ନେହୁରା | ଆୟ ଡାବୁ ପାଇଁ ଜବର କାକୁର୍ତ୍ତି ହେଲାନି। | ଅଡ଼୍ ପାଇସାକାଜେ ଆଋୟ କାକୁତି ଅନ୍ତୋଡ଼। |
| ପ୍ରକୃତି | ନାଗ୍ ସାପ୍ ତାର ଫଁ କରବା ଗୁଣ ନାଛାଡ଼େ | ତାରାସ ତାନା ଫଁକି ଆନାତୁନ୍ ଋଣ୍ଡିକେଓ୍ୱ। |
| କେଉଁଠୁ | ତୁଇ କନ୍ ଥାନ୍‌ନୁ ଏସାଇକେଲ ଘେନ୍‌ଲୁସ୍ | ନିମା ବାଗ୍‌ଡା ସାଇକେଲ ଆସତି। |
| ସୁଯୋଗ ଉଣ୍ଡି | ଆଟେ କୁକଡ଼ାକେ ଭଣ୍ଡି ଧାର୍‌ବାକେ। | ହାଟୁମ୍‌ତେ କରତୁନ୍ ଉଣ୍ଡି ପାଇଲା। |
| ରାଗିଗଲା | ବାଘ୍ କଲିଆ ଉପ୍‌ରେ ଜବର୍ ରିଷା ହେଲା। | ଡୁଓ୍ୱାଲ୍ କଲି ଆତୁନ୍ ଆଋୟ ରିଶ୍ ଆତାଲ୍। |
| ପାନେ | ଆଜି ତାକେ ଗଟେକ୍ ଭଲ୍ କରି ଦେବାର୍ ଆଚେ। | ନେଣ୍ଡ୍ ନିକୁନ୍ ଉଣ୍ଡିଟାନ୍ ଆଋ କିଶି ହାଲିକା। |
| ଛକି | କଲିଆ ଜାଗି କରି କୁକ୍‌ଡ଼ା ଧରସି। | କଲିଆଲ୍ ଟାକି କିତାଲ୍ କର୍‌ଦୁନ ପାୟାନ୍ କାଜେ। |
| ପାହାରେ | ଆୟ କଲିଆକେ ଗଟ୍ ଠେଙ୍ଗ୍ ମାର୍‌ଲା। | ଆଦ୍ କଲିଆତୁନ୍ ଉନ୍‌ଟାନ୍ କଟ୍‌ଲାତେ ହିତୁଡ଼। |
| ଆଇଲା | କଲିଆକେ ମାର୍‌ଲା କଜେ ପଲାଇଲା। | କଲିଆ ମାଡ ତିନାକେ ଡ଼ାୟତ୍। |
| ଗାଳିଦେଲା | ଆୟା ମୋକେ ଆଜି ଇସ୍କୁଲେ ନାଜି ଗିନେ ଉଡ଼୍‌ଲା। | ୟାୟାଲ୍ ନାକୁନ୍ ନେଣ୍ଡେ ସ୍କୁଲ ହାନୁନ୍ ତାହାନେ ରାଙ୍ଗ୍‌ଲାତା। |
| କଜିଆ | ଆୟ ତାଙ୍କର ଘରେ ବେଶି କଲ୍ କଲ୍। | ଅଡ଼ା ଲୋତେ ଗେୟ୍ କଲ୍ କଲ୍ ଆନ୍ତା। |
| ପରିବାର | ଜବର୍ କୁଟୁମ୍ ରେବା ଲୋକ ବଡ଼େ ଧାନ୍ଦା। | ରଟେ ପରିଓ୍ୱାର ମତେକ୍ ଆଡ଼। |
| ଭିତରେ | ପାର୍ ଭିତ୍‌ରେ ବାଘ୍ ଆଚେ। | ଜାଡ଼ିଲାପା ଡୁଓ୍ୱାଲ ମାନ୍‌ତା। |
| କଥାବାର୍ତ୍ତା | ବଡ଼ଲୋକ ମନ୍‌କେ କାତାବାର୍ତ୍ତା ହେଲାବେଲେ ଭାବି ଚିନ୍ତି କରି କାତା ହେବାର୍। | ରଟ୍ ମାନେୟ ସଙ୍ଗେ ଅଡ଼କାନା ହୋଡ଼ା ଚନ୍ତାକିସି ଆଡକାନା ଆନ୍ଦ୍। |
| ମନା | ପିଲା ମନ୍‌କେ ଖରାପ୍ କାମ୍ ନା କର୍‌ବାକେ କଇବାର୍। | ପେକଡ଼୍ କୁନ ଭୁଲ କାମ କେମାଟ୍ ଇଞ୍ଜି ଓ୍ୱାହାଟ୍। |
| ଆଗପରି | ତୁଇ ଏବେ ଆଗତୁ ପରା ଆରି ନାଇଁ। | ନିମା ଇଦେକ ମୁନେ ତା ଲେହ୍‌କା ଆୟ। |
| ଦିନକର | ଏଟା ଗୋଟେକ ଦିନର୍ କାତା ନାଇଁ ଯୁଗ୍ ଯୁଗ୍ ଧରି କରି ରେଇସି। | ଇଦ୍ ଉଣ୍ଡି ଦିନା ଦା ପାଲୋ ଆୟ ଯୁଗ ଯୁଗ ଆସି ମନ୍ଦାଲ୍। |

| | | |
|---|---|---|
| ନଇକୂଳ | ଗାଡ଼ ପାଲିକେ କୁଡ଼ିଆ ସେବେ ଗଟେକ୍ ବାଲୁ ଗାଲା। | ନାନ୍ଦିହେଡ଼େ କୁଡ଼ିଆତେ ଆଟେକ ଅଡ଼ଜାଲ ହାତ୍ । |
| ଧପ୍ | କୁପ୍ ଧପ୍ କରି ଲିବିଗାଲା। | ଚିମିନି ଧାପ୍ କିସି ପିଇତ। |
| ବୁଡୁଛି ଆଉ ଉଠୁଛି | ସେ ବନ୍ଦେ ବୁଡ଼୍‌ଲାନି ଆରି ଉଠ୍‌ଲାନି। | ଆଦ୍ ବନ୍ଦାତେ ମୁଡିନ୍ଦ୍‌ସି ପାସିଲାତଡ୍। |
| ହାଲୁକା | କାପା ବେଶି ଉସାଷ୍ ଆଚେ। | କାପସା ଆଋୟ ପସ୍‌ପସିଆ ଆନ୍ଦ୍। |
| ଶିଆଳି ଲଟା | ଶିଆଲି ଲାଟା ସଂଗେ କମନେ ଥାନୁ ଆମେ ଦାରୁ ଆନ୍‌ଲୁ। | ପାଉଡ୍ ମଡ଼ସ୍‌ସେ ଦହ୍‌ଚି କାଠ୍‌ୟା ତାତମ୍। |
| ସେଥିରୁ | ସିଥାନୁ ଆମର୍ ଗାଆଁ ଜବର ଦୂର ଆଚେ। | ହାଗଡ଼ାହଚିଁ ମାଓ୍ୱା ଓ୍ୱାଡ଼ା ଆଋୟ ଲାପି ମନ୍‌ତା। |
| ଦାନ୍ତରେ | ଦାତେ ଚାବି କରି ଖାଇବାର୍ ହେଇସି। | ପାଲ୍‌କ୍‌ନେ କାସ୍‌କ୍‌ସି ତିନ୍ଦାନା ଆନ୍ଦ୍। |
| ଛିଡ଼ାଇ | କଟ୍‌ରା ଆନେ ଡର୍ ଛିଡ଼୍‌ଲା। | ଚ଼ାସେରତେ ମହସ୍ ଦାଗ୍‌ତ। |
| ଆଡ଼କୁ ବାଟେ | ବାଟେ ନାଦେଖ୍। | ହାରିତେହୁଡ୍‌ମା। |
| ଧରିପକା | ତୁଇ ବନ୍ଦେ ଥାନୁ ମାଛ ମନ ଧରିପକା। | ନିମାବାନ୍ଦାତେ ମିନ୍‌କୁନ୍ ପାୟା। |
| ଜୋର | ତାକେ ଜବାର୍ ମାଡ ବାଜ୍‌ଲା ଆଚେ। | ଅନଜାଦା ମାଡ୍ ଆତା। |
| ଟାଣିଲା | ସେ ବନ୍ଦ୍ ଭିତର୍ ଥନ୍‌ନୁପଦାୟ୍ ଝିକ୍‌ଲା। | ଅଡ୍ ବାନ୍ଧା ଲାପାଡାହ୍ ବାହ୍‌ଡି ବିଡିଙ୍ଗ୍‌ତୁଡ଼୍। |
| ପାଟି କରୁଥାଏ | ଆୟ୍ ମଦ୍ ଖାଇକରି ଜବର୍ କଲାର୍ ହେଲାନି | ଓଡ୍ ଦାଡ଼ଙ୍ଗ ଉଞ୍ଜି ଚିଚ୍‌ୟାହ୍ କିନ୍ତଡ଼ା। |
| ଧଇଁସଇଁ | ଆୟ ଜବର୍ କାମ୍ କରି ଫର ଫର ଫୁଣ୍ଡ୍‌ଲାନି | ଅଡ୍ ଜାଦା କାମ୍ କିସି ସେଁସେଁ ଆତଡ଼। |
| ତଥାପି | ମୁଇଁ ତକେ କଇଲି ହେଲେ ମିଶା ଆଇଲୁସ୍ ଆକା। | ନନ୍ନା ନିକୁନ୍ ଇତାନ୍ ଗଲା ନିମାପେର୍ ଓ୍ୱାତନି। |
| ଲାଗିଗଲେ | ଗାଦଲା ମନଜାମ ଗଚେ ମିସ୍‌ଲାୟେ। | ଗେଦୁରକ୍ ଲେଣ୍ଡି ମଡଡାତେ ମିଶେମାତୁଁ। |
| କୁକକୁ | ଗାଡ଼ ପାଲିକେ ନାଯିବାର୍ ମଗର୍ ମନ୍ ରେବାୟ୍। | ନନ୍ଦି ଧଡିତେ ହନ୍ଦାନା ଆୟ ମଗଡାଲିଁ ମନ୍ଦାନୁଁ। |
| ଆଣିଲେ | ତାଙ୍କର ଘରେ ନୂଆ ଗାଡ଼ି ଗଟେକ୍ ଆନ୍‌ଲାୟ୍। | ଆଦଲତେ ପୁନା ମଟର ଉଣ୍ଡାନ୍ ତତଡ୍। |
| ସେତେବେଳେ | ସେଡ୍‌କିବେଲା ତୁଇ କନ୍ତି ଜାଇ ରେଲୁସ୍। | ଆଚେକା ନିମ୍ମା ବଗା ହଞ୍ଜି ମତନ୍। |
| ଖବର | ତାର୍ ଖବର୍ ଶୁନି କରି ମକେ ବଡ଼େ ଦୁଃଖ ଲାଗ୍‌ଲା। | ଓ୍ୱନା ଖବର୍ କେଞ୍ଜ୍ ନାକୁନ ଆଋୟ ଦୁଃଖ ଲାଗ୍‌ତ। |
| ସେଠାକୁ | ମୁଇଁ ଆୟମାନେ ଜାଇ ରେବି। | ନନ୍ନା ଆଗା ହଞ୍ଜି ମନ୍ଦ୍‌କା। |
| ମିଶିବାକୁ | ମୋକେ ଡଉଲ୍ ଲୋକ୍ ମନ୍ ସଙ୍ଗେ ମିଶ୍‌ବାକେ ଭଲ୍ ଲାଗ୍‌ସି । | ନାକୁନ୍ ଆଛା ମାନେୟ ସଙ୍ଗ୍ ମିଶେମାଇଲା ବନେ ଲାଗଲ୍। |
| ବଞ୍ଚାଇଲା | ସେ ଗଛ ଗଟେକ୍ ଜିଆଇଲା। | ଆଦ୍ ମଡ୍‌ଡା ଉଣ୍ଡାନ୍ ପିସ୍‌ତ୍। |
| ଲାଜରେ | ସେ ଲାଜ୍‌କେ ପାଦାୟେ ନାଭାରଲାନି। | ଆଦ୍ ଲାଜ୍‌କା ବାହ୍‌ଡି ପାସ୍‌ୟୋ। |
| ନଇଁ ଗଲା | ସେ ଗଛ୍ ଗଟେକ୍ ତଲେ ନୁଇଁଗାଲା। | ଆଦ୍ ଉଣ୍ଡି ମାଡା ଲିଦ୍‌ତା। |
| ଭାଇ | ଭାଇ ସଙ୍ଗେ ମିଶି ବିଡ଼ି କାରି ରେବାର୍। | ଦାଦାନ୍ ସଙ୍ଗେ ମିଶେମାସି ମାନ୍ଧାନା ଆନ୍ଦ୍ । |